ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୭/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, August 7/2025 Page 14 ₹ 7.00
୫୧ଶ ଭାଗ ୨୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 253 ମୂଲ୍ୟ ₹୭/-

DSPL-195



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

सत्यमेव जयते



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ** ଙ୍କ
କରକମଳରେ

# ଜାତୀୟ ହସ୍ତତନ୍ତ ଦିବସ ୨୦୨୫
# ଓଡ଼ିଶା

ଓଡ଼ିଶାର ହସ୍ତତନ୍ତ- ଐତିହ୍ୟର ସୂତ୍ରଧାର

**EKTA**
EXHIBITION CUM
KNOWLEDGE SHARING
FOR TEXTILE ADVANTAGE

**୦୭ - ୧୩ ଅଗଷ୍ଟ ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର**

ଗରିମାମୟ ଉପସ୍ଥିତି

**ଶ୍ରୀ ପ୍ରଦିପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ ଓ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ

**ଶ୍ରୀମତୀ ମାଧୁରୀ ଦୀକ୍ଷିତ୍ ନେନେ**
ବଲିଉଡ୍ ତାରକା

ପ୍ରଦର୍ଶନୀ | ଜ୍ଞାନ ଆଦାନ-ପ୍ରଦାନ ଅଧିବେଶନ | ଫ୍ୟାଶନ୍ ଶୋ
ସାଂସ୍କୃତିକ ସନ୍ଧ୍ୟା | ଲେଜର ଶୋ | ଏ. ଆଇ ଟ୍ରାଏଲ୍ ରୁମ୍
ସ୍ୱତନ୍ତ୍ର ସଂସ୍ଥାପନ | ସୁସ୍ୱାଦ ବ୍ୟଞ୍ଜନ କେନ୍ଦ୍ର | ଶିଶୁ କ୍ରୀଡ଼ା କେନ୍ଦ୍ର

ଆୟୋଜକ
ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ସହଯୋଗରେ
ବସ୍ତ୍ର ମନ୍ତ୍ରାଳୟ, ଭାରତ ସରକାର

OIPR-31003/13/0024/2526

# ଜାପାନ, ଚାଇନା ଯିବେ ମୋଦି

**ନୂଆଦିଲ୍ଲୀ,୬।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୨୯ରୁ ଜାପାନ ଓ ଚାଇନା ଗସ୍ତ କରିପାରନ୍ତି ବୋଲି ବୁଧବାର ଜଣାପଡ଼ିଛି। ମୋଦି ପ୍ରଥମେ ଜାପାନ ଗସ୍ତ କରି ସେଠାରେ ତାଙ୍କ ପ୍ରତିପକ୍ଷ ଶିଗେରୁ ଇଶିବାଙ୍କ ସହ ବାର୍ଷିକ ସମ୍ମିଳନୀରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଜାପାନରୁ ଚାଇନା ଯାଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ବାର୍ଷିକ ସମ୍ମିଳନୀରେ ସାମିଲ ହେବେ ବୋଲି କୁହାଯାଉଛି। ଲଦାଖର ଗଲୱାନ୍ ସଂଘର୍ଷ ପରେ ଏହା ମୋଦିଙ୍କ ପ୍ରଥମ ଚାଇନା ଗସ୍ତ ହେବ। ତେବେ ଏନେଇ ସରକାରୀ ସୂତ୍ରରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ମୋଦି ଏହା ପୂର୍ବରୁ ୨୦୧୯ରେ ଚାଇନା ଗସ୍ତ କରିଥିଲେ। ସେହିପରି ୨୦୨୪ ଅକ୍ଟୋବରରେ କଜାନ୍‌ରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଅବସରରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ରୁଷିଆଠାରୁ ତୈଳ ନ କିଣିବା ପାଇଁ ଚାପ ପକାଉଥିବାବେଳେ ମୋଦିଙ୍କ ଏହି ଗସ୍ତକୁ କୂଟନୈତିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

# ଶିକ୍ଷାରୁ ବଞ୍ଚିତ ଅନାଥ ପିଲାଙ୍କ ସର୍ଭେ କରାଅ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୬।୮**

ଶିକ୍ଷାରୁ ବଞ୍ଚିତ ଅନାଥ ପିଲାଙ୍କ ସର୍ଭେ କରାଇବା ପାଇଁ ବୁଧବାର ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଏପରି ପିଲାଙ୍କ ତଥ୍ୟ ୨୦୨୭ରେ ଆରମ୍ଭ ହେବାକୁ ଥିବା ଆଗାମୀ ଜନଗଣନାରେ ସାମିଲ କରିବା ଉପରେ ବିଚାର ଲାଗି କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଅନାଥ ପିଲାଙ୍କୁ ସୁରକ୍ଷା ଦେବାରେ ପର୍ଯ୍ୟାପ୍ତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇବା ସହ ଏନେଇ ବିଚାର କରିବାକୁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ହେଲିକପ୍ଟର ଦୁର୍ଘଟଣାରେ ଘାନା ପ୍ରତିରକ୍ଷା, ପରିବେଶ ମନ୍ତ୍ରୀଙ୍କ ସମେତ ୮ ମୃତ

**ଆକ୍ରା, ୬।୮**

ଘାନାରେ ଏକ ହେଲିକପ୍ଟର ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରେ ଦେଶର ପ୍ରତିରକ୍ଷା ଏଡ୍‌ୱାର୍ଡ ଓମାନେ ବୋମାହ ଓ ପରିବେଶ ମନ୍ତ୍ରୀ ବ୍ରାହିମ ମୁରତାଲା ମହମ୍ମଦ ରହିଛନ୍ତି। ସେନାର ଜେଡ୍-୯ ହେଲିକପ୍ଟରଟି ଘାନାର ରାଜଧାନୀ ଆକ୍ରାରୁ ଦେଶର ଏକ ସୁନାଖଣି ଅଞ୍ଚଳ ଭାବେ ପ୍ରସିଦ୍ଧ ଓବୁଆସି ସହରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଏନେଇ ଘାନା ସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ।

# ଶ୍ୱଶୁରଘର ନିର୍ଯାତନାରୁ ମହିଳାଙ୍କ ଆତ୍ମହତ୍ୟା

**ଲକ୍ଷ୍ନୌ, ୬।୮**

ୟୁପିର ଲକ୍ଷ୍ନୌରେ ମଧୁ ସିଂ (୩୨) ଶ୍ୱଶୁର ଘର ଲୋକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ନୌସ୍ଥିତ ଶ୍ୱଶୁର ଘରୁ ତାଙ୍କ ଝୁଲନ୍ତା ମୃତଦେହକୁ ଜବତ କରାଯାଇଛି। ମଧୁ ଗତ ଫେବୃଆରୀ ୨୫ରେ ମର୍ଚ୍ଚାଣ୍ଟ ନାଭି ଅଧିକାରୀ ଅନୁରାଗ ସିଂଙ୍କୁ ବିବାହ କରିଥିଲେ। ଅନୁରାଗ ଏବଂ ଶ୍ୱଶୁର ଘର ଲୋକ ଯୌତୁକରେ ୧୫ ଲକ୍ଷ ଟଙ୍କା ଦାବିକରି ମଧୁଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ ଏବଂ ତାଙ୍କ ମାଡ଼ ମାରୁଥିଲେ ବୋଲି ମଧୁଙ୍କ ବାପା ଫତେହ ବାହାଦୁର ସିଂ କହିଛନ୍ତି। ଅନୁରାଗ ମଧୁଙ୍କୁ ହତ୍ୟା କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ତେବେ ରଶିରେ ଝୁଲି ମଧୁଙ୍କ ମୃତ୍ୟୁ ଘଟିଥିବା ନେଇ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଅଭିଯୋଗ ଆଧାରରେ ପୋଲିସ ଅନୁରାଗଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ବିବାହ ପରେ ମଧୁ ଗର୍ଭବତୀ ହୋଇଥିଲେ ମଧ ଗର୍ଭପାତ କରିବାକୁ ତାଙ୍କୁ ବାଧ କରାଯାଇଥିଲା ବୋଲି ବାହାଦୁର କହିଛନ୍ତି। ସେହିପରି ବିବାହ ପରେ ମଧ୍ୟ ଅନୁରାଗ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କରେ ଥିଲେ। ନିକଟରେ ସେ ନିଜ ପୂର୍ବତନ ପ୍ରେମିକାଙ୍କ ସହ ଏକ ହୋଟେଲରେ ରାତି ବିତାଇଥିଲେ ବୋଲି ବାହାଦୁର ଅଭିଯୋଗ କରିଛନ୍ତି।



ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଳି ଗ୍ରାମରେ ଉଦ୍ଧାରକାର୍ଯ୍ୟ କରାଯାଉଛି।

# ଧରାଳି ଗ୍ରାମରୁ ୧୯୦ ଉଦ୍ଧାର

**ଉତ୍ତରକାଶୀ, ୬।୮**

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଧରାଳି ଗ୍ରାମରେ ମଙ୍ଗଳବାର ବାଦଲଫଟା ବର୍ଷା ଯୋଗୁ ହୋଇଥିବା ପ୍ରଳୟଙ୍କାରୀ ବନ୍ୟାରେ ଅନେକ ଘର ଏବଂ ହୋଟେଲ ଭାସିଯାଇଥିଲା। ଏହି ବିପର୍ଯ୍ୟୟରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିବା ନେଇ ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ( ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍), ଇଣ୍ଡୋ ଟିବେଟାନ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ବୁଧବାର ବନ୍ୟା ପ୍ରଭାବିତ ଧରାଳି ଗ୍ରାମରୁ ୧୯୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨ ଜଣଙ୍କର ମୃତଦେହ ମିଳିଛି। ରାସ୍ତା ଏବଂ ଅନେକ ଘର ଭୁଶୁଡ଼ି ପଡ଼ିଥିବା ଯୋଗୁ ଏହା ତଳେ ଅନେକ ଲୋକ ଏବେ ମଧ୍ୟ ଫସି ରହିଥିବାର ଆଶଙ୍କା କରାଯାଉଛି।

## ଏବେ ବି ଅନେକ ନିଖୋଜ

ତେବେ ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହେଉଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ଲଗାତର ଭୂସ୍ଖଳନ ଯୋଗୁ ଋଷିକେଶ-ଉତ୍ତରକାଶୀ ରାଜପଥ ଅବରୋଧ ହୋଇରହିଛି। ଅନ୍ୟପକ୍ଷେ, ଗଙ୍ଗୋତ୍ରୀ ଧାମରେ ଫସିରହିଥିବା ପର୍ଯ୍ୟଟକମାନଙ୍କୁ ନେଲଙ୍ଗ ଉପତ୍ୟକା ଦେଇ ସ୍ଥାନାନ୍ତର କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର କରାଯିବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ଉତ୍ତରାଖଣ୍ଡକୁ ଭ୍ରମଣ ପାଇଁ ଆସିଥିବା କେରଳର ଏକ ୨୮ ଜଣିଆ ପର୍ଯ୍ୟଟକ ଦଳ ନିଖୋଜ ରହିଛନ୍ତି। ଶେଷଥର ପାଇଁ ଉତ୍ତରକାଶୀ ଜିଲାରେ ଥିବା ସମୟରେ ସେମାନଙ୍କ ସହ ସମ୍ପର୍କ ହୋଇଥିବା ନେଇ ସମ୍ପର୍କୀୟମାନେ କହିଛନ୍ତି।

# ଇସିଙ୍କୁ ବିବରଣୀ ମାଗିଲେ ସୁପ୍ରିମକୋର୍ଟ

## ବିହାର ଏସ୍‌ଆଇଆର୍: ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି ୬୫ ଲକ୍ଷ ମତଦାତା

**ନୂଆଦିଲ୍ଲୀ,୬।୮**

ବିହାରବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ଚଳାଇଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ଯୋଗୁ ଭୋଟର ଚିଠା ତାଲିକାରୁ ୬୫ ଲକ୍ଷ ମତଦାତା ବାଦ୍ ପଡ଼ିଛନ୍ତି। ସୁପ୍ରିମକୋର୍ଟ ବୁଧବାର ସେମାନଙ୍କ ବିବରଣୀ ଆସନ୍ତା ୯ ତାରିଖ ସୁଦ୍ଧା ଦାଖଲ ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଉଜ୍ଜ୍ୱଳ ଭୂୟାଁ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସିଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କୁ କହିଛନ୍ତି, ଡିଲିଟ୍ ହୋଇଥିବା ଭୋଟରଙ୍କ ବିବରଣୀ, ରାଜନୈତିକ ଦଳଗୁଡ଼ିକୁ ପ୍ରଦାନ କରାଯାଇଥିବା ତଥ୍ୟ ଦାଖଲ କରନ୍ତୁ। ଏଥିସହ ଆବେଦନକାରୀ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍)କୁ ମଧ୍ୟ ଏହାର ଏକକିତା ନକଲ ପ୍ରଦାନ କରିବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଡିଆର୍ ନିର୍ବାଚନ କମିଶନଙ୍କ ଜୁନ୍ ୨୪ର ଏସ୍‌ଆଇଆର୍ ଅର୍ଡରକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଇସିଙ୍କୁ ୬୫ ଲକ୍ଷ ଭୋଟରଙ୍କ ନାମ ପ୍ରକାଶ ପାଇଁ ନିର୍ଦ୍ଦେଶଦେବାକୁ ସାନି ଆବେଦନ କରିଥିଲା। ଚିଠା ଭୋଟର ତାଲିକାରୁ ଏହି ମତଦାତାମାନେ ବାଦ୍ ପଡ଼ିବା ପଛର କାରଣ କ’ଣ? ସେମାନେ ମୃତ, ସ୍ଥାୟୀ ଭାବେ ଅନ୍ୟତ୍ର ପଳାୟନ କରିଛନ୍ତି ନା ଏହା ପଛରେ ଆଉ କିଛି କାରଣ ରହିଛି ବୋଲି ଏଡିଆର୍ ଜାଣିବାକୁ ଚାହିଁଥିଲା। ଏଡିଆର୍ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ଖଣ୍ଡପୀଠ କହିଥିଲେ, ଡିଲିଟ୍‌ର କାରଣ ପରବର୍ତ୍ତୀ ସମୟରେ ସାମ୍ନାକୁ ଆସିବ। ତେବେ କେତେକ ରାଜନୈତିକ ଦଳକୁ ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ପ୍ରଦାନ କରାଯାଇଛି ଏବଂ ସେହି ମତଦାତାମାନେ ମୃତ ନା ଜୀବିତ ତାହା ସେଥିରେ ଉଲ୍ଲେଖ କରାଯାଇ ନାହିଁ ବୋଲି ପ୍ରଶାନ୍ତ କହିଥିଲେ। ଖଣ୍ଡପୀଠ ଇସିଙ୍କ ଓକିଲଙ୍କୁ କହିଥିଲେ, ପ୍ରଭାବିତ ହେଉଥିବା ପ୍ରତ୍ୟେକ ଭୋଟରଙ୍କ ବିଷୟରେ ଆମେ ଅନୁଧ୍ୟାନ କରିବୁ। କମିଶନ ଶନିବାର ସୁଦ୍ଧା ଏହା ଉପରେ ଜବାବ ଦାଖଲ କରନ୍ତୁ। ପ୍ରଶାନ୍ତ ଭୂଷଣ ଏହାକୁ ଦେଖନ୍ତୁ। ତା’ପରେ ଆମେ ଏହାକୁ ଦେଖିବୁ। ଖଣ୍ଡପୀଠ ଅଗଷ୍ଟ ୧୨ ଓ ୧୩ରେ ଏସ୍‌ଆଇଆର୍ ବିରୋଧୀ ୧୦ରୁ ଊର୍ଦ୍ଧ୍ୱ ଆବେଦନର ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

# ସଂସଦରେ ଇଣ୍ଡିଆ ବ୍ଲକ୍ ଏକାଠି




ପାର୍ଲାମେଣ୍ଟ ପରିସରରେ ବୁଧବାର କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଶିବସେନା (ୟୁବିଟି)ର ସଞ୍ଜୟ ରାଉତ, ଏନ୍‌ସିପି-ଏସ୍‌ପି ସଦସ୍ୟା ସୁପ୍ରିୟା ସୁଲେ ଏବଂ ଟିଏମ୍‌ସିର କାକୋଲି ଘୋଷ ଦସ୍ତିଦାର ବିହାର ଏସ୍‌ଆଇଆର୍ ବିରୋଧରେ ବିକ୍ଷୋଭ କରୁଛନ୍ତି।

ବିହାର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏସ୍‌ଆଇଆର୍‌କୁ ନେଇ ସଂସଦରେ ଅଚଳାବସ୍ଥା ଜାରି ରହିଥିବାବେଳେ ଏହି ପ୍ରସଙ୍ଗରେ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ଏକଜୁଟ୍ ରହିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ରାଜ୍ୟ ସଭାର ବିରୋଧୀ ଦଳ ନେତା ଖାର୍ଗେ ବିଜୟ ଚୌକରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତକରି କହିଛନ୍ତି, ସମସ୍ତ ଭାରତୀୟଙ୍କ ମତଦାନ ଅଧିକାର ସୁରକ୍ଷିତ ରହିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀମାନେ ସେମାନଙ୍କ ଭୋଟିଂ ଅଧିକାର ହରାଇବା ନେଇ ଚିନ୍ତିତ। ଆମେ ପାର୍ଲାମେଣ୍ଟରେ ଏସ୍‌ଆଇଆର୍ ଉପରେ ଆଲୋଚନା ଚାହୁଁଛୁ। ତେବେ ସରକାର ଏଥିପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଖାର୍ଗେ କହିଛନ୍ତି। ଏହା ପୂର୍ବରୁ ଲୋକ ସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବିହାର ଏସ୍‌ଆଇଆର୍ ପ୍ରସଙ୍ଗ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ଏହା ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି କହିଥିଲେ। ତେବେ ଅଚଳାବସ୍ଥା ଦୂର ପାଇଁ ନିର୍ବାଚନୀ ସଂସ୍କାର ଉପରେ ବିତର୍କ କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ପ୍ରସ୍ତାବ ଦେଇଛନ୍ତି।

# ଶ୍ୱେତା ମେନନ୍‌ଙ୍କ ନାଁରେ ମାମଲା



**ଏର୍ନାକୁଲମ, ୬।୮**

ଅଶ୍ଳୀଳତାର ପ୍ରସାର କରୁଥିବା ଅଭିଯୋଗରେ ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ଶ୍ୱେତା ମେନନ୍‌ଙ୍କ ବିରୋଧରେ ବୁଧବାର କେରଳର ଏର୍ନାକୁଲମ ସେଣ୍ଟ୍ରାଲ ପୋଲିସ ଷ୍ଟେଶନରେ ଏକ ମାମଲା ରୁଜୁ ହୋଇଛି। କେତେକ ଫିଲ୍ମ ଏବଂ ବିଜ୍ଞାପନରେ ଶ୍ୱେତା ଅଶ୍ଳୀଳତା ପ୍ରଦର୍ଶନ କରିଥିବାର ଦାବିକରି ସ୍ଥାନୀୟ ବାସିନ୍ଦା ମାର୍ଟିନ ମେନାଚାରୀ ଏର୍ନାକୁଲମ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟରେ ଏକ ଅଭିଯୋଗ ଦାଖଲ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଶ୍ୱେତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ କୋର୍ଟ ଏର୍ନାକୁଲମ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ୱେତା ପ୍ରଚୁର ଅର୍ଥ ରୋଜଗାର କରିବା ପାଇଁ ବିଭିନ୍ନ ଫିଲ୍ମ ଏବଂ ବିଜ୍ଞାପନରେ ଆପତ୍ତିଜନକ ଦୃଶ୍ୟ ପ୍ରଦର୍ଶନ କରୁଛନ୍ତି, ଯାହାକୁ ଅନେକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଆଡଲ୍ଟ ୱେବ୍‌ସାଇଟ୍‌ଗୁଡ଼ିକରେ ପ୍ରସାରିତ କରାଯାଉଥିବା ନେଇ ମାର୍ଟିନ ନିଜ ଅଭିଯୋଗରେ ଦର୍ଶାଇଥିଲେ।

# ବିହାରରେ ଟ୍ରମ୍ପ୍‌ଙ୍କ ନାମରେ ଆବାସିକ ପ୍ରମାଣପତ୍ର ଆବେଦନ



फॉर्म/Form - XII
निवास प्रमाण पत्र हेतु आवेदन पत्र
कार्यालय का नाम: अंचल - मोहिउद्दीन नगर, अनुमंडल - पटोरी, जिला - समस्तीपुर, बिहार
आवेदन पत्र संख्या : BRCCO/2025/17989735 आवेदन की तिथि : 29/07/2025

| | |
|---|---|
| 1. आवेदन का प्रकार / Application Type | : ऑनलाइन / Online |
| 2. आवेदक का नाम (Name of Applicant) | : डोनाल्ड जॉन ट्रम्प (Donald John Trump) |
| 3. लिंग / Gender | : पुरुष / Male |
| 4. पिता का नाम (Name of Father) | : फ्रेडरिक क्राइस्ट ट्रम्प (Frederick Christ Trump) |
| 5. पति का नाम (Name of Husband) | : |
| 6. माता का नाम (Name of Mother) | : मैरी ऐनी मैकलियोड (Mary Anne Macleod) |
| 7. आवेदक का मोबाइल संख्या / Mobile No. of Appplicant | : 8000000000 |
| 8. आवेदक का ईमेल / Email of Applicant | : donaldtrumpofficial@gmail.com |
| 9. राज्य / State | : बिहार / Bihar |
| 10. जिला / District | : समस्तीपुर / SAMASTIPUR |
| 11. अनुमंडल / Sub-Division | : पटोरी / PATORI |
| 12. प्रखंड / Block | : मोहिउद्दीन नगर / MOHIUDDINAGAR |
| 13. गाँव (Village) / मोहल्ला (Town) | : Hasanpur |
| 14. ग्राम पंचायत (Village Panchayat) / वार्ड संख्या (Ward No.) | : 13 |

**ସମସ୍ତିପୁର, ୬।୮**

ବିହାରର ସମସ୍ତିପୁର ଜିଲାର ମହିଉଦ୍ଦିନ୍‌ନଗର ବ୍ଲକ୍ କାର୍ଯ୍ୟାଳୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନାମରେ ଜଣେ ବ୍ୟକ୍ତି ଆବାସିକ ପ୍ରମାଣପତ୍ର ପାଇଁ ଅନ୍‌ଲାଇନ ଆବେଦନ କରିଥିବା ମାମଲା ସାମ୍ନାକୁ ଆସିଛି। ଗତ ଜୁଲାଇ ୨୯ରେ କରାଯାଇଥିବା ଏହି ଆବେଦନରେ ଆବେଦକଙ୍କ ନାମ ଡୋନାଲ୍ଡ ଟ୍ରମ୍ପ୍ ଲେଖାଯାଇଥିବାବେଳେ ଆବେଦନ ଫର୍ମରେ ତାଙ୍କର ଏକ ଫଟୋ ମଧ୍ୟ ରହିଥିଲା। ଉକ୍ତ ଆବେଦନରେ ନକଲି ଠିକଣା, ଆଧାର ନମ୍ବର ଏବଂ ବିଭିନ୍ନ ଜରୁରୀ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଆବେଦନକୁ ଖାରଜ କରାଯାଇଛି ଏବଂ ଅଧିକ ତଦନ୍ତ ପାଇଁ ଉକ୍ତ ମାମଲାକୁ ସାଇବର ଥାନାକୁ ହସ୍ତାନ୍ତର କରାଯାଇଛି ବୋଲି ସମସ୍ତିପୁର ଜିଲାପାଳ ସୂଚନା ଦେଇଛନ୍ତି।

# ଶାହାଙ୍କ ବିରୋଧରେ ଟିପ୍ପଣୀ: ରାହୁଲଙ୍କୁ ଜାମିନ

**ଚାଇବାସା, ୬।୮**

ଏକ ମାନହାନି ମାମଲାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଝାଡ଼ଖଣ୍ଡର ଚାଇବାସାସ୍ଥିତ ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୨୦୧୮ ମାର୍ଚ୍ଚ ୧୮ରେ କଂଗ୍ରେସ ଅଧିବେଶନରେ ରାହୁଲ ତତ୍କାଳୀନ ଭାଜପା ରାଷ୍ଟ୍ରୀୟ ସଭାପତି ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀ ଦେଇଥିବା ଅଭିଯୋଗକରି ସ୍ଥାନୀୟ ଭାଜପା ନେତା ପ୍ରତାପ କଟିହାର ରାହୁଲଙ୍କ ବିରୋଧରେ ଏକ ମାନହାନି ମାମଲା ଦାଏର କରିଥିଲେ। ବୁଧବାର ମାମଲାର ଶୁଣାଣି ପାଇଁ ରାହୁଲ ଚାଇବାସାସ୍ଥିତ ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟରେ ହାଜର ହୋଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପରୀକ୍ଷା ପେ ଚର୍ଚ୍ଚା’କୁ ମାସକ ମଧ୍ୟରେ ନାଗରିକ ସହଭାଗିତାର ସର୍ବବୃହତ୍ (୩.୫୩ କୋଟି) ପଞ୍ଜୀକରଣ ମଞ୍ଚର ମାନ୍ୟତା ମିଳିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ ଓ ଜିତିନ୍ ପ୍ରସାଦ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ସାର୍ଟିଫିକେଟ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରୁଛନ୍ତି।



ଗତ ମେ’ରେ ଜର୍ମାନୀରେ ଟିଏମ୍‌ସି ଏମ୍‌ପି ମୋହୁଆ ମୋଇତ୍ର ଓ ବିଜେଡି ନେତା ପିନାକୀ ମିଶ୍ର ବିବାହ କରିଥିଲେ। ଏହି ଦମ୍ପତି ବୁଧବାର ନୂଆଦିଲ୍ଲୀସ୍ଥିତ ହୋଟେଲ ଲଳିତଠାରେ ବିବାହ ଭୋଜି ଦେଇଛନ୍ତି। ଏହି ଅବସରରେ ଉଭୟଙ୍କ ସହ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଏମ୍‌ପି ଡିମ୍ପଲ ଯାଦବ, ପ୍ରିୟା ସରୋଜ ଓ ଅନ୍ୟମାନେ।

# ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କୁ ଚାପୁଡ଼ା: ୯ ବର୍ଷ ପରେ ଦିନକ ପାଇଁ ଜେଲ

**ଠାଣେ, ୬।୮**

ମହାରାଷ୍ଟ୍ରର ଠାଣେରେ ଜଣେ ଟ୍ରାଫିକ ପୋଲିସକୁ ଚାପୁଡ଼ା ମାରିବାର ୯ ବର୍ଷ ପରେ ରମେଶ ଶିତ୍‌କର (୫୨) ନାମକ ଜଣେ ବ୍ୟକ୍ତିଙ୍କୁ ଠାଣେ ସେସନ୍ କୋର୍ଟ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଦିନକ ପାଇଁ ଜେଲ ଦଣ୍ଡାଦେଶ ଦେଇଛନ୍ତି। କୋର୍ଟ ତାଙ୍କ ଉପରେ ୧୦ ହଜାର ଟଙ୍କାର ଜରିମାନା ମଧ୍ୟ ଲଗାଇଛନ୍ତି।

୨୦୧୬ ନଭେମ୍ବର ୧୮ରେ ଠାଣେସ୍ଥିତ କ୍ୟାଡ୍‌ବରୀ ସିଗ୍‌ନାଲରେ ରମେଶ ଟ୍ରାଫିକ ପୋଲିସ କନ୍‌ଷ୍ଟେବଲ ଦିଲୀପ ପାୱାରଙ୍କୁ ଚାପୁଡ଼ା ମାରିଥିଲେ। କ୍ୟାଡ୍‌ବରୀ ସିଗ୍‌ନାଲ ନିକଟରେ ରମେଶ ଦ୍ରୁତ ଗତିରେ କାର୍ ଚଳାଉଥିବା ବେଳେ ସେଠାରେ ଟ୍ରାଫିକ ପୋଲିସ ଭାବେ ନିୟୋଜିତ ଥିବା ଦିଲୀପ ତାଙ୍କୁ ଅଟକାଇଥିଲେ। ଫଳରେ ରମେଶ ଉତ୍‌କ୍ଷିପ୍ତ ହୋଇ କାର୍‌ରୁ ଓହ୍ଲାଇଥିଲେ ଏବଂ ଦିଲୀପଙ୍କୁ ଗାଳିଗୁଲଜ କରି ତାଙ୍କୁ ଅନେକବାର ଚାପୁଡ଼ା ମାରିଥିଲେ। ଘଟଣାକୁ ନେଇ ଦିଲୀପଙ୍କ ଅଭିଯୋଗ ଆଧାରରେ ସ୍ଥାନୀୟ ରାବୋଡ଼ି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୫୩ ଏବଂ ୩୩୨ ଅନୁଯାୟୀ, ଜଣେ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ରମେଶଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ରମେଶଙ୍କ ବିରୋଧରେ ଆଇପିସିର ଧାରା ୫୦୪ ଅନୁଯାୟୀ, ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ପୋଲିସକୁ ଅପମାନ କରିଥିବାର ଅଭିଯୋଗ ପ୍ରମାଣିତ ହୋଇ ନ ଥିଲା। ଗତ ଜୁଲାଇ ୩୧ରେ ଠାଣେ ସେସନ୍ କୋର୍ଟ ରମେଶଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଦିନକ ପାଇଁ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଦଣ୍ଡାଦେଶ ଦେବା ସମୟରେ ଅତିରିକ୍ତ ସେସନ୍ କୋର୍ଟ ବିଚାରପତି ଜି.ଟି. ପାୱାର କହିଛନ୍ତି, ଅଭିଯୁକ୍ତ ରମେଶଙ୍କ ଆଚରଣ, ତାଙ୍କର ଥିବା ସ୍ୱାସ୍ଥ୍ୟ ସମସ୍ୟା ଏବଂ ପାରିବାରିକ ଦାୟିତ୍ୱକୁ ଦୃଷ୍ଟିରେ ରଖି କୋର୍ଟ ଏହି ଦଣ୍ଡାଦେଶକୁ କୋହଳ କରିଛନ୍ତି। ଠାଣେ ସେସନ୍ କୋର୍ଟଙ୍କ ଉକ୍ତ ଦଣ୍ଡାଦେଶର କପି ବୁଧବାର ଉପଲବ୍ଧ ହୋଇଛି।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୭/୨୦୨୫ | Bhubaneswar, Thursday, August 7/2025 | ପୃଷ୍ଠା-୧





**ଭଲ ପ୍ରଦର୍ଶନ ଲକ୍ଷ୍ୟରେ ଶ୍ରାବଣୀ**

କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ହେବାକୁଥିବା ୱାର୍ଲ୍ଡ କଣ୍ଟିନେଣ୍ଟାଲ ୱାର୍ଲ୍ଡ ଟୁର୍‌ରେ ଭଲ ପ୍ରଦର୍ଶନ ପାଇଁ ଆଥଲେଟ୍ ଶ୍ରାବଣୀ ନନ୍ଦ ଆଶାବାଦୀ।

୧୨

୧୧

**ଚିନ୍ତା କରୁଛନ୍ତି ପ୍ରିୟଙ୍କା**

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କିଛି ବର୍ଷ ହେବ ବଲିଉଡ ଠାରୁ ପ୍ରାୟ ଦୂରେଇ ଯାଇଛନ୍ତି। ଏବେ ତାଙ୍କର କାଁଭାଁ ଫିଲ୍ମ ଆସୁଥିବାରୁ ତାହାକୁ ନେଇ ସେ ଚିନ୍ତା ପ୍ରକଟ କରୁଛନ୍ତି।






ଅନୁଗୋଳ ସହର ୮ନଂ. ୱାର୍ଡ ହୁଲୁରସିଂହା ପ୍ରାଇମେରି ସ୍କୁଲ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ରାସ୍ତା ପାର ହେଉଛନ୍ତି। (ଫଟୋ: ବୁବୁ)

# ଟ୍ରମ୍ପ୍ ଟାରିଫ୍: ଭାରତ ଉପରେ ଆଉ ୨୫%

ୱାଶିଂଟନ୍/ନୂଆଦିଲ୍ଲୀ,୬।୮



ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ପୂର୍ବରୁ ୨୫% ଆମଦାନୀ ଶୁଳ୍କ ଘୋଷଣା କରିଥିବାବେଳେ ବୁଧବାର ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି। ନୂଆ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଅନୁସାରେ ଭାରତରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀ ଉପରେ ମୋଟ ୫୦% ଟାରିଫ୍ ଲାଗିବ। ଅଗଷ୍ଟ ୭ରୁ ୨୫% ଟାରିଫ୍ ଲାଗିବାକୁ ଥିବାବେଳେ ଏହାର ୨୧ ଦିନ ପରେ ୫୦% ଟାରିଫ୍ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ଭାରତ ରୁଷିଆଠାରୁ ତୈଳ କିଣିବା ଜାରି ରଖିଥିବାରୁ ଏପରି ଟାରିଫ୍ କଷାଯାଇଛି ବୋଲି ଟ୍ରମ୍ପ୍ ଦର୍ଶାଇଛନ୍ତି।

ପୂର୍ବ ଟାରିଫ୍ ଘୋଷଣାର କିଛି ଘଣ୍ଟା ପରେ ଟ୍ରମ୍ପ୍ ନୂଆ ଏକ୍‌ଜିକ୍ୟୁଟିଭ୍ ଅର୍ଡର ୧୪୦୬୬ରେ ସ୍ୱାକ୍ଷର କରିଛନ୍ତି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ ଏକ ଜାତୀୟ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବା ଏଥିରେ ଘୋଷଣା କରାଯାଇଛି। ଉକ୍ତ ଅର୍ଡରରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ଭାରତ ସରକାର ବର୍ତ୍ତମାନ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ରୁଷୀୟ ସଂଘଠାରୁ ତୈଳ କିଣୁଛି। ଚାଲିଥିବା ଜାତୀୟ ଏମର୍ଜେନ୍ସିର ମୁକାବିଲା ପାଇଁ ଏହି ଟାରିଫ୍ ଆବଶ୍ୟକ ଓ ଉପଯୁକ୍ତ ବୋଲି ଟ୍ରମ୍ପ୍ ଦର୍ଶାଇଛନ୍ତି। ଏଥିଯୋଗୁ ଏକ ସୀମିତ ବ୍ୟତିକ୍ରମ ତାଲିକା ବ୍ୟତୀତ ଅଧିକାଂଶ ଭାରତୀୟ ସାମଗ୍ରୀକୁ ଆମେରିକାକୁ ପ୍ରବେଶ କରିବା ପୂର୍ବରୁ ମୋଟ ୫୦% ଟାରିଫ୍‌ର ସମ୍ମୁଖୀନ ହେବାକୁ ପଡ଼ିବ। ଏହା ପୂର୍ବରୁ ଟ୍ରମ୍ପ୍ ରୁଷିଆରୁ ଭାରତ ବିପୁଳ ପରିମାଣର ତୈଳ କିଣିବା ସହ ତାକୁ ବିକି ବଡ଼ ଲାଭ ପାଉଥିବା ଦର୍ଶାଇ ନୂଆଦିଲ୍ଲୀ ଉପରେ କଡ଼ା ଟାରିଫ୍ କଷିବା ନେଇ ଘୋଷଣା କରିଥିଲେ। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପଦକ୍ଷେପକୁ ସୋମବାର ଭାରତ ଅଯୌକ୍ତିକ ଓ ଅଯଥାର୍ଥ ଦର୍ଶାଇଥିଲା। ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ରୁଷିଆ ସହ ସମ୍ପର୍କ ଜାରି ରଖିଥିବାବେଳେ ଭାରତ ବିରୋଧୀ ପଦକ୍ଷେପକୁ ଦୋମୁହାଁ ନୀତି ବୋଲି କହିଥିଲା।

# ସାତକୋଶିଆରେ ବେଆଇନ ନିର୍ମାଣର ତଦନ୍ତ ନିର୍ଦ୍ଦେଶ

## ରାଜ୍ୟ, କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୬।୮




ଓଡ଼ିଶାର ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ବେଆଇନ ନିର୍ମାଣର ତଦନ୍ତ ପାଇଁ ବୁଧବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ନିର୍ମାଣ ଓ ପର୍ଯ୍ୟଟନ ପ୍ରକଳ୍ପ ପ୍ରତିଷ୍ଠା ସକାଶେ ପ୍ରଦାନ କରାଯାଉଥିବା ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି)କୁ ଚ୍ୟାଲେଞ୍ଜକରି ଦାଖଲ ହୋଇଥିବା ଏକ ପିଟିଶନର ଶୁଣାଣିକରି କେନ୍ଦ୍ର ସରକାର, କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି (ସିଇସି), ରାଜ୍ୟ ସରକାର ଓ ଅନ୍ୟ କର୍ତ୍ତୃପକ୍ଷମାନଙ୍କୁ ସର୍ବୋଚ୍ଚ ଅଦାଲତ ନୋଟିସ ଜାରି କରିଛନ୍ତି।

ଅନୁଗୋଳ ଓ ନୟାଗଡ଼ ଜିଲାରେ ସାତକୋଶିଆ ଅଭୟାରଣ୍ୟ ଅବସ୍ଥିତ। ମହାନଦୀର ଗୋଟିଏ ପାର୍ଶ୍ୱରେ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ରହିଥିବାବେଳେ ଅନ୍ୟ ପାର୍ଶ୍ୱରେ ବୈସିପଲ୍ଲୀ ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଛି। ୧,୧୩୬.୭୦ ବର୍ଗ କି.ମି. ଅଞ୍ଚଳରେ ବିସ୍ତୃତ ଏହି ଅଭୟାରଣ୍ୟ ୧୯୭୬ରେ ପ୍ରତିଷ୍ଠା କରାଯାଇଥିଲା। ୧୯୯୦ରେ ଏହାକୁ ବ୍ୟାଘ୍ର ଅଭୟରାଣ୍ୟର ମାନ୍ୟତା ମିଳିଥିଲା। ଏହି ଜଙ୍ଗଲରେ ଏସୀୟ ହାତୀ, ଘଡ଼ିଆଳ ଓ ମଗର କୁମ୍ଭୀର ଆଦି ଅନେକ ବିଲୁପ୍ତପ୍ରାୟ ପ୍ରାଣୀ ବସବାସ କରନ୍ତି। ତେବେ ବିଭିନ୍ନ ପ୍ରଜାତିର ଜଳଜୀବ ଓ ଜୈବବିବିଧତା ପରିପୂର୍ଣ୍ଣ ଏହି ଅଞ୍ଚଳରେ ଇତିମଧ୍ୟରେ ଅନେକ ବେଆଇନ ☞ପୃଷ୍ଠା-୨

# ଜଳିଗଲେ ଛାତ୍ରୀ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ କରିବା ଓ ବଳଙ୍ଗା ଛାତ୍ରୀ ସମିଦା ଖାତୁନ୍ ପୋଡ଼ିହୋଇ ଆଖିବୁଜିବା ଘଟଣା ରାଜ୍ୟ ତଥା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ବୁଧବାର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ଆଉ ଜଣେ ଛାତ୍ରୀ ଜଳିଯାଇଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଯୁକ୍ତ୩ ଶେଷବର୍ଷ ଛାତ୍ରୀ ସଙ୍ଗୀତା ପରିଡ଼ା(୨୦) ନିଜ ଘରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି। ତେବେ ସେ ଆତ୍ମାହୁତି ଦେଇଛନ୍ତି, ନା ତାଙ୍କୁ କେହି ଜାଳିଦେଇଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ଅଶୋକ ନାମକ ଜଣେ ଯୁବକ ସଙ୍ଗୀତାଙ୍କୁ ବାରମ୍ବାର ବ୍ଲାକ୍‌ମେଲିଂ କରିବା ସହିତ ମାନସିକ ନିର୍ଯାତନା ଦେଉଥିବାରୁ ସେ ଆତ୍ମାହୁତି ଦେଇଥିବା ତାଙ୍କ ବାପା ଶଶିକାନ୍ତ ପରିଡ଼ା ଅଭିଯୋଗ କରିଛନ୍ତି। ସଙ୍ଗୀତା ବ୍ଲାକ୍‌ମେଲିଂ ସଂକ୍ରାନ୍ତରେ ୬ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସେ ଚିନ୍ତାଗ୍ରସ୍ତ ଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ସଙ୍ଗୀତା ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା କହିଛନ୍ତି।



ସଙ୍ଗୀତା ପରିଡ଼ା

**ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ**

- **ଜଣେ ଯୁବକଙ୍କ ବ୍ଲାକ୍‌ମେଲିଂ ଅସହ୍ୟ ହେବାରୁ ଝିଅ ଜୀବନ ଗଲା**
- **ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ଚୁପ୍ ବସିଥିଲା**

ପଟ୍ଟାମୁଣ୍ଡାଇ/ କେନ୍ଦ୍ରାପଡ଼ା,୬।୮
(କଳ୍ପତରୁ ନାୟକ/ଜଗନ୍ନାଥ ଧଳ)

ମା'ବାପା ବୁଧବାର ଅପରାହ୍ନରେ କୌଣସି କାମରେ ପଟ୍ଟାମୁଣ୍ଡାଇ ବଜାରକୁ ଯାଇଥିବାବେଳେ ଘରେ ଏକୁଟିଆ ଥିବା ଛାତ୍ରୀ ସଙ୍ଗୀତା ଜଳିଯାଇଥିଲେ। ପଡ଼ୋଶୀମାନେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ୩ ଘଣ୍ଟା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ କୌଣସି ସୂତ୍ରରୁ ଖବର ପାଇବା ପରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି, ତାହାର ତଦନ୍ତ କରିବା ସହ କେବେ ଓ କେଉଁ ଥାନାରେ ସେ ଅଭିଯୋଗ କରିଥିଲେ, ତା'ର ଯାଞ୍ଚ କରି ରିପୋର୍ଟ ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତି ଓ ପରିବାର ଲୋକଙ୍କ ବୟାନ ଆଧାରରେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆଜି ସିଏସ୍‌ସିକୁ ପଠାଯାଇଛି। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପାରେଶ୍ୱର ସେଠୀ କହିଛନ୍ତି, ☞ପୃଷ୍ଠା-୨

# ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ପାଇଁ ୭୫% ଉପସ୍ଥାନ ବାଧ୍ୟତାମୂଳକ

ଭୁବନେଶ୍ୱର,୬।୮ (ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୨୦୨୬ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଏହି ଦୁଇ ଶ୍ରେଣୀର ବାର୍ଷିକ ବୋର୍ଡ ପରୀକ୍ଷା ଦେବା ପାଇଁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ୭୫% ଉପସ୍ଥାନ ବାଧ୍ୟତାମୂଳକ ହେବ। କମ୍ ଉପସ୍ଥାନ ଥିବା ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷା ଦେଇପାରିବେ ନାହିଁ। ଜାନୁଆରୀ ୭ ସୁଦ୍ଧା ବିଦ୍ୟାଳୟଗୁଡିକ ☞ପୃଷ୍ଠା-୨


**ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ**

ପୃଷ୍ଠା-୯



**ଆଜିର ସମ୍ପାଦକୀୟ**

**ବିଶ୍ୱାସରେ ଅନ୍ତିମ ସଂସ୍କାର**


# ସବୁ ଦୋକାନରେ ଝୁଲିବ ଓଡ଼ିଆ ସାଇନ୍‌ବୋର୍ଡ

ଭୁବନେଶ୍ୱର,୬।୮
(ରବିନାରାୟଣ ଜେନା)

- **ନ ମାନିଲେ ଦୈନିକ ୫୦୦ ଜରିମାନା**
- **ମାନିଲେ ୫୦ ପ୍ରତିଶତ ରିହାତି**

ରାଜ୍ୟର ସମସ୍ତ ପୌରାଞ୍ଚଳ, ମହାନଗର ନିଗମ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରୁ ସାଇନ୍‌ବୋର୍ଡ ଏଣିକି ଓଡ଼ିଆରେ ଲେଖାଯିବ। ଏହି ନିୟମ କଡ଼ାକଡ଼ି ପାଳନ କରାଯିବ। ଯେଉଁମାନେ ଏହାକୁ ନ ମାନିବେ ସେମାନଙ୍କୁ ଦୈନିକ ୫୦୦ ଟଙ୍କା ଲେଖାଏ ଜରିମାନା କରାଯିବ ବୋଲି ବୁଧବାର ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସମସ୍ତ ମହାନଗର ନିଗମ ଆୟୁକ୍ତ, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ପ୍ରମୁଖ ସଚିବ ପାଢ଼ୀ ପ୍ରଦାନ କରିଥିବା ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଭାଷାଗତ ଐତିହ୍ୟକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଅନୁସରଣ କରି ଓଡ଼ିଆ ଭାଷା ଲିପିର ବ୍ୟବହାରକୁ ସୁନିଶ୍ଚିତ କରିବା ଦିଗରେ ବିଭାଗ ଗୁରୁତ୍ୱ ଦେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସମସ୍ତ ମହାନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକ ଅଧୀନରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ସାଇନ୍‌ବୋର୍ଡରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିଶ୍ଚିତ ଭାବେ ସାଇନ୍‌ବୋର୍ଡ କ୍ଷେତ୍ରଫଳର ୬୦ ପ୍ରତିଶତ ଭାଗରେ ଓଡ଼ିଆ ଭାଷା ବ୍ୟବହାର କରିବେ, ଯଦ୍ଦ୍ୱାରା ଓଡ଼ିଆ ଭାଷାର ଦୃଶ୍ୟମାନତା ବୃଦ୍ଧି ହେବା ସହ ଜନସାଧାରଣଙ୍କୁ ସୁବିଧାଜନକ ହୋଇପାରିବ। ☞ପୃଷ୍ଠା-୨

# ଇତିହାସ ରଚିଲେ ସାଇ ସ୍ୱରୂପ

## ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀଭାବେ ଜିତିଲେ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)

ଓଡ଼ିଶା ସନ୍ତରଣ ପାଇଁ ବୁଧବାର ଆସିଛି ଏକ ବଡ଼ ଖବର। ରାଜ୍ୟର ପ୍ରଥମ ପୁରୁଷ ସନ୍ତରଣକାରୀଭାବେ ସାଇ ସ୍ୱରୂପ ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି। ଅହମଦାବାଦର ନାରାୟଣପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୫୧ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ସେ ୨:୩୧.୫୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ ସେ ଓଡ଼ିଶାର ଦ୍ୱିତୀୟ ପୁରୁଷ ସୁଇମର ଭାବେ ଏହି ପ୍ରତିଯୋଗିତାର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ୩୨.୯୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ବରୁ ୧୯୯୦ରେ ରଙ୍କନିଧି ସେଠ୍ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଜାତୀୟ ସୁଇମିଂରୁ ପଦକ ଜିତିଥିଲେ ସାଇ ସ୍ୱରୂପ। ଏବେ ସ୍ୱର୍ଣ୍ଣ ପଦକ ଜିତି ସେ ନିଜ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ନୂଆ ଫର୍ଦ୍ଦ




ଯୋଡ଼ିଛନ୍ତି। କର୍ଣ୍ଣାଟକର ରେୟାଂଶ କାନ୍ତି ୱାଇ. ୨:୩୩. ୪୪ ସେକେଣ୍ଡ ସମୟ ନେଇ ରୌପ୍ୟ ଏବଂ ଚେତନ ନାଗରାଜ ଗନାପା ୨: ୩୫.୭୪ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରଛନ୍ତି।

ସାଇ ସ୍ୱରୂପ ଗତ ରାଜ୍ୟ ପ୍ରତିଯୋଗିତାର ୮ଟି ଇଭେଣ୍ଟରେ ଭାଗନେଇ ସବୁଥିରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ପଢୁଥିବାରୁ ଗତବର୍ଷ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ଜିତିଥିଲେ। ''ପୁଅର ପ୍ରଦର୍ଶନରେ ଆମେ ଅତ୍ୟନ୍ତ ଆନନ୍ଦିତ। ବହୁ ବର୍ଷର ପ୍ରତୀକ୍ଷା ପରେ ସେ ରାଜ୍ୟ ପାଇଁ ପୁରୁଷ ବର୍ଗରେ ପଦକ ଜିତିଛନ୍ତି। ବ୍ରୋଞ୍ଜ ପରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଆମେ ଅତ୍ୟନ୍ତ ଗର୍ବିତ। ଭାବୁଛି ପ୍ରଭୁଙ୍କ ଆଶୀର୍ବାଦ ଓ ଶୁଭେଚ୍ଛୁଙ୍କ ଶୁଭକାମନା ଯୋଗୁ ଏହା ସମ୍ଭବ ହୋଇ ପାରିଛି। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ୍ ଲଗାଇବା ଏକ ଆର୍ଥିକ ବ୍ଲାକ୍‌ମେଲ୍।"
–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ନାଗରିକ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ କେଶରୀ, ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତତନ୍ତ ଦିବସ–୨୦୨୫ ଶୁଭାରମ୍ଭ,ସ୍ଥାନ: ଜନତା ମୈଦାନ, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ସାହିତ୍ୟ ଓ ସଙ୍ଗୀତ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ଗଣଚେତନା ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିବିଏସ୍‌ଇ ବାସ୍କେଟ ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଜ୍ଞାନ ପ୍ରଚାର ସମିତିର ୭୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ପୁରୀ

- ବିଜୁ ଜନତା ଦଳ ପକ୍ଷରୁ ହରତାଳ, ସ୍ଥାନ: ଅଠରନଳା ଛକ, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଜାତୀୟ ହସ୍ତତନ୍ତ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫାଇଲେରିଆ ନିରାକରଣ ସଚେତନା ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଅର୍ଜୁନ ଚରଣ କୁଣ୍ଡୁଙ୍କ ଏକାଦଶାହ ସ୍ମୃତି ଚାରଣ ସଭା,ସ୍ଥାନ: ଶୋଧ,ଦୋବଲ, ଧାମନଗର,ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତିବାଦ ସଭା, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦୁଝର

- ନାରୀ ନିର୍ଯାତନା ନେଇ ବିଜେଡି ତରଫରୁ ପାଟଣା ଥାନା ସମ୍ମୁଖରେ ବିକ୍ଷୋଭ ଓ ଡିଜିପିଙ୍କୁ ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ, ସ୍ଥାନ: ପାଟଣା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପନୀ ଦିବସ ୨୦୨୫, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ଶ୍ରୀମଦ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ:ଏମ୍‌ପିକେ ବାଳିକା ବିଦ୍ୟାଳୟ, ବାରିପଦା,ସମୟ:ଅପରାହ୍ନ ୨ଟା।

## ଅନୁଗୋଳ

- ଜାତୀୟ ହସ୍ତତନ୍ତ ଦିବସ ୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଓସ୍ୱାନ ଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଖଣି, ଅବକାରୀ, ପରିବହନ ସିଭିଲ ସପ୍ଲାଏର ପ୍ରବର୍ତ୍ତନ କାର୍ଯ୍ୟକଳାପ ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାସିକ ଜିଲା ରାଜସ୍ୱ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓ.ପି. ଜିନ୍ଦଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ କଦମ ପଡ଼ିଆ,ସମୟ: ଅପରାହ୍ନ ୩ଟା।
- ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ। ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଚାମ୍ବର ଅଫିସ। ସମୟ: ଅପରାହ୍ନ ୩ଟା ୩୦।
- ଜିଲା କ୍ଷତିପୂରଣ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଚାମ୍ବର ଅଫିସ,ସମୟ: ଅପରାହ୍ନ ୪ଟା।
- ହର ଘର ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସଚେତନତା ବୈଠକ, ସ୍ଥାନ : ଆଠମଲ୍ଲିକ ଏନ୍‌ଏସି କଲ୍ୟାଣମଣ୍ଡପ, ସମୟ : ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ପଡି ରହିଥିବା ପିଏମ୍‌ଜି ରିପୋର୍ଟ ଉପରେ ଜିଲାପାଳଙ୍କ ସମୀକ୍ଷା, ସ୍ଥାନ: ଏନ୍‌ଆଇସି ଭିସି କୋଠରୀ, ସମୟ: ଅପରାହ୍ନ ୩ ଟା୧୫।
- ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱକର୍ମା ପୂଜା ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ମଧୁବନ, ପାରାଦୀପ,ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜୀଉଙ୍କ ଝୁଲଣ ଯାତ୍ରା, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛପୁର, କେନ୍ଦ୍ରାପଡ଼ା ସହର, ଶ୍ରୀଗୋପୀନାଥଜୀଉ ମନ୍ଦିର, ଓଲଢ଼ି, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଧର୍ମଶାଳା କ୍ରୀଡା ଛାତ୍ରାବାସ ପାଇଁ ପ୍ରତିଭା ଚୟନରେ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ, ସମୟ: ସକାଳ ୮ଟା।
- କୃମି ନାଶ ଦିବସ ଉପଲକ୍ଷେ ତାଲିମ ଶିବିରର ଉଦ୍‌ଯାପନୀ ଦିବସ, ସ୍ଥାନ: ରସୁଲପୁର ବ୍ଲକର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଭାପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ସକାଳ ୯ଟା।
- ଜିଲା ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରାର ତୃତୀୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ନୟାଗଡ ପୁରୁଣା ସହରର ଗୋପୀନାଥ ମନ୍ଦିର, ଓଡଗାଁ ରଘୁନାଥ ମନ୍ଦିର,ସମୟ: ସନ୍ଧ୍ୟା ୭ଟା । ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ । କଣ୍ଟିଲୋ ନୀଳମାଧବ ପୀଠ, ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ରାତି ୯ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ ଟା।
- ଡିଏଚ୍‌ଏଚ୍ ଜୟପୁର ରୋଗୀକଲ୍ୟାଣ ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଖବରଦାତା ନବୀନ ଦାଶଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ପ୍ରେସ କ୍ଲବ ପରିସର, ସମୟ : ମଧ୍ୟାହ୍ନ ୧୨ଟା।
- ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ : ଦାନିବନ୍ଧ ସ୍ଥିତ ଇଶ୍ୱରୀୟ ଭବନ, ସମୟ : ଅପରାହ୍ନ ୫ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସକାଳ: ୬ଟା

## ରାଉରକେଲା

- ଜାତୀୟ ହସ୍ତତନ୍ତ ଦିବସ ପାଇଁ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ସେକ୍ଟର–୧୬ ଡୁମକେଲା ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଆରାଧ୍ୟା ମହିଳା ସମିତି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ରାଇଜିଂ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମିସ୍ ଆଣ୍ଡ ମିସେସ୍ ଶ୍ରାବଣ କୁଇନ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର–୧୯, ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଜାତୀୟ ହସ୍ତତନ୍ତ ଦିବସ ପାଳନ, ସ୍ଥାନ:ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନ, ଖଲିଆପାଲି, ବରଗଡ଼, ସମୟ:ଅପରାହ୍ନ ୩ଟା।
- ବିଦ୍ୟାଳୟରେ ବୃକ୍ଷରୋପଣ, ସ୍ଥାନ:ରାଣାପ୍ରତାପ ସ୍କୁଲ, ବରଗଡ଼,ସମୟ:ଅପରାହ୍ନ ୩ଟା।

## କଳାହାଣ୍ଡି

- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଭବାନୀପାଟଣାସ୍ଥିତ ସବ୍‌ଡିଭିଜନ ଅଫିସ–୧, ସମୟ: ପୂର୍ବାହ୍ନ ୧୦ଟା।
- ଅଙ୍ଗନୱାଡି କର୍ମୀ ସମୂହ ପକ୍ଷରୁ ସିଡିପିଓଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ସିଡ଼ିପିଓ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ତାଲିମ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ସକାଳ ୯ଟା।
- ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ, ସ୍ଥାନ: ମା' ଓ ଶିଶୁ ବିଭାଗ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ୧୬ତମ ଚତୁର୍ବେଦ ଯଜ୍ଞ ୫ମ ଦିବସ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ଟା ୪୦ରୁ ସକାଳ ୮ଟା।
- ମହିଳା ଉତ୍‌ଥାନ ମଣ୍ଡଳ ଓ ଯୋଗ ବେଦାନ୍ତ ସେବା ସମିତି ଜାମଲି, ନୂଆପଡ଼ା ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ସବ୍‌ଜେଲ ଖଡିଆଳ, ସମୟ: ସକାଳ ୯ଟା।
- ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଶୋଭାଯାତ୍ରା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଷଷ୍ଠ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇ କମ୍ ସମୟରେ ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ଅଂଶୀଦାର ବ୍ୟବସାୟରେ, ସାହିତ୍ୟରେ, ସଭାସମିତିରେ ଆଶା ପୂରଣ ହେବ। ଉଚ୍ଚସ୍ଥ ମଙ୍ଗଳଜନିତ ଧୈର୍ଯ୍ୟ ଓ ସାହସ ଅସମ୍ଭବକୁ ସମ୍ଭବ କରାଇବ।

**ବୃଷ** ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ। ଅନ୍ୟମାନେ ଦୋଷ ଖୋଜିବୁଲିବେ ଏବଂ ଅଯଥା ମୂଲ୍ୟହୀନ ଅଭିଯୋଗ ଆଣିପାରନ୍ତି। ଆଜିର କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ** ଭାବପ୍ରବଣତାବଶତଃ ନିଜର ନିୟନ୍ତ୍ରଣ ହରାଇ ବନ୍ଧୁଙ୍କ କଥାରେ ଚାଲିବାକୁ ବାଧ୍ୟ ହେବେ। ଯେକୌଣସି କାମ କଲେ ମଧ୍ୟ କର୍ମାରମ୍ଭରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କଲେ ଲାଭ କିଛି ହେବନାହିଁ। ବୃହସ୍ପତିଙ୍କ ସ୍ଥିତି ଅଭାବ ଅସୁବିଧାକୁ ଦୂରେଇବା ସହ ଆର୍ଥିକ ଉନ୍ନତି କରାଇବ।

**କର୍କଟ** କର୍ମକ୍ଷେତ୍ରରେ ଖଟଣି ବଢ଼ିଯିବ ମାତ୍ର ତଦନୁରୂପ ପାରିଶ୍ରମିକ ପାଇବା କଷ୍ଟକର ହେବ। ଭାଗ୍ୟାଧିପ ଶୁକ୍ର ଯୁକ୍ତ ଯୋଗୁ ସାମାଜିକ ସମ୍ମାନ, ସନ୍ତାନ ହେତୁକ ଗୌରବ ପ୍ରାପ୍ତି କରାଇବ। ଉଚ୍ଚକର୍ତ୍ତୃପକ୍ଷଙ୍କ ଅନୁକମ୍ପା ମନୋବଳ ବୃଦ୍ଧିରେ ସହାୟକ ହେବ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ସିଂହ** ଏକାଦଶସ୍ଥ ଗ୍ରହଙ୍କ ପ୍ରଭାବରୁ ଦୃଢ଼ମନା ହେବେ ଓ କାର୍ଯ୍ୟ ହାସଲରେ ସଫଳତା ପାଇବେ। ଆତ୍ମୀୟ କିମ୍ବା ସହକର୍ମୀଙ୍କ ସାହାଯ୍ୟ ପାଇବାରେ ଅସୁବିଧା ହେବନାହିଁ। ଯାତ୍ରା ସମୟରେ ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। କଚେରି ମାମଲା, ସନ୍ତାନଙ୍କ ସମସ୍ୟା, ସହକର୍ମୀଙ୍କ ବିରୁଦ୍ଧାଚରଣରେ ପରିବର୍ତ୍ତନ ଘଟିବ।

**କନ୍ୟା** ବାରମ୍ବାର ସମସ୍ୟା କମିବା ବଦଳରେ ବଢ଼ିବା ହେତୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଆଲୋଚନା ପରିସରରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। କୌଣସି କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ।

**ତୁଳା** ଆର୍ଥିକ ଅଭିବୃଦ୍ଧି ଓ ନୂତନ ବନ୍ଧୁ ସମ୍ପର୍କ ମାନସିକ ଅସ୍ଥିରତା ଦୂରେଇବାରେ ସହାୟକ ହେବ। ବହୁତ ଦିନରୁ ଚିନ୍ତା କରିଥିବା ନୂତନ କାର୍ଯ୍ୟାରମ୍ଭ ସକାଶେ ମାନସିକ ସ୍ତରରେ ପ୍ରସ୍ତୁତ ହେବେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଯାନ କ୍ରୟ ସକାଶେ ମନ ବଳାଇବେ।

**ବିଛା** ଆଜିର ଦ୍ୱିତୀୟସ୍ଥ ଚନ୍ଦ୍ର ଆପଣଙ୍କ ସୁଚିନ୍ତିତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବାରେ ସହାୟକ ହେବ। ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଶତ୍ରୁଙ୍କୁ ସୁଯୋଗ ମିଳିପାରେ। ସାମାଜିକ ସ୍ତରରେ ଅଥବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପାରିବାରିକ ଶାନ୍ତି ସାଙ୍ଗକୁ ପିଲାମାନଙ୍କ କୃତିତ୍ୱ ପାଇଁ ଗର୍ବ ଅନୁଭବ କରିବେ।

**ଧନୁ** ଆଜି ପୂର୍ବ ନିର୍ଦ୍ଧାରିତ ଯୋଜନାଗୁଡିକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ । କର୍ମକ୍ଷେତ୍ରରେ ବାଦବିବାଦ ଜଟିଳ ହେବ ସତ କିନ୍ତୁ ସଫଳତା ନିଶ୍ଚିତ। ଭ୍ରମଣବେଳେ ଅନ୍ୟମନସ୍କତା କାରଣରୁ ଜିନିଷ ହଜିଯାଇପାରେ। କୌଣସି ବନ୍ଧୁଙ୍କ ସହ ଭାବ ବିନିମୟ ମନକୁ ସାମୟିକ ଆନନ୍ଦ ପ୍ରଦାନ କରିବ।

**ମକର** ଦୈହିକ ଦୁର୍ବଳତା ଥିଲେ ମଧ୍ୟ ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ ଆଶ୍ୱସ୍ତିର କାରଣ ହେବ। ଉପରିସ୍ଥଙ୍କ ସମ୍ମୁଖରେ ମନ କଥା କହିବାକୁ ପଛେଇ ଯାଇପାରନ୍ତି। ସମ୍ପର୍କୀୟଙ୍କ ବିରୁଦ୍ଧାଚରଣଜନିତ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବ। ଆର୍ଥିକ, ପାରିବାରିକ, ସାମାଜିକ ସ୍ଥିତି ଭଲ ରହିବା ହେତୁ ସମସ୍ୟାକୁ ବିଶେଷ ଗୁରୁତ୍ୱ ଦେଇ ନ ପାରନ୍ତି।

**କୁମ୍ଭ** ଆରୋଗ୍ୟଲାଭ ସାଙ୍ଗକୁ ବନ୍ଧୁଙ୍କ ସହାନୁଭୂତି ମନକୁ ପ୍ରସନ୍ନତାରେ ଭରିଦେବ। ଯାତ୍ରା, କର୍ମାରମ୍ଭ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ କ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହେବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ।

**ମୀନ** ଆଜି ଜମିଜମା କାରବାର, ପ୍ଲଟିଂ ବ୍ୟବସାୟ, ବୀମା, ପ୍ରଭୃତିରେ ସଫଳତା ହାସଲ କରିବେ। ସାମ୍ବାଦିକତା ଓ ଏଜେନ୍ସିପ୍ରେ ନୈରାଶ୍ୟ ଦୂରେଇଯିବ। ପରିସ୍ଥିତିବଶତଃ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ପ୍ରତି ବେଖାତିର କରିବା ଠିକ୍ ନ ହୋଇପାରେ।

ଆଜି ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ରବୀନ୍ଦ୍ରନାଥ ଟାଗୋରଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଗୁରୁବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶିବପବିତ୍ରାରୋପଣ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର–ଅପରାହ୍ନ ଘ.୦୨.୦୦ ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫.୨୮ ଗତେ ଘ.୦୭.୧୦ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୮ ଗତେ ଘ.୦୩.୦୪ ମଧ୍ୟେ ରାହୁ କାଳ ।

# 'ନାରୀଙ୍କୁ ସୁରକ୍ଷା ଦେବ ନାରୀ ନ୍ୟାୟ ବାହିନୀ'

**ଭୁବନେଶ୍ୱର, ୬।୮ (ରବିନାରାୟଣ ଜେନା)**

ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ଏବଂ ଅପରାଧକୁ କେବଳ ନାରୀ ନ୍ୟାୟ ବାହିନୀ ହିଁ ରୋକିପାରିବ ବୋଲି ବାହିନୀର ଆବାହିକା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ କହିଛନ୍ତି। ବୁଧବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମା ଅତିକ୍ରମ କଲାଣି। ଅନେକ ଘଟଣା ଲୋକଲୋଚନକୁ ଆସୁନି, ଯାହା ଆସୁଛି ସେଥିରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହେଉଛି। ବାଲେଶ୍ୱର ଏବଂ ବଳଙ୍ଗା ଘଟଣାରେ ପ୍ରକୃତ ଅପରାଧୀ ଧରାପଡ଼ି ନାହାନ୍ତି। ପୁଣି ବୁଧବାର କେନ୍ଦ୍ରାପଡ଼ାରେ ଯୁକ୍ତ୩ ଶେଷବର୍ଷ ଛାତ୍ରୀ ନିଜ ଦେହରେ କିରୋସିନ ଢାଳି ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ପୋଲିସର ନିଷ୍କ୍ରିୟତା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଛି। ଅନ୍ୟପକ୍ଷରେ ଶ୍ରମ ବିଭାଗ ପକ୍ଷରୁ କର୍ମଜୀବୀ ମହିଳାଙ୍କ ରାତ୍ରକାଳୀନ କାର୍ଯ୍ୟ କରିବାକୁ ନେଇ ଜାରି ନିର୍ଦ୍ଦେଶାବଳୀ ଗ୍ରହଣୀୟତା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହି ସମ୍ମିଳନୀରେ ନାରୀ ନ୍ୟାୟ ବାହିନୀର କୋର୍ କମିଟି ସଦସ୍ୟ ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସୃଷ୍ଟି ସୋମେନ୍, ଶେଫାଳି ଶର୍ମା, ରଞ୍ଜୁକ୍ତା ବେହେରା, ସସ୍ମିତା ଘୋଷାଲ, ଜ୍ୟୋତ୍ସ୍ନା ବେହେରା ଓ ମଧୁମିତା ଦାସ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ନାରୀ ନ୍ୟାୟ ବାହିନୀର କର୍ମକର୍ତ୍ତା ।

## ଇତିହାସ ରଚିଲେ ...

ପିଲା ଇଚ୍ଛା ଅନୁସାରେ କ୍ୟାରିୟର କରୁବୋଲି ସବୁ ବାପା ମା' ଚାହିଁଥାନ୍ତି। ଆମେ କିନ୍ତୁ ତା' ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱରେ ଥିଲୁ। ମାତ୍ର ଏବେ ମନୋଭାବ ପରିବର୍ତ୍ତନ ହୋଇଛି। ସେ ସନ୍ତରଣରେ କ୍ୟାରିୟର କରୁ ବୋଲି ଆମର ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି'' ବୋଲି ରାଜ୍ୟ ଗୁଇନ୍ଦା ବିଭାଗରେ ଡିଏସ୍‌ପି ଭାବେ କାର୍ଯ୍ୟରତ ସାଇ ସ୍ୱରୂପଙ୍କ ମା' ରୁନୁ ସ୍ୱାଇଁ ପ୍ରକାଶ କରିଛନ୍ତି। ସାଇ ସ୍ୱରୂପଙ୍କ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ମଧ୍ୟ ରାଜ୍ୟ ପୋଲିସର ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଲୁ ଖୋଜୁଥିଲା ଯାହା,**
**ବଇଦ ବତାଇଲା ତାହା ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା ପାଖରେ ପହଞ୍ଚାଇ ଦେଇଥାଏ। ମନ ମୁତାବକ ଜିନିଷ ପ୍ରାପ୍ତି ହେବାର ଲକ୍ଷ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଛ ଖାଇବ ଇଲିଶି,**
**ଚାକିରି କରିବ ପୋଲିସ ।**

ଇଲିଶି ମାଛଟି ସମସ୍ତ ଜାତି ମାଛ ମଧ୍ୟରେ ସୁସ୍ୱାଦ ବୋଲି ଜଣାଯାଇଥାଏ। ଠିକ ସେହିପରି କାମ କରୁଥିବା ଲୋକଙ୍କ ମଧ୍ୟରେ ପୋଲିସର କାମ ହିଁ ବେଶି ଦାୟିତ୍ୱପୂର୍ଣ୍ଣ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସାତକୋଶିଆରେ ବେଆଇନ ...

ନିର୍ମାଣ ଗଢ଼ିଉଠିଛି। ବନ୍ୟପ୍ରାଣୀଙ୍କ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଉକ୍ତ ସହାବସ୍ଥାନରେ ଚାଲିଥିବା ନିର୍ମାଣ କାର୍ଯ୍ୟକଳାପ ପରିବେଶଗତ ଓ ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ଉଲ୍ଲଂଘନ ବୋଲି ଦର୍ଶାଇ ଆଇନଜୀବୀ ଗୌରବ କୁମାର ବଂଶଲ ଏଥିରେ ରୋକ୍ ଲଗାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନୁଗୋଳ, ନୟାଗଡ଼, ବୌଦ୍ଧ ଓ କଟକ ଜିଲାପାଳଙ୍କ ଆଇନଗତ କର୍ତ୍ତୃତ୍ୱ ନ ଥାଇ ସେମାନେ ଉକ୍ତ ଅଞ୍ଚଳରେ ନିର୍ମାଣ ପାଇଁ ପ୍ରୋଭିଜନାଲ ଏନ୍‌ଓସି ଜାରି କରୁଛନ୍ତି। ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଏବଂ ଅନ୍ୟ ପରିବେଶଗତ ନିୟାମକକୁ ଅଣଦେଖା କରି ଜିଲାପାଳମାନେ ଏପରି ଅନୁମତି ପ୍ରଦାନ କରିପାରିବେ ନାହିଁ ବୋଲି ବଂଶଲ ନିଜ ଆବେଦନରେ ଦର୍ଶାଇଛନ୍ତି। ସେହିପରି ମହାନଦୀ ଉପରେ ଏକ ହାଇ–ଲେଭଲ ବ୍ରିଜ୍ ଓ ହୋଟେଲ, ରିସର୍ଟ ସମେତ କେତେକ ପ୍ରସ୍ତାବିତ ପ୍ରକଳ୍ପର ନିର୍ମାଣ ପାଇଁ ଚିଫ୍ ୱାଇଲ୍ଡଲାଇଫ୍ ୱାର୍ଡେନ୍ ଏବଂ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଅନୁମତି ଦେଇଛନ୍ତି। କିନ୍ତୁ ଏଥିଲାଗି ଆବଶ୍ୟକ ବାଧ୍ୟତାମୂଳକ ପରିବେଶଗତ ମଞ୍ଜୁରୀ ଅଣାଯାଇ ନାହିଁ। ଅଭୟାରଣ୍ୟର ଚତୁଃପାର୍ଶ୍ୱରେ ଇକୋ–ସେନ୍ସିଟିଭ୍ ଜୋନ୍ (ଇଏସ୍‌ଜେଡ୍) ପ୍ରତିଷ୍ଠା ହୋଇ ନ ଥିବାବେଳେ ଓଡ଼ିଶାର ଚିଠା ଇଏସ୍‌ଜେଡ୍‌ରେ ଏକ ବିବାଦୀୟ ପ୍ରସ୍ତାବ ରହିଛି। ଏନ୍‌ଟିସିଏର ୨୦୧୮ ଗାଇଡ୍‌ଲାଇନ୍ ଅନୁସାରେ ଅଭୟାରଣ୍ୟର ଅନ୍ୟୂନ ୧ କି.ମି. ପରିଧି ଅଞ୍ଚଳ ଜିରୋ ବଫର ଜୋନ୍ ହୋଇଥିବାରୁ ଏହା ଭିତରେ କୌଣସି ପ୍ରକାର ନିର୍ମାଣକୁ ଅନୁମତି ମିଳିବା ଅନୁଚିତ। କିନ୍ତୁ ସାତକୋଶିଆ ଗଣ୍ଡର ପାରିପାର୍ଶ୍ୱିକ ଅଞ୍ଚଳରେ ଜିରୋ ବଫର ଜୋନ୍ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଉକ୍ତ ନିୟମାବଳୀକୁ ଉଲ୍ଲଂଘନ କରୁଛି। ରାଜ୍ୟ ସରକାରଙ୍କ ଏଜେନ୍ସିଗୁଡ଼ିକ ଅନଧିକୃତ ନିର୍ମାଣ ଏବଂ ଏକ ପର୍ଯ୍ୟଟନଭିତ୍ତିକ ମଡେଲ ପ୍ରତିଷ୍ଠା ଲାଗି ମଞ୍ଜୁରୀ ଦେଇ ବନ, ବନ୍ୟପ୍ରାଣୀ ଓ ପରିବେଶଗତ ଆଇନ ଅଧୀନରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ନିୟମକୁ ଅଣଦେଖା କରୁଛନ୍ତି ବୋଲି ବଂଶଲ ନିଜ ଆବେଦନରେ ଯୁକ୍ତି ବାଢ଼ିଛନ୍ତି। ଦେଶରେ ଥିବା ୫୦ ଟାଇଗର ରିଜର୍ଭ ମଧ୍ୟରୁ ଅନ୍ୟତମ ସାତକୋଶିଆରେ ପରିବେଶ ଆଇନର ଏପରି ଉଲ୍ଲଂଘନକୁ ସୁପ୍ରିମକୋର୍ଟ ଓକିଲ ତଥା ସାମାଜିକ କର୍ମୀ ବଂଶଲ ସମାଲୋଚନା କରିଛନ୍ତି। ଅନିୟନ୍ତ୍ରିତ ପର୍ଯ୍ୟଟନ ଭିତ୍ତିଭୂମି ଜୀବଜନ୍ତୁଙ୍କ ବିଚରଣଭୂମିକୁ କ୍ଷତି ପହଞ୍ଚାଇବା ସହ ଜଳ ବ୍ୟବସ୍ଥାକୁ ଦୁର୍ବଳ କରିଦେବ, ଯଦ୍ୱାରା ସାତକୋଶିଆକୁ ମିଳିଥିବା ରାମ୍‌ସାର ମାନ୍ୟତା ପ୍ରତି ବିପଦ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଗତ ୨୩ ତାରିଖରେ ସିଜେଆଇ ବି. ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ରାଜି ହୋଇଥିଲେ। ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍ ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଖଣ୍ଡପୀଠ ବୁଧବାର ବେଆଇନ ନିର୍ମାଣର ତଦନ୍ତ ନିର୍ଦ୍ଦେଶ ଦେବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ କରିଛନ୍ତି।

## ସବୁ ଦୋକାନରେ ...

ଯେଉଁମାନେ ଏହି ନିର୍ଦ୍ଦେଶକୁ ଅନୁସରଣ କରିବେ ସେମାନଙ୍କୁ ଟ୍ରେଡ୍ ଲାଇସେନ୍ସ ନବୀକରଣ ବେଳେ ୫୦% ରିହାତି ପ୍ରଦାନ କରାଯିବ। ଏହି ସୁବିଧା 'ସୁଯୋଗ' ପୋର୍ଟାଲରେ ଉପଲବ୍ଧ ହେବ। ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଟ୍ରେଡ୍ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ଅନୁପାଳନ ଯାଞ୍ଚ ପ୍ରକ୍ରିୟା ସେପ୍ଟେମ୍ବର ୩୦ ସୁଦ୍ଧା ଶେଷହେବ। ଅନୁପାଳନ କରୁ ନ ଥିବା ପ୍ରତିଷ୍ଠାନଗୁଡ଼ିକୁ ବିଜ୍ଞପ୍ତି ଜାରି କରାଯିବ। ସେମାନଙ୍କୁ ସାଇନ୍‌ବୋର୍ଡ ସଂଶୋଧନ କରିବା ପାଇଁ ୫୫ ଦିନ ସମୟ ଦିଆଯିବ। ଏହାକୁ ଯେଉଁମାନେ ପାଳନ ନ କରିବେ ସେମାନଙ୍କଠାରୁ ପ୍ରତିଦିନ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବ। ଏହି ନିର୍ଦ୍ଦେଶନାମା କେତେଦୂର ପାଳନ ହେଲା ସେନେଇ ସହରାଞ୍ଚଳ କର୍ତ୍ତୃପକ୍ଷ ଦୁଇମାସ ମଧ୍ୟରେ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶରେ ଦର୍ଶାଇଛନ୍ତି।

## ଜଳିଗଲେ ଛାତ୍ରୀ...

କାଠିଆପଡ଼ା ଗ୍ରାମର ଶଶିକାନ୍ତ ପରିଡ଼ାଙ୍କ ଝିଅ ସଙ୍ଗୀତା ବଡ଼ପଡ଼ା ମହାବିଦ୍ୟାଳୟର ଯୁକ୍ତ୩ ଶେଷବର୍ଷ ଛାତ୍ରୀ ଥିଲେ। କିଛିଦିନ ତଳେ ମହାକାଳପଡ଼ା ବ୍ଲକ୍ ବାବର ଅଞ୍ଚଳର ଜଣେ ଯୁବକ ତାଙ୍କ ମୋବାଇଲକୁ ଅଶ୍ଳୀଳ ଫଟୋ ଓ ଭିଡିଓ ପଠାଇ ବ୍ଲାକ୍‌ମେଲ୍ କରୁଥିଲେ। ଏ ସଂକ୍ରାନ୍ତରେ ସେ ଗ୍ରାମାଞ୍ଚଳ ଥାନାରେ ୬ ମାସ ତଳେ ଅଭିଯୋଗ କରିଥିଲେ। କିନ୍ତୁ ଏନେଇ ପୋଲିସ କୌଣସି ତତ୍ପରତା ଦେଖାଇ ନ ଥିଲା। ସେହିଦିନଠାରୁ ସଙ୍ଗୀତା ଦୁଶ୍ଚିନ୍ତାରେ ରହୁଥିଲେ। ପୋଲିସର ଅବହେଳା ଯୋଗୁ ସଙ୍ଗୀତା ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି ବୋଲି ପାରେଶ୍ୱର କହିଛନ୍ତି।

### ପୋଲିସର ଆପୋସ ବୁଝାମଣା କାଳ ହେଲା

ଛାତ୍ରୀ ସଙ୍ଗୀତା ଜଳି ପ୍ରାଣ ହରାଇବା ପରେ ଅନେକେ ପୋଲିସର ଖାମଖିଆଲ ମନୋଭାବକୁ ଦାୟୀ କରୁଛନ୍ତି। ବ୍ଲାକ୍‌ମେଲିଂର ଶିକାର ହେବା ପରେ ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ନ୍ୟାୟ ପାଇ ନ ଥିଲେ। ସଙ୍ଗୀତା ଅଭିଯୋଗ କରିବା ସମୟରେ ଥାନାରେ ଡାଏରୀ ଚାର୍ଜ ଇନ୍‌ଚାର୍ଜ ଥିଲେ ଏଏସ୍‌ଆଇ ଶୈଳେନ୍ଦ୍ର ପଲେଇ। ସେ ସଙ୍ଗୀତାଙ୍କ ଅଭିଯୋଗକୁ ପଞ୍ଜୀକରଣ ନ କରି ଥାନାରେ ଆପୋସ ବୁଝାମଣା କରିଥିଲେ। ହେଲେ ସମ୍ପୃକ୍ତ ଯୁବକ ସଙ୍ଗୀତାଙ୍କୁ ପିଛା ନ ଛାଡ଼ି ଫୋନ କରିବାରେ ଲାଗିଥିଲେ। ବୁଧବାର ଘଟଣା ପରେ ଏଏସ୍‌ଆଇ ପଲେଇ ଏସ୍‌ପିଙ୍କ ସହିତ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ମଧ୍ୟ ମାମଲା ରୁଜୁ ନ କରିବା ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ । ଜିଲା ପୋଲିସ ସଙ୍ଗୀତାଙ୍କ ମା', ବାପା ଓ କେତେଜଣ ଗ୍ରାମବାସୀଙ୍କ ବୟାନ ରେକର୍ଡ କରିଛି । ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ନିଆଁରେ ପୋଡ଼ି ହୋଇଥିବା ଝିଅଙ୍କ ଚିତ୍କାର ସେମାନେ ଶୁଣିନାହାନ୍ତି ବୋଲି କହିଛନ୍ତି।

ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି, ଯୁବତୀଙ୍କ ମୃତ୍ୟୁ ଘଟଣାରେ ସେ ମର୍ମାହତ। ନିରପେକ୍ଷ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି । ଗ୍ରାମାଞ୍ଚଳ ଥାନା ପୋଲିସର ଅପାରଗତା ପାଇଁ ଜଣେ ନୀରିହ ଯୁବତୀଙ୍କ ଜୀବନଦୀପ ଲିଭିଗଲା। ଠିକ୍ ଢଙ୍ଗରେ ଏହାର ତଦନ୍ତ ହେଉ। ଥାନାରେ ସେ କାହା ପାଖରେ ଅଭିଯୋଗ କରିଥିଲେ, କାହିଁକି ଯୁବତୀଙ୍କ ଅଭିଯୋଗକୁ ଗ୍ରହଣ କରାଯାଇ ନ ଥିଲା। ଛାତ୍ରୀ କାହିଁକି ଆତ୍ମାହୁତି ଦେଲେ ତା'ର ତଦନ୍ତ ହେବା ଆବଶ୍ୟକ । ଏସ୍‌ପି କାଟାରିଆ କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି। ପାରିପାର୍ଶ୍ୱିକ ସ୍ଥିତି, ଘଟଣାସ୍ଥଳ ଅନୁଧ୍ୟାନ କରାଯାଇଛି। ମୋବାଇଲ ଫୋନ୍ ଟ୍ରାକିଂ, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସହ ଅନ୍ୟାନ୍ୟ ଘଟଣାର ତଦନ୍ତ ହେବ । ସଙ୍ଗୀତାଙ୍କ ମୃତ୍ୟୁକୁ ନେଇ ନାନା କଥା ଆଲୋଚନା ହେଉଛି। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କିଶୋର ତରାଇ, ଡ. ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ସଙ୍ଗୀତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମୃତା ଯୁବତୀଙ୍କ ଘର ସମ୍ମୁଖରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା।

## ସିବିଏସ୍‌ଇ ଦଶମ, ...

ପିଲାଙ୍କ ଉପସ୍ଥାନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ଓ କାଗଜପତ୍ର ସିବିଏସ୍‌ଇର ଆଞ୍ଚଳିକ କେନ୍ଦ୍ରରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଅଚାନକ ଯାଞ୍ଚ କରାଯିବା ସହିତ ହେରଫେର ହୋଇଥିବା ରେକର୍ଡ ପାଇଁ ଶୂନ୍ୟ ସହନଶୀଳତା ଆପଣାଯିବ। ବିଶେଷକରି ଡମି ପରୀକ୍ଷାର୍ଥୀମାନଙ୍କୁ ରୋକିବା ପାଇଁ ସିବିଏସ୍‌ଇ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏଥିରେ ହେରଫେର ହୋଇଥିବା ଜଣାପଡିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଅଭିଭାବକଙ୍କୁ ମଧ୍ୟ ଏନେଇ ଅବଗତ କରାଯିବ। ଆଫିଲିଏଟେଡ୍ ସ୍କୁଲଗୁଡ଼ିକରେ ଶୈକ୍ଷିକ ଶୃଙ୍ଖଳା ପାଇଁ ଏହି ପରାମର୍ଶ ଦିଆଯାଇଛି। କେବଳ ଜରୁରିକାଳୀନ ପରିସ୍ଥିତିରେ ବୋର୍ଡ ୨୫ ପ୍ରତିଶତ ଛାଡ଼ ପ୍ରଦାନ କରିବ। ଏହି ପରିସ୍ଥିତିରେ ଚିକିତ୍ସା ଜରୁରିକାଳୀନ ପରିସ୍ଥିତି, ଜାତୀୟ କିମ୍ବା ଅନ୍ତର୍ଜାତୀୟ କ୍ରୀଡାରେ ଅଂଶଗ୍ରହଣ ଏବଂ ଅନ୍ୟାନ୍ୟ ଗୁରୁତର କାରଣ ଅନ୍ତର୍ଭୁକ୍ତ ହେବ। ଏଥିପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡିବ।

**'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର' ଯୋଜନାରେ ଓଡ଼ିଶାର ୯୮୯୩ ପରିବାର**

ଭୁବନେଶ୍ୱର,(ରବିନାରାୟଣ ଜେନା): 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା'ରେ ଅଦ୍ୟାବଧି ଓଡ଼ିଶାର ୯,୮୯୩ ପରିବାରକୁ ବିଜୁଳି ସଂଯୋଗ ମିଳିଛି ବୋଲି ରାଜ୍ୟ ସଭା ତଥ୍ୟରୁ ଜଣାଯାଇଛି। ସାରା ଦେଶରେ ୧୬ ଲକ୍ଷ ୩ ହଜାର ୮୬୯ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଗୁଜରାଟରେ ସର୍ବାଧିକ ୫ ଲକ୍ଷ ୩୮ ହଜାର ୫୦୮ ପରିବାର ଏହି ଯୋଜନାରେ ସାମିଲ ହୋଇଥିବାବେଳେ ମଧ୍ୟପ୍ରଦେଶରେ ୩ ଲକ୍ଷ ୮୨ ହଜାର ୬୩୮, ଉତ୍ତରପ୍ରଦେଶରେ ୧ ଲକ୍ଷ ୭୩ ହଜାର ୩୩୧ ଓ କେରଳରେ ୧ ଲକ୍ଷ ୨୪ ହଜାର ୧୩ ପରିବାରକୁ ସାମିଲ କରାଯାଇଛି।

# ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟରୁ ଅଧିକ ଚାଉଳ ଉଠାଇବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ରଖିଲେ

ଭୁବନେଶ୍ୱର,୬।୮(ସୁନିତ୍ ମିଶ୍ର)



ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟି ରାଜ୍ୟର ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା କଲେ
- ଆଜି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିପାରନ୍ତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ବୁଧବାର ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କୁ ମୁଖ୍ୟମନ୍ତ୍ରୀ ଭେଟିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ବିତ ପାତ୍ର, ପ୍ରଦୀପ ପୁରୋହିତ, ସଙ୍ଗୀତା କୁମାରୀ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ସଞ୍ଜୟ ସିଂ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶାରୁ ଅଧିକ ଚାଉଳ ଉଠାଇବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ଏଫ୍‌ସିଆଇ ମାସିକିଆ ଭାବେ ଅଧିକ ଚାଉଳ ଉଠାଇବା ଦରକାର। ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇଥିବାରୁ ଆସନ୍ତା ଅମଳ ଋତୁରେ ଅଧିକ ଚାଉଳ ଉଠାଇବା ଲାଗି ଏଫ୍‌ସିଆଇକୁ ନିର୍ଦ୍ଦେଶ ଦେବା ଲାଗି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଏହାକୁ ତର୍ଜମା କରି ପଦକ୍ଷେପ ନେବା ଲାଗି ମନ୍ତ୍ରଣାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ତାଙ୍କ ଏକ୍ସ ଯୋଗେ ସୂଚନା ଦେଇଛନ୍ତି।

ଏହାପରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ମହାନଦୀ ଜଳ ବିବାଦ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାର ନିରପେକ୍ଷ ଓ ନ୍ୟାୟସଙ୍ଗତ ସମାଧାନ ବିଷୟରେ ଆଲୋଚନା କରିଛନ୍ତି। ଏହାସହ ଭିଜନ ଓଡ଼ିଶା ୨୦୩୬ ଏବଂ ୨୦୪୭ ପୁସ୍ତକ ପ୍ରଦାନ କରିଛନ୍ତି। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହିତ ମଧ୍ୟ ମୁଖ୍ୟମନ୍ତ୍ରୀ ସାକ୍ଷାତକରି ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିବା ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଭାରିଶିଳ୍ପ ଓ ସାର୍ବଜନୀନ ଉଦ୍ୟୋଗ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ସହ ସାକ୍ଷାତକରି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଆଦି ବିଷୟରେ ଆଲୋଚନା ହୋଇଛି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ପାର୍ଲାମେଣ୍ଟର ମକରଦ୍ୱାର ନିକଟରେ ଓଡ଼ିଶାର କେତେଜଣ ଏମ୍‌ପିଙ୍କ ସହ ଫଟୋ ଉଠାଇଛନ୍ତି। ଉକ୍ତ ଫଟୋ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସାମାଜିକ ଗଣମାଧ୍ୟମ ଜରିଆରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଦେଲେ ରାଜ୍ୟର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରବିନାରାୟଣ ନାଏକ ପ୍ରମୁଖ ଦିଲ୍ଲୀରେ ଡେରା ପକାଇଛନ୍ତି। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଏମ୍‌ପିମାନଙ୍କ ସହ ଏକ ବୈଠକ କରିପାରନ୍ତି ବୋଲି ଶୁଣିବାକୁ ମିଳିଛି। ଅନ୍ୟପଟେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ସମୟ ଦେଇଥିବା ଶୁଣିବାକୁ ମିଳିଛି।

### ଏଲ୍‌ଏଚ୍‌ବି ସହ ଗଡ଼ିବ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ

ଭୁବନେଶ୍ୱର,୬।୮
(ଅନୁରାଧା ମହାରଣା)

ଭୁବନେଶ୍ୱର-ଜୁନାଗଡ଼ ରୋଡ -ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ (୨୦୮୩୭/୨୦୮୩୮) ଲିଙ୍କେ ହଫ୍‌ମ୍ୟାନ ବୁଶ (ଏଲ୍‌ଏଚ୍‌ବି) କୋଚ୍ ସହିତ ଚଳାଚଳ କରିବ। ଏକ୍ସପ୍ରେସର ଗୋଟିଏ ରେକ୍‌କୁ ଏଥିପାଇଁ ରୂପାନ୍ତରିତ କରାଯାଇଛି। ଅଗଷ୍ଟ ୮ରୁ ଏକ୍ସପ୍ରେସର ପ୍ରଥମ ରେକ ଏଲ୍‌ଏଚ୍‌ବି କୋଚ୍ ସହିତ ଭୁବନେଶ୍ୱରରୁ ଏବଂ ଜୁନାଗଡ଼ ରୋଡ୍‌ଠାରୁ ଅଗଷ୍ଟ ୯ରେ ଚଳାଚଳ କରିବ। ଦ୍ୱିତୀୟ ଏସି-୨ଟି କୋଚ, ତୃତୀୟ ଏସି-୪ଟି କୋଚ୍, ସ୍ଲିପର୍ କ୍ଲାସ-୫ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂ-୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍-୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଙ୍କ ପାଇଁ ରହିବ।



ନୂଆଦିଲ୍ଲୀଠାରେ ବୁଧବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ଦେଉଛନ୍ତି।




# ଉଦ୍ୟମିତା କ୍ଷେତ୍ରରେ ଅଧିକ ମହିଳା ସାମିଲ ହେବାକୁ ଆହ୍ୱାନ

ଭୁବନେଶ୍ୱର,୬।୮
(ଅନୁରାଧା ମହାରଣା)




ସମୀକ୍ଷା ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

## ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ ସମୀକ୍ଷା ବୈଠକ

ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ 'ଯୋଜନା କାର୍ଯ୍ୟାନ୍ୱୟନ ଓ ରୂପାୟନ' ସମ୍ପର୍କିତ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଓ-ହବ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅଧ୍ୟକ୍ଷତା ସହ ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଉଦ୍ୟମିତା କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ପାଇଁ ଅଧିକାରୀମାନେ ବିଶେଷ ପ୍ରଚେଷ୍ଟା କରନ୍ତୁ। ମହିଳା ନେତୃତ୍ୱାଧୀନ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ୧୩ତମ ସ୍ଥାନରେ ଥିବା ବେଳେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେହିପରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଓ ବିଭାଗ ଅନ୍ତର୍ଗତ ସମସ୍ତ ଅନୁଷ୍ଠାନର କାର୍ଯ୍ୟକୁ ସମୀକ୍ଷା କରି ଲୋକଙ୍କ ପାଇଁ ନୀତିନିଷ୍ଠ କର୍ତ୍ତବ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ, ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ, ପିଏମ୍-ବିଶ୍ୱକର୍ମା ଏବଂ ଓଡିଶା ସରକାରଙ୍କ ସିଏମ୍-ଶ୍ରମ, ବିଭିନ୍ନ ନୀତି ଅଧୀନରେ ଦିଆଯାଉଥିବା ଆର୍ଥିକ ଏବଂ ଅଣଆର୍ଥିକ ପ୍ରୋତ୍ସାହନଗୁଡିକର ସମୀକ୍ଷା କରିଥିଲେ। ଜିଲାସ୍ତରର କାର୍ଯ୍ୟକାରିତା ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପରିଚାଳକମାନେ ମତ ରଖିଥିଲେ। ଏହି ସମୀକ୍ଷା ବୈଠକରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ମହେଶ କୁମାର ଚୌଧୁରୀ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ପ୍ରଭୁ ପ୍ରସାଦ ଚୌଧୁରୀ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ସମୁଜିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କେଉଁଠି ରହୁଛି ବଳକା ଧାନ

## ଚାଷୀ ଦେଉଛନ୍ତି ୮୦ ଲକ୍ଷ ଏମ୍‌ଟି; ସଂରକ୍ଷଣ କ୍ଷମତା ୪ ଲକ୍ଷ ଏମ୍‌ଟି

ଭୁବନେଶ୍ୱର, ୬।୮
(ରବିନାରାୟଣ ଜେନା)



ଖାଦ୍ୟଶସ୍ୟ ଉତ୍ପାଦନରେ ଦେଶରେ ଓଡ଼ିଶା ଏବେ ୪ର୍ଥତମ ବଳକା ରାଜ୍ୟ ରୂପେ ପରିଗଣିତ ହେଉଛି। ରାଜ୍ୟରେ ପ୍ରତିବର୍ଷ ଧାନଫସଲ ଉତ୍ପାଦନ ବଢୁଛି, ଯେଉଁଥିପାଇଁ ସରକାର ଚାଷୀଙ୍କଠାରୁ ପ୍ରତିବର୍ଷ ଧାନ ସଂଗ୍ରହ ପରିମାଣ ବଢ଼ାଇ ଚାଲିଛନ୍ତି। ଖରିଫ୍ ଓ ରବି ଋତୁକୁ ମିଶାଇ ବର୍ଷକୁ ସରକାର ପ୍ରାୟ ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରୁଥିବାବେଳେ ଆଉ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଧାନ ଲୋକେ ବିକ୍ରି କରିପାରୁ ନ ଥିବାରୁ ଟୋକନ ତାତି ଜୋର୍ ଧରୁଛି। ହେଲେ ଶସ୍ୟକୁ ସଂରକ୍ଷିତ ରଖିବା ଲାଗି ରାଜ୍ୟ ସରକାରଙ୍କ ପାଖରେ ଆବଶ୍ୟକ ପଣ୍ୟାଗାର ନ ଥିବାବେଳେ ଏତେପରିମାଣର ଧାନ ରଖିବା ପାଇଁ ମିଲର୍ସ ହିଁ ହର୍ତ୍ତାକର୍ତ୍ତା ସାଜିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ପକ୍ଷରୁ ଜଣାପଡ଼ିଛି।

ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ବୃହତ୍ ଅଞ୍ଚଳ ବହୁମୁଖୀ ସମବାୟ ସମିତି (ଲାମ୍ପ୍ସ)ରେ ଉପଲବ୍ଧ ସୁବିଧାସୁଯୋଗ ଓ ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହ ତଥ୍ୟ ରାଜ୍ୟ ଅତିରିକ୍ତ ନିବନ୍ଧକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି। ତଥ୍ୟାନୁସାରେ, ରାଜ୍ୟ ସରକାରଙ୍କ ହାତରେ ମାତ୍ର ୪ ଲକ୍ଷ ୧୫ ହଜାର ୧୦୫ ମେଟ୍ରିକ୍ ଟନ୍ ଧାନ ସଂରକ୍ଷଣ କରିବା କ୍ଷମତା ରହିଛି। ଏଭଳିସ୍ଥଳେ ସରକାର ଏତେ ପରିମାଣର ଧାନ କିଭଳି ଚାଷୀଙ୍କଠାରୁ ସଂଗ୍ରହ କରୁଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରାଜ୍ୟରେ ସର୍ବାଧିକ ଧାନମଣ୍ଡି କ୍ଷମତା ବରଗଡ଼ ଜିଲାରେ ରହିଛି। ଏହି ଜିଲାରେ ୬୩ ହଜାର ୯୫୦ ମେଟ୍ରିକ୍ ଟନ୍ ଧାନ ସଂରକ୍ଷଣ କରାଯାଇପାରୁଛି। ସେହିପରି ରାୟଗଡ଼ାରେ ୩୨ ହଜାର ୭୫୦ ମେଟ୍ରିକ୍ ଟନ୍ (ଏମ୍‌ଟି) ଧାନ ସଂରକ୍ଷିତ ହୋଇପାରୁଥିବା ବେଳେ ସମ୍ବଲପୁରରେ ୨୮ ହଜାର ୬୫୦ଏମ୍‌ଟି ଧାନ ସଂରକ୍ଷଣ ପାଇଁ ମଣ୍ଡି ରହିଛି। ଏହାବାଦ୍ ବାଲେଶ୍ୱରରେ ୨୦ ହଜାର ଏମ୍‌ଟି, ବଲାଙ୍ଗୀରରେ ୨୩,୮୭୫ ଏମ୍‌ଟି, କଳାହାଣ୍ଡିରେ ୩୩,୫୦୦ ଏମ୍‌ଟି, ନବରଙ୍ଗପୁରରେ ୩୧,୯୫୦ ଏମ୍‌ଟି, କଟକରେ ୧୫,୦୬୦ ଏମ୍‌ଟି, ଖୋର୍ଦ୍ଧାରେ ୧୬,୬୭୫ ଏମ୍‌ଟି ଧାନ ସଂରକ୍ଷଣ କ୍ଷମତା ରହିଛି। ଏହି ପରିପ୍ରେକ୍ଷୀରେ ସମବାୟ ବିଭାଗ ପକ୍ଷରୁ ବିଶ୍ୱର ସର୍ବବୃହତ୍ ଶସ୍ୟାଗାର ନିର୍ମାଣ କରିବାକୁ ପରକଳ୍ପନା କରାଯାଇଥିଲା। ୨୦୨୩ ଡିସେମ୍ବର ୨୬ରେ ସମବାୟ ବିଭାଗର ତତ୍କାଳୀନ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଏହି ନିଷ୍ପତ୍ତି ନେଇଥିଲା। ହେଲେ ଏହା ଏପର୍ଯ୍ୟନ୍ତ ଝୁଲିରହିଛି। ଫଳରେ ଧାନ ସଂରକ୍ଷଣ ଅଭାବରୁ ଅଧିକାଂଶ ସମୟ ଟୋକନ ତାତି ଉପୁଜୁଛି। କେତେବେଳେ ମିଲର୍ସ ଆସିଲେ ଧାନ ଉଠୁଛି ତ ଆଉ କେତେବେଳେ ମିଲର୍ସଙ୍କ ଚାହିଦା ଅନୁଯାୟୀ ଧାନ ସଂଗ୍ରହ କରାଯାଉଛି, ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଅନ୍ୟପକ୍ଷେ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରୁଛନ୍ତି। ସରକାରଙ୍କ ପକ୍ଷରୁ ଯେପର୍ଯ୍ୟନ୍ତ ଧାନମଣ୍ଡି କିମ୍ବା ପଣ୍ୟାଗାରର ସୁବିଧା ନ ହୋଇଛି ସେପର୍ଯ୍ୟନ୍ତ ଏପରି ସମସ୍ୟା ଲାଗିରହିବ ବୋଲି ଖାଦ୍ୟ ଯୋଗାଣ ବିଭାଗର ଜଣେ ବରିଷ୍ଠ କର୍ମକର୍ତ୍ତା ନାମ ଗୋପନ ରଖି କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସମବାୟ ଅତିରିକ୍ତ ନିବନ୍ଧକଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏବେ ୪,୨୫୨ ପାକ୍ସ ଓ ଲାମ୍ପ୍ସ ରହିଛି। ଏଥିମଧ୍ୟରୁ ୨,୭୮୩ ପାକ୍ସରେ କମ୍ପ୍ୟୁଟର ରହିଥିବାବେଳେ ୨,୭୨୪ଟିରେ ଡାଟା ଏଣ୍ଟ୍ରି ଅପରେଟର ଅଛନ୍ତି। ୩,୨୧୭ଟିରେ ଇଣ୍ଟରନେଟ୍ ସଂଯୋଗ ରହିଛି। ୩,୩୮୭ଟିରେ ପାନୀୟଜଳର ସୁବିଧା ରହିଥିବାବେଳେ ୨୭୦୯ଟିରେ ଶୌଚାଳୟ ରହିଛି। ୧୬୯୯ ପାକ୍ସରେ ପିଣ୍ଡି ରହିଥିବାବେଳେ ରାଜ୍ୟରେ ୪୯୧ ଆର୍‌ଏମ୍‌ସି ରହିଛି। ଏହାବାଦ୍ ରାଜ୍ୟରେ ସମୁଦାୟ ପାକ୍ସ ମଧ୍ୟରୁ ୮୩୧ଟିରେ ପୂର୍ଣ୍ଣକାଳୀନ ସେକ୍ରେଟାରି ନ ଥିବା ଅତିରିକ୍ତ ନିବନ୍ଧକଙ୍କ ତଥ୍ୟରୁ ଜଣାପଡ଼ିଛି।



ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। -ଶ୍ରୀମା

-ଶିବ ପବିତ୍ରାରୋପଣ ଚତୁର୍ଦ୍ଦଶୀ, ଶରଣ ଆରମ୍ଭ



# ବିଶ୍ୱାସରେ ଅନ୍ତିମ ସଂସ୍କାର



ଦେବଦତ୍ତ ପଟ୍ଟନାୟକ

ମୃତ୍ୟୁ ପର ଜୀବନକୁ ନେଇ ବିଭିନ୍ନ ସଂସ୍କୃତିରେ ଭିନ୍ନ ଭିନ୍ନ ବିଶ୍ୱାସ ରହିଛି ଏବଂ ସେଥିପାଇଁ ସେମାନଙ୍କ ଅନ୍ତିମ ସଂସ୍କାରରେ ଭିନ୍ନତା ଦେଖାଯାଉଛି। ବିଶେଷକରି ଥରକ ପାଇଁ କେବଳ ଜନ୍ମନିଏ ବୋଲି ଯେଉଁମାନେ ବିଶ୍ୱାସ କରନ୍ତି, ସେମାନେ ମୃତଦେହକୁ ସମାଧି ଦିଅନ୍ତି ଓ ସେଠାରେ ସମାଧି ପଥର ସ୍ଥାପନ କରିଥାନ୍ତି। ସେହିଭଳି ଯେଉଁମାନେ ପୁନର୍ଜନ୍ମରେ ବିଶ୍ୱାସକରନ୍ତି, ସେମାନେ ମୃତଦେହକୁ ଦାହକରି, ପାଣିରେ ଭସାଇ ପ୍ରକୃତି ସହ ମିଶାଇ ଦେଇଥାନ୍ତି କିମ୍ବା ହିଂସ୍ର ଜୀବଙ୍କ ମୁହଁରେ ଦେଇଦିଅନ୍ତି। ଆସାମରେ ଅହୋମ୍ ବଂଶର ରାଜାମାନେ ତ୍ରୟୋଦଶ ଶତାବ୍ଦୀରେ ଦକ୍ଷିଣ ଏସିଆ ବାଟ ଦେଇ ଚାଇନାରୁ ଭାରତକୁ ଆସିଥିଲେ। ସେମାନଙ୍କ ମୃତ ଶରୀରକୁ ସ୍ତୁପ ମଧ୍ୟରେ ପୋତିଦେଉଥିଲେ, ଯାହାକୁ କୁହାଯାଏ ମୋଇଡାମ୍। ବେଳେବେଳେ ରାଜାଙ୍କ ସହ ଯାଉଥିବା ସେବକ କିମ୍ବା ଅନ୍ୟ ଲୋକଙ୍କୁ ମଧ୍ୟ ପୋତିଦିଆଯାଉଥିଲା। ସେମାନେ ହିନ୍ଦୁ ହେବା ପରେ ଏହା ନ କରି ଶବଦାହ ଆରମ୍ଭ କରିଥିଲେ। ହିନ୍ଦୁ ରୀତିନୀତି ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ପୁନର୍ଜନ୍ମକୁ ସୁଗମ କରିବା ପାଇଁ ଦାହ ପରେ ତାଙ୍କ ଅସ୍ଥିକୁ ନଦୀରେ ବିସର୍ଜନ କରାଯାଉଥିଲା। ତେବେ ଅନ୍ତିମ ସଂସ୍କାରର ପରିବର୍ତ୍ତନ ଏକ ସଂସ୍କୃତିର ପରିବର୍ତ୍ତନକୁ ଦର୍ଶାଏ।

ପ୍ରାଗ୍ ଐତିହାସିକ ସମୟରେ, ସମାଧି ପାଇଁ ମାଟିପାତ୍ର ଅପରିହାର୍ଯ୍ୟ ଥିଲା। ସେତେବେଳେ ଦୁଇ ପ୍ରକାର ସମାଧି ଦିଆଯାଉଥିଲା। ପ୍ରଥମରେ ଲୋକେ ମାଟି ପାତ୍ର(କୁଣ୍ଡ) ମଧ୍ୟରେ ମୃତ ଲୋକଙ୍କୁ ରଖି ପୋତିଦେଉଥିଲେ। ଦ୍ୱିତୀୟରେ ଦାହ ସଂସ୍କାର ପରେ ସଂଗୃହୀତ ଅସ୍ଥିକୁ ମାଟିପାତ୍ରରେ ରଖାଯାଇ ସମାଧି କରାଯାଉଥିଲା। ତାମିଲ ସଙ୍ଗମ କାବ୍ୟରେ ଏ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସେଥିରେ ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ମୃତଦେହ ପାଇଁ ଏକ ବଡ଼ ମାଟିକୁଣ୍ଡ ତିଆରି କରିବାକୁ ଜଣେ କୁମ୍ଭକାରଙ୍କୁ କହୁଥିବା କଥା ଉଲ୍ଲେଖ ରହିଛି। ବିଶେଷକରି ଦକ୍ଷିଣ ଭାରତରେ ପ୍ରାଗ୍ ଐତିହାସିକ ସମାଧିସ୍ଥଳଗୁଡ଼ିକରେ ପଥର ତିଆରି କୁଣ୍ଡ ଦେଖିବାକୁ ମିଳେ। ହରପ୍ପା ସଭ୍ୟତାରେ ଶବଦାହ କରାଯାଉଥିଲେ ମଧ୍ୟ ଅନେକ ସମ୍ପ୍ରଦାୟରେ ସମାଧି ଦିଆଯାଉଥିଲା। ହରପ୍ପାରେ ବହୁ ସମାଧିସ୍ଥଳ ଦେଖିବାକୁ ମିଳେ, ଯେଉଁଠାରେ ମୃତଲୋକଙ୍କ ସହ କାଠ କିମ୍ବା ଅନ୍ୟ ଧାତବ ମାଳ ଏବଂ କିଛି ପାତ୍ର ଥିବା ଦେଖାଯାଏ। ଧୋଲାବିରାରେ ମିଳିଥିବା ସମାଧି ସ୍ତୁପରେ କୌଣସି ମୃତଦେହ ନ ଥିବା ଦେଖାଯାଏ। ସମ୍ଭବତଃ ଦୂର ଦେଶକୁ ଯାତ୍ରା କରିବା ସମୟରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହା କରାଯାଉଥିଲା। ଡେକାନ ଅଞ୍ଚଳ( ଦକ୍ଷିଣ ଭାରତରେ ନର୍ମଦା ନଦୀର ଦକ୍ଷିଣରେ ଥିବା ସମତଳ ଅଞ୍ଚଳ)ର ମେଗାଲିଥିସ୍ (ପୋତାଯାଇଥିବା ବଡ଼ ପଥର ଖଣ୍ଡ)ର ସମ୍ପର୍କ ଲୌହଯୁଗର( ଖ୍ରୀଷ୍ଟପୂର୍ବ ୧୦୦୦) ସମାଧି ସ୍ଥଳ ସହ ରହିଛି। ବିଶେଷକରି ପ୍ରାଗ୍ ଐତିହାସିକ ଯୁଗର ମେଗାଲିଥିକ୍ ସଂସ୍କୃତି ହେଉଛି ଏକ ନିଆରା ଦକ୍ଷିଣ ଭାରତୀୟ ସଂସ୍କୃତି। ଗଙ୍ଗା- ଯମୁନା ନଦୀ ଅବବାହିକାରେ ବୈଦିକ ସଂସ୍କୃତିର ବିକାଶ ସମୟରେ ଏଭଳି ସମାଧି କରାଯାଉଥିଲା।



ସମାଧି ଦିଆଯାଉଥିବା ସ୍ଥାନରେ ଦୁଇଟି ପଥରକୁ ସିଧା କରି ପୋତାଯାଇ ତା'ଉପରେ ଆଉ ଖଣ୍ଡେ ପଥର ଭୂମି ସହ ସମାନ୍ତର ଭାବେ ରଖି ସମାଧି ମନ୍ଦିର ନିର୍ମାଣ କରାଯାଉଥିଲା, ଯାହାକୁ କୁହାଯାଏ ଡୋଲ୍‌ମେନ୍। ଏହା ଭିତରେ ମୃତବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅସ୍ଥି ଓ ଖାଦ୍ୟପଦାର୍ଥ ରଖାଯାଉଥିଲା।

ବେଦଗୁଡ଼ିକରେ ଉଭୟ ଦାହ ସଂସ୍କାର ଓ ସମାଧି ବିଷୟରେ ଉଲ୍ଲେଖ ରହିଛି। ଶବଦାହ ସମ୍ପର୍କରେ ମଧ୍ୟ ରାମାୟଣ ଓ ମହାଭାରତରେ ବର୍ଣ୍ଣନା କରାଯାଇଛି। ଦଶରଥଙ୍କ ମୃତ ଶରୀରକୁ ଦାହ କରାଯାଇଥିଲା। ରାବଣ ଏବଂ କୌରବଙ୍କୁ ମଧ୍ୟ ଦାହ କରାଯାଇଥିଲା। ଅନ୍ତ୍ୟେଷ୍ଟିକ୍ରିୟା ପରବର୍ତ୍ତୀ ରୀତିନୀତିରେ ମୃତବ୍ୟକ୍ତି(ପିତୃପୁରୁଷ)ଙ୍କୁ ଖୁଆଇବାର ବ୍ୟବସ୍ଥା କରାଯାଇଛି। ଦାହ ସଂସ୍କାର କେବଳ ଉଚ୍ଚବର୍ଗରେ ରହିଛି। କାରଣ ସେମାନେ ଦାହ ପାଇଁ କାଠ ଯୋଗାଇ ଦେଇପାରନ୍ତି। ଅନେକ ନୀଚଜାତିର ଲୋକେ ଏବେ ସୁଦ୍ଧା ପ୍ରାଗ୍ ବୈଦିକ ସମୟର ସମାଧି ପରମ୍ପରାକୁ ବଜାୟ ରଖିଛନ୍ତି। ବହୁ ସମୟରେ ମାଲିକାନା ଓ ସ୍ୱତ୍ୱାଧିକାର ସୂଚିତ କରିବା ଲାଗ ପରିବାର ମାଲିକାନାରେ ଥିବା ଜମିରେ ହିଁ ସେମାନଙ୍କ ମୃତବ୍ୟକ୍ତିଙ୍କୁ ସମାଧି ଦିଆଯାଏ ।

ଭାରତର ଅନେକ ଅଞ୍ଚଳରେ ମୃତବ୍ୟକ୍ତିଙ୍କୁ ବସାଯାଇ ସମାଧି ଦିଆଯାଏ। ବିଶେଷକରି ଧର୍ମୀୟ ସମ୍ପ୍ରଦାୟର ବ୍ୟକ୍ତିଙ୍କ କ୍ଷେତ୍ରରେ ଏଭଳି କରାଯାଉଥିଲା। ବିଶ୍ୱାସ ରହିଥିଲା ଯେ, ଧର୍ମୀୟ ସମ୍ପ୍ରଦାୟର ଲୋକଙ୍କର ପୁନର୍ଜନ୍ମ ହେବ ନାହିଁ। ଅନେକ ହିନ୍ଦୁ ମଠରେ ସାଧୁମାନଙ୍କୁ ବସିଥିବା ଭଙ୍ଗୀରେ ସମାଧି ଦିଆଯାଇଥାଏ ଏବଂ ତା'ଉପରେ ଏକ ସ୍ୱତନ୍ତ୍ର କୁଣ୍ଡରେ ତୁଳସୀ ଗଛ ଲଗାଯାଏ। ଜୈନ ସନ୍ନ୍ୟାସୀଙ୍କ କ୍ଷେତ୍ରରେ ବହୁ ସମୟରେ ସମାଧି ଉପରେ ଏକ ଗଛ ଲଗାଯାଏ କିମ୍ବା ତା'ଉପରେ ସ୍ତୁପ ନିର୍ମାଣ କରାଯାଇଥାଏ। ଅନେକ କ୍ଷେତ୍ରରେ ଦାହ କରାଯାଇଥିବା ସନ୍ନ୍ୟାସୀଙ୍କ ଅସ୍ଥି ଉପରେ ସ୍ତୁପ ନିର୍ମାଣ କରାଯିବାର ପରମ୍ପରା ଥିଲା ଏବଂ ପରେ ଏହାକୁ ବୌଦ୍ଧ ଧର୍ମାବଲମ୍ବୀମାନେ ଅନୁସରଣ କରିଥିଲେ। ଅବଶ୍ୟ ବୈଦିକ ଲୋକମାନେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅସ୍ଥି ଉପାସକ କହି ସମାଲୋଚନା କରୁଥିଲେ। ଶରୀର ଓ ଅସ୍ଥିକୁ ସମାଧି ଦିଆଯାଇଥିବା ବୌଦ୍ଧସ୍ଥଳୀଗୁଡ଼ିକୁ ସ୍ତୁପ କୁହାଗଲାବେଳେ ଜୈନ ଓ ହିନ୍ଦୁମାନେ ତାହାକୁ ସମାଧି କହିଲେ।

ଏହା ବ୍ୟତୀତ ପଥର ନିର୍ମିତ ସମାଧିମନ୍ଦିର ନିର୍ମାଣ କରାଯାଉଥିଲା। ବିଶେଷକରି ସମାଧି କିମ୍ବା ଦାହ କରାଯାଇଥିବା ସ୍ଥାନରେ ଏଭଳି ମନ୍ଦିର ନିର୍ମାଣ କରାଯାଇ ତା' ଉପରେ ଶିବଲିଙ୍ଗ ମୂର୍ତ୍ତି ରଖାଯାଉଥିଲା। ଚୋଳ ବଂଶର କେତେଜଣ ରାଜା ଏହି ପରମ୍ପରାର ଅନୁଗାମୀ ଥିଲେ। ଏହା ବ୍ୟତୀତ ରାଜସ୍ଥାନ, ଗୁଜରାଟ ଏବଂ ଭାରତର ଅନେକ ଭାଗରେ ବୀର ପଥର ଦେଖିବାକୁ ମିଳେ। ଆକ୍ରମଣକାରୀ କିମ୍ବା ହିଂସ୍ରଜନ୍ତୁଙ୍କ କବଳରୁ ଗାଁକୁ ରକ୍ଷା କରିବାକୁ ଯାଇ ଯେଉଁ ସ୍ଥାନରେ ଯୋଦ୍ଧାମାନେ ପ୍ରାଣ ହରାଇଥିଲେ ସେଠାରେ ଏହି ବୀରଶିଳା ସ୍ଥାପନ କରାଯାଉଥିଲା। ସତୀମାନେ ସ୍ୱାମୀଙ୍କ ଚିତାରେ ଝାସ ଦେଉଥିବା ସ୍ଥାନକୁ ସତୀଶିଳା ଦ୍ୱାରା ଚିହ୍ନିତ କରାଯାଉଥିଲା। କର୍ଣ୍ଣାଟକରେ ଅମରଣ ଉପବାସକରି ଯେଉଁ ସ୍ଥାନରେ ଜୈନ ସନ୍ନ୍ୟାସୀମାନେ ପ୍ରାଣତ୍ୟାଗ କରୁଥିଲେ ସେଠାରେ ନିଷିଦ୍ଧି ଶିଳା ସ୍ଥାପନ କରାଯାଇଥିଲା।

ଦଶମ ଶତାବ୍ଦୀ ପରେ ଇସ୍‌ଲାମ ସଂସ୍କୃତି ଭାରତରେ ପ୍ରବେଶକରିଥିଲା। ଏହା ପରେ କବରସ୍ଥଳୀ ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ଆରବୀୟ ପରମ୍ପରାରେ କବର ନିର୍ମାଣ ନାହିଁ। ଏଣୁ ଏହା କେନ୍ଦ୍ର ଏସିଆରୁ ଆସିଛି। ଆରବୀୟମାନେ ମୃତକଙ୍କୁ ସମାଧି ଦେଉଥିଲେ ଏବଂ ପ୍ରାଚୀନ ଇରାନୀୟ ମାଟି କିମ୍ବା ପାଣିରେ ପକାଇଦେଉଥିଲେ କିମ୍ବା ଶାଗୁଣା ଆଗରେ ରଖି ଦେଉଥିଲେ। ବିଶେଷକରି ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା କେନ୍ଦ୍ର ଏସିଆର ଆଦିବାସୀମାନେ କବରସ୍ଥଳୀ ନିର୍ମାଣକୁ ଆପଣାଇଥିଲେ ଏବଂ ଭାରତରେ କବର ସ୍ମାରକ ନିର୍ମାଣ ଆରମ୍ଭ କରିଥିଲେ। ସେଥିପାଇଁ ଦଶମ ଶତାବ୍ଦୀ ପରେ ଭାରତରେ ଖିଲିଜ, ତୋଗଲକ, ଲୋଦି ଓ ସୁରିବଂଶର କବର ସ୍ମାରକ ଦେଖିବାକୁ ମିଳେ। ଏହା ପରେ ପ୍ରସିଦ୍ଧ ତାଜମହଲ ଭଳି ଅନେକ ମୋଗଲ ସ୍ମାରକ ଦେଖିବାକୁ ପାଉ। ସୁଫି ସନ୍ନ୍ୟାସୀଙ୍କ ସମାଧି ସ୍ଥଳଗୁଡ଼ିକ ମଧ୍ୟ ତୀର୍ଥସ୍ଥଳୀ ପାଲଟିଗଲା।

ଏହି ମୁସ୍‌ଲିମ୍ ପରମ୍ପରାକୁ ଲକ୍ଷ୍ୟକରି ଅନେକ ରାଜପୁତ ରାଜକୀୟ ଅନ୍ତିମ ସଂସ୍କାର ସ୍ଥଳରେ ଗମ୍ବୁଜ ଓ ମଣ୍ଡପ ନିର୍ମାଣ ଆରମ୍ଭ କରିଦେଲେ। ଏଗୁଡ଼ିକ ହେଉଛି ଛତ୍ରୀ। ଏପରିକି ମହାରାଷ୍ଟ୍ର ଓ ଗୁଜରାଟର କେତେକ ସ୍ଥାନରେ ଏହା ଦେଖାଯାଏ। ତ୍ରୟୋଦଶ ଶତାବ୍ଦୀରୁ ଆରମ୍ଭକରି ଊନବିଂଶ ଶତାବ୍ଦୀ ମଧ୍ୟରେ ଏହି ପରମ୍ପରା ଲୋକପ୍ରିୟ ହୋଇଗଲା। ବୈଦିକ ବିଶ୍ୱାସ ରହିଛି, ପୁନର୍ଜନ୍ମକୁ ସୁଗମ କରିବାକୁ ହେଲେ ମୃତକଙ୍କ କୌଣସି ସଙ୍କେତ ବା ଚିହ୍ନ ରହିବା ଉଚିତ ନୁହେଁ। ଏଣୁ ଏଭଳି ପରମ୍ପରାଗୁଡ଼ିକ ବୈଦିକ ବିଶ୍ୱାସର ବିରୋଧୀ ଥିଲା। ଏପରିକି ଏବେ ମଧ୍ୟ ରାଜନେତାଙ୍କୁ ଯେଉଁଠାରେ ଦାହକରାଯାଉଛି ସେଠାରେ ସମାଧି ନିର୍ମାଣ କରାଯାଉଛି।

ଉତ୍ତରପୂର୍ବ ଭାରତରେ ଥିବା ମୋନପା ଜନଜାତି ସମ୍ପ୍ରଦାୟରେ ମୃତବ୍ୟକ୍ତିଙ୍କ ଶରୀରକୁ ୧୦୮ ଖଣ୍ଡ କରି ମାଛ ଖାଇବା ଲାଗି ନଦୀରେ ଫିଙ୍ଗିଦିଆଯାଉଛି। ଏହିପରି ଭାବେ ଭାରତରେଅନ୍ତିମସଂସ୍କାରସ୍ମାରକକୁଅନୁଧ୍ୟାନକଲେଜଣାଯାଏ, ଦେଶରେ ବିବିଧ ଧର୍ମୀୟ ପରମ୍ପରା ଓ ବିଶ୍ୱାସ ଭରି ରହିଛି।

-devduttofficial@gmail.com

# ମାନବ ଜୀବନର ପରିଭାଷା



ଡ. ସାରଦା ପ୍ରସାଦ କର

ଶାସ୍ତ୍ର ପ୍ରମାଣ କରେ ଯେ ମାନବ ଜନ୍ମକୁ ସାର୍ଥକ କରିବାକୁ ହେଲେ ମନୁଷ୍ୟତ୍ୱ, ମୁମୁକ୍ଷତ୍ୱ ଓ ମହାପୁରୁଷଙ୍କ ସାନ୍ନିଧ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମନୁଷ୍ୟତ୍ୱ କେବଳ ମହାପ୍ରଭୁଙ୍କ ଅନୁଗ୍ରହ ବଳରେ ମିଳେ। ହେଲେ ଏବେ ମଣିଷପଣିଆର ଘୋର ଅଭାବ। ଆଜିର ମଣିଷ ନଶ୍ୱରତା ପଛରେ ଗୋଡ଼ାଇ,'ମୋର' 'ତୋର' ବିବାଦରେ ଛନ୍ଦିହୋଇ ଜୀବନର ମହାର୍ଘ ମୂଲ୍ୟବୋଧକୁ ମଳିନ କରିଦେଉଛି। ମନେପଡ଼ିଯାଏ ପଞ୍ଜାବ କେଶରୀ ରଣଜିତ୍ ସିଂହଙ୍କ କଥା। ସେଦିନ ବୀର ରଣଜିତ୍ ସିଂହ ଅଶ୍ୱ ଝପଟାଇ ଯାଉଥିବା ବେଳେ ହଠାତ୍ କାହୁଁ ଟେକାଟାଏ ଆସି ତାଙ୍କ କପାଳରେ ବାଜନ୍ତେ ଧାର ଧାର ରକ୍ତର ଶ୍ରାବଣୀ ଛୁଟିଲା। ସୈନ୍ୟ ସାମନ୍ତ ଚତୁର୍ଦ୍ଦିଗକୁ ଖେଦିଗଲେ ଅପରାଧୀକୁ ଧରିବା ପାଇଁ। ଶେଷରେ ଜୀର୍ଣ୍ଣଶୀର୍ଣ୍ଣ ନାରୀ ମୂର୍ତ୍ତିଟିଏ ନିଜ ଉପାସିଆ ଆଖିରୁ ନିଗିଡି ପଡୁଥିବା ତତଲା ଲୁହକୁ ଓଠ କୋଣରେ ଚାପିଧରି ହାତଯୋଡି ଆସି କହିଲା - ହେ ଦଣ୍ଡଧାରୀ! ମୁଁ ହିଁ ସେହି ଅପରାଧୀ। ଚାରିଦିନ ହେଲା ଭୋକିଲା ମୁଁ। ମୋ ପିଲାମାନଙ୍କର 'ହା ଅନ୍ନ' 'ହା ଅନ୍ନ' ଚିତ୍କାର ମୁଁ ସହିପାରିଲିନି। କଣ୍ଟାଗଛକୁ ଟେକାଟାଏ ମାରୁଥିଲି ଫଳଟିଏ ପାଇବି ବୋଲି କିନ୍ତୁ ମୋ କର୍ମଫଳ ଏଡ଼େ ମନ୍ଦ ଯେ ତାହ ଆପଣଙ୍କ କପାଳରେ ଯାଇ ବାଜିଲା। ମୋ ଭୁଲ୍ ପାଇଁ ମତେ ମୃତ୍ୟୁଦଣ୍ଡ ଦିଅନ୍ତୁ ମନା ନାହିଁ କିନ୍ତୁ ମୋ ପିଲାଙ୍କ ତୁଣ୍ଡରେ ଆଗ ଦି' ମୁଠା ଆହାର ଭରି ଦିଅନ୍ତୁ। ଏହି କଥା ପଦକରେ ସେଦିନ ମିଳେଇ ଯାଇଥିଲା ରାଜାଙ୍କର ପଦ, ପ୍ରତିଷ୍ଠାର ଅଭିମାନ। ଉଚ୍ଛୁଳି ପଡ଼ିଥିଲା ମଣିଷପଣିଆ। ରାଜା କହିଲେ - ମା'ଲୋ! କଣ୍ଟାଗଛକୁ ଟେକାଟାଏ ପକାଇଲେ ସେ ଯଦି 'ଫଳଟିଏ ଦେଇପାରୁଛି ମୁଁ ପରା କିରୀଟ ପିନ୍ଧିଛି। ତୋର କ୍ଷୁଧାକୁ ଯଦି ମୁଁ ବୁଝି ନ ପାରିଲି ତେବେ ଏ ସମାଜ ମତେ ଆଉ ରାଜା ବୋଲି କହିବ ତ? ଏହା ହିଁ ମଣିଷପଣିଆର ସଜଳ ଉଦାହରଣ।

ଦ୍ୱିତୀୟଟି ହେଉଛି ମୁମୁକ୍ଷତ୍ୱ ବା ମୁକ୍ତି ପାଇବାର ଇଚ୍ଛା। ଜୀବ ତ ସ୍ୱରୂପରେ ମୁକ୍ତ କିନ୍ତୁ ଜାଣି ଜାଣି ସେ ବନ୍ଧନକୁ ନିମନ୍ତ୍ରଣ କରୁଛି। ମାୟାକୁ ନିଜେ ଜାବୁଡି ଧରିଛି । ଏଥିରେ ଦୋଷ କାହାର? ଗୁରୁ ଯେତେ ପଢ଼ାଇଲେ ମଧ୍ୟ ଶିଷ୍ୟର ଯଦି ପଢ଼ିବା ପାଇଁ ଇଚ୍ଛା ନାହିଁ, ବୈଦ୍ୟ ଯେତେ ଔଷଧ ଦେଲେ ମଧ୍ୟ ରୋଗୀର ଯଦି ପଥି ଖାଇବାକୁ ଇଚ୍ଛାନାହିଁ ତେବେ କଲ୍ୟାଣ କାହିଁ? ଠିକ୍ ସେହିପରି ଜୀବ ମନରେ ଯେ ପର୍ଯ୍ୟନ୍ତ ମୁକ୍ତ ହେବାର ଇଚ୍ଛା ପ୍ରକଟ ନ ହୋଇଛି ସେ ପର୍ଯ୍ୟନ୍ତ ନିର୍ବାଣ କାହିଁ? ଛୋଟବେଳୁ ଆମେ ପିଲାକୁ ଶିଖାଇଲୁ ଯେ ପାଞ୍ଚଟଙ୍କା ହେଲେ ଚକୋଲେଟ୍ ମିଳେ, ୫୦ ଟଙ୍କା ହେଲେ ଖେଳଣା ମିଳେ, ୫୦୦୦ ହେଲେ ସାଇକେଲ ଓ ୫ଲକ୍ଷ ଟଙ୍କା ହେଲେ କାର୍ କିଣି ସେଥିରେ ବସିହୁଏ। କିନ୍ତୁ ଥରୁଟିଏ ଆମେ ପିଲାକୁ ଶିଖାଇଲୁ ନାହିଁ ଯେ କେତେ ଧନ ହେଲେ ପରମାତ୍ମାଙ୍କ କୋଳରେ ବସିହୁଏ ବୋଲି। ଭୁଲ୍ ଆମର ନା ପିଲାର? ପିଲାଟିଦିନରୁ ତା'ର ପଇସା ପ୍ରତି ପ୍ରେମ ନ ହୋଇ ଯଦି ପରମାତ୍ମାଙ୍କ ପ୍ରତି ପ୍ରେମ ହୋଇଥାନ୍ତା ତେବେ ଜୀବନ ପରିବର୍ତ୍ତନ ହୋଇ ନ ଥାନ୍ତା କି? ଏହି ତତ୍ତ୍ୱକୁ ସେଦିନ କପିଳବସ୍ତୁର ରାଜକୁମାର ସିଦ୍ଧାର୍ଥ ଜାଣିଗଲେ ବୋଲି ଘର, ପରିବାରର ମୋହକୁ ମାରିଦେଇ ଆଗେଇ ଚାଲିଲେ ଏକ ଅନିର୍ବାଣ ଦୀପଶିଖା ସନ୍ଧାନରେ। ଏହି ମର୍ମକୁ ବୁଝିଥିଲେ ବୋଲି ଆଦି ଶଙ୍କରାଚାର୍ଯ୍ୟ ଗାଇ ଉଠିଲେ - ଚିଦାନନ୍ଦ ରୂପଃ ଶିବୋ଼ହଂ ଶିବୋ଼ହଂ। ଏହି ମୁମୁକ୍ଷା ହିଁ ଦୁର୍ଲ୍ଲଭ।

ତୃତୀୟଟି ହେଉଛି ମହାପୁରୁଷ ବା ସନ୍ଥଙ୍କର ସାନ୍ନିଧ୍ୟ। ସନ୍ଥଙ୍କ ସାନ୍ନିଧ୍ୟ ଜୀବାତ୍ମାକୁ ଜୀବନ୍ୟାସ କରି ଦେଇପାରେ; ଭସ୍ମକୁ ବିଭୂତି କରିପାରେ। ମନ୍ଦିରରେ ଥିବା ପଥର ଯଦି ଶ୍ରଦ୍ଧା ଭାବ ଯୋଗୁ ଭଗବାନ ହୋଇପାରନ୍ତି ତେବେ ସନ୍ଥଙ୍କ ପ୍ରତି ଶ୍ରଦ୍ଧା ଓ ସାନ୍ନିଧ୍ୟ ରହିଲେ ଜଣେ ଭଲ ମଣିଷ ହୋଇପାରିବନି କାହିଁକି? ଆଜିର ଅଙ୍ଗୁଳିମାଳ ଭିତରେ ବି ଭରି ରହିଛି ଆସନ୍ତାକାଲିର ବୌଦ୍ଧ ଭିକ୍ଷୁର କୋଟି ସମ୍ଭାବନା। ଆଜିର ଦସ୍ୟୁ ରତ୍ନାକର ଭିତରେ ଉଙ୍କି ମାରୁଛି ମହର୍ଷି ବାଲ୍ମୀକଙ୍କର ସାତ୍ତ୍ୱିକ ଉତ୍ତରଣ। ଆଜିର ରକ୍ତମୁଖା ଚଣ୍ଡାଶୋକ ହୋଇପାରନ୍ତି ଆସନ୍ତାକାଲିର ଧର୍ମାଶୋକ। ଏହା ପ୍ରମାଣ କରିଦିଏ ଯେ ସନ୍ଥଙ୍କର ସାନ୍ନିଧ୍ୟ ସନ୍ତ୍ରାସକୁ ସନ୍ନ୍ୟାସରେ ଘଟାନ୍ତର କରିପାରେ। ତେଣୁ ଆମ ଜୀବନରେ ମଧ୍ୟ ଏହି ଦୁର୍ଲ୍ଲଭ ଗୁଣଗୁଡ଼ିକର ଉତରଣ ଘଟୁ!

**ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ**
**ମୋ: ୯୪୩୭୧୧୩୧୬୨**

## ଏଇ ଭାରତରେ

ଗୁରୁଗ୍ରାମର ୧୭ ବର୍ଷୀୟ ଆର୍ଯ୍ୟନ ଛୋପ୍ରା ଗ୍ରାମାଞ୍ଚଳରେ ଡିଜେଲଚାଳିତ ଅଟାକଳକୁ ସୌରଶକ୍ତି ଦ୍ୱାରା ଚଳାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି। ଏଥିଯୋଗୁ ସେ ଡିଜେଲ ବ୍ୟବହାର କମାଇବା ସହ ପ୍ରଦୂଷଣ ରୋକିବାରେ ସକ୍ଷମ ହୋଇଛନ୍ତି। 'ପ୍ରୋଜେକ୍ଟ ସୂର୍ଯ୍ୟ ଚକ୍ର' ମାଧ୍ୟମରେ ସେ ଏହି କାମ କରୁଛନ୍ତି। ତାଙ୍କର ଏହି ପଦକ୍ଷେପ ଯୋଗୁ ମିଲ୍ ମାଲିକମାନେ ମାସକୁ ପାଖାପାଖି ୨୫,୦୦୦ ଟଙ୍କା ବିଦ୍ୟୁତ୍ ବିଲ୍ ବାବଦ ଅର୍ଥ ବଞ୍ଚାଇ ପାରୁଛନ୍ତି। ଆର୍ଯ୍ୟନଙ୍କ ଜନ୍ମ ଗୁରୁଗ୍ରାମରେ। ସେଠାରେ ସେ ପଢ଼ିଛନ୍ତି। ତାଙ୍କ ପୈତୃକ ଗ୍ରାମ ହିମାଚଳ ପ୍ରଦେଶକୁ ଯାଇଥିବାବେଳେ ସେ ସେଠାରେ ଡିଜେଲଚାଳିତ ଅଟାକଳ ଦେଖିଥିଲେ। ସେସବୁ କିଭଳି ସୌରଶକ୍ତି ଦ୍ୱାରା ଚାଲିବ ସେନେଇ ଯୋଜନା କରିଥିଲେ। ପରେ ସେ ସୋଲାର ପ୍ୟାନେଲ ବସାଇବା ଲାଗି ଲୋନ୍ ଦେଉଥିବା ମେଟାଫିନ୍ ନାମକ ଏକ ନନ୍‌ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ ସହ ଯୋଗାଯୋଗ କରି ଜୁଲାଇ ୨୦୨୪ରେ କଳଗୁଡ଼ିକୁ ସୌରଶକ୍ତିରେ ଚଳାଇବା ଆରମ୍ଭ କରିଥିଲେ। ସେଥିରେ ସଫଳ ହେବା ପରେ ସେ ଉତ୍ତରପ୍ରଦେଶ ବାରାଣସୀର ଗ୍ରାମାଞ୍ଚଳରେ ଏବେସୁଦ୍ଧା ୧୫ଟି ଡିଜେଲଚାଳିତ ଅଟାମିଲ୍‌କୁ ସୌରଶକ୍ତିରେ ଚଳାଇ ପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୭ ଅଗଷ୍ଟ ୧୯୭୬

- କେରଳ, କର୍ନାଟକ, ଗୋଆ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ନଡ଼ିଆ ଚାଷର ବିକାଶ ନିମନ୍ତେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ପକ୍ଷରୁ ୩୦ ଲକ୍ଷ ଟଙ୍କା ମଞ୍ଜୁର।
- ସୋସିଆଲିଷ୍ଟ ୟୁନିଟ ସେଣ୍ଟରର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କ ୫୫ ବର୍ଷ ବୟସରେ ପରଲୋକ।
- ଘୋର ଅର୍ଥନୈତିକ ମାନ୍ଦାବସ୍ଥା ହେତୁ ଚିଲିରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ବେକାର।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | | | | |
| | | | | | 1 | | 9 | |
| | | | | 4 | | 1 | | |
| 1 | | | | | 7 | | 4 | 2 |
| | | 9 | | | | 8 | 6 | |
| 8 | | 4 | | | 2 | | | |
| | | 2 | 5 | | | 3 | | |
| | | 8 | | | | 9 | | 6 |
| 4 | 3 | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 9 | 3 | 1 | 6 | 2 | 8 | 4 |
| 1 | 2 | 8 | 5 | 7 | 4 | 9 | 3 | 6 |
| 4 | 3 | 6 | 9 | 2 | 8 | 1 | 7 | 5 |
| 3 | 4 | 1 | 7 | 6 | 2 | 8 | 5 | 9 |
| 9 | 8 | 7 | 4 | 5 | 3 | 6 | 2 | 1 |
| 5 | 6 | 2 | 8 | 9 | 1 | 3 | 4 | 7 |
| 8 | 9 | 4 | 1 | 3 | 5 | 7 | 6 | 2 |
| 2 | 1 | 3 | 6 | 4 | 7 | 5 | 9 | 8 |
| 6 | 7 | 5 | 2 | 8 | 9 | 4 | 1 | 3 |

ଗତକାଲିର ଉତ୍ତର

# ନାରୀ ନିର୍ଯାତନା ବଢୁଛି କାହିଁକି



ବିଚିତ୍ର ବିଶାଳ

ନାରୀ ସୁରକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଫଳତା କି ବିଫଳତା, ଦକ୍ଷତା କି ଦୁର୍ବଳତାରେ ସୀମିତ ନୁହେଁ । ଏହା ହେଉଛି ସମଗ୍ର ବ୍ୟବସ୍ଥାର ଏକ ପ୍ରସଙ୍ଗ। ମାନବ ଅଧିକାର ତଥା ମଣିଷର ବଞ୍ଚି ରହିବା ଅଧିକାରର ପ୍ରସଙ୍ଗ। ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର କେବଳ କୌଣସି ଦଳର ଅପାରଗ ଶାସନ ଯୋଗୁ ଘଟୁଛି ବୋଲି କହିବା ସତ୍ୟର ଅପଳାପ ହେବ। କାରଣ ଆମ ଦେଶରେ ଓ ରାଜ୍ୟଗୁଡ଼ିକରେ, ପ୍ରତ୍ୟେକ ଦଳର ଶାସନକାଳ, ନାରୀଙ୍କ ଉପରେ ଅତ୍ୟାଚାରର ଘଟଣାରେ ପରିପୂର୍ଣ୍ଣ। ଅବଶ୍ୟ ଦକ୍ଷ ଶାସନ ଓ ଆଇନ ଶୃଙ୍ଖଳା ଦ୍ୱାରା ବଳାତ୍କାର, ହତ୍ୟା, ନିର୍ଯାତନା ଆଦି ଘଟଣାର ତଦନ୍ତ ଏବଂ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନର ବେଗ ଦ୍ରୁତ କରାଯାଇ ପାରିବ।

ସଂପ୍ରତି ନାରୀ ସୁରକ୍ଷା ପ୍ରଶ୍ନକୁ ନେଇ ଆମ ରାଜ୍ୟ ଓଡ଼ିଶା ସାରା ଦେଶରେ ଚର୍ଚ୍ଚାରେ ଅଛି। ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ପ୍ରତି ନିର୍ଯାତନା ଓ ପରେ ପରେ ନ୍ୟାୟ ନ ପାଇବାରୁ ହତାଶ ହୋଇ ତାଙ୍କ ଆତ୍ମହତ୍ୟା ଘଟଣା, ପୁରୀ ଜିଲାର ବଳଙ୍ଗାରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଜୀବନ୍ତ ଜାଳିଦେବା ଘଟଣା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ଆଙ୍କିଛି। ଏହିପରି ଆହୁରି ଅନେକ ଘଟଣା ପ୍ରତ୍ୟେକ ଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଏହା ଯେ, କେବଳ ଓଡ଼ିଶାର ପରିସ୍ଥିତି ତା' ନୁହେଁ, ଭାରତର ପ୍ରତ୍ୟେକ ରାଜ୍ୟରେ ନାରୀମାନଙ୍କର ପରିସ୍ଥିତି ପ୍ରାୟ ଏହିପରି। ନାରୀଙ୍କ ଉପରେ ଅତ୍ୟାଚାର ଆମ ଦେଶରେ ଏକ ସହଜ ଅପରାଧ ହୋଇଯାଇଛି। ପଶ୍ଚିମବଙ୍ଗର ଆର.ଜି. କର ମେଡିକାଲ କଲେଜ ଡାକ୍ତରୀ ଛାତ୍ରୀ ବଳାତ୍କାର ଘଟଣା (ଯେଉଁ ଘଟଣାକୁ ନେଇ ସାରା ଦେଶରେ ଆଲୋଡନ ହୋଇଥିଲା) ମନରୁ ଲିଭିବା ପୂର୍ବରୁ ସେଠାରେ ପୁଣି ଏକ ଘଟଣା ଘଟିବା ଆମ ଦେଶରେ ନାରୀଙ୍କ ସାମଗ୍ରିକ ଅବସ୍ଥାକୁ ବର୍ଣ୍ଣନା କରୁଛି।

ଓଡ଼ିଶାର ଘଟଣାକୁ ଆଖି ପକେଇଲେ, ବାଲେଶ୍ୱରର ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ବ୍ୟବସ୍ଥାର ପ୍ରତ୍ୟେକ ଦୁଆର ଠକ ଠକ କରିଥିଲେ। ଥାନା ଠୁ ନେଇ ନେତା, ମନ୍ତ୍ରୀ, ଉପରିସ୍ଥ ଅଧିକାରୀ ସମସ୍ତଙ୍କ ପାଖରେ ସେ ପହଞ୍ଚି ଥିଲେ। ତଥାପି ତାଙ୍କ ସ୍ୱର ବ୍ୟବସ୍ଥାର କାନରେ ପଡ଼ିଲା ନାହିଁ। ଆମ ପାଖରେ ପୂରା ଶାସନ ବ୍ୟବସ୍ଥା ଥିଲା। କିନ୍ତୁ ଝିଅଟିର ଜୀବନ ବଞ୍ଚିପାରିଲା ନାହିଁ। ଆମ ପୂରା ବ୍ୟବସ୍ଥା କ'ଣ ଏତେ ଅକ୍ଷମ? ଏହି ଘଟଣାରେ କେବଳ କେଉଁ ନେତା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ପ୍ରୟାସର ଅଭାବକୁ ରେଖାଙ୍କିତ ନ କରି ସମଗ୍ର ବ୍ୟବସ୍ଥାର ତ୍ରୁଟିକୁ ଉଜାଗର କରିବାର ଆବଶ୍ୟକତା ରହିଛି। ତା'ହେଲେ ଭବିଷ୍ୟତରେ ଏପରି ଘଟଣା କମ୍ ହୋଇପାରେ। ଜଣେ ପୀଡ଼ିତାଙ୍କ ଅଭିଯୋଗକୁ ଥାନା, କଲେଜ ପ୍ରଶାସନ ଏତେ ହାଲୁକାରେ ନେବେ କାହିଁକି? ତାଙ୍କ ଅଭିଯୋଗ ଉପରେ ତୁରନ୍ତ



ପଦକ୍ଷେପ ଗ୍ରହଣ କରାଯିବ ନାହିଁ କାହିଁକି? ଏଠି ବ୍ୟକ୍ତିଗତ ସକ୍ରିୟତା ଅପେକ୍ଷା ନାରୀ ନିର୍ଯାତନା ଘଟଣାକୁ ନେଇ ବ୍ୟବସ୍ଥାର ସକ୍ରିୟତା ଅଧିକ ଆଶା କରାଯାଏ। ଏହା ନାରୀ ସୁରକ୍ଷାକୁ ନେଇ ସମାଜର ନିଷ୍କ୍ରିୟତାକୁ ବି ପ୍ରଶ୍ନ କରୁଛି। ଆମ ପୁରୁଷ ପ୍ରଧାନ ସମାଜରେ ନାରୀ ନିର୍ଯାତନା (ବଳାତ୍କାର, ଯୌନ ନିର୍ଯାତନା, କମେଣ୍ଟ ମାରିବା, ଘରୋଇ ହିଂସା ଆଦି) ଘଟଣାରେ ଲୋକମାନେ ପ୍ରଥମେ ଅଭିଯୁକ୍ତଙ୍କ ଅପେକ୍ଷା ଅଭିଯୋଗକାରିଣୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ପ୍ରଶ୍ନ ସିଧା ଅଭିଯୋଗକାରିଣୀଙ୍କ ଚରିତ୍ର ଉପରେ ଉଠେ। ଅଭିଯୁକ୍ତମାନେ ସମାଜ ଆଖିରେ ଯେତିକି ଘୃଣାର ପାତ୍ର ହୁଅନ୍ତି ଅଭିଯୋଗକାରିଣୀ ବି ସେତିକି ସନ୍ଦେହ ଓ ଘୃଣାର ଦୃଷ୍ଟିରେ ଦେଖାଯାଆନ୍ତି। ଅନେକ କ୍ଷେତ୍ରରେ ଦେଖାଯାଏ ଅଭିଯୁକ୍ତମାନେ ରାସ୍ତାରେ ଛାତି ଫୁଲେଇ ଚାଲୁଥିବା ବେଳେ ଅଭିଯୋଗକାରିଣୀ ମୁହଁ ଲୁଚେଇ ଘର କୋଣରେ ରୁହନ୍ତି। ଏପରି ପରିସ୍ଥିତି ସମାଜର ପୁରୁଷ ପ୍ରଧାନ ମାନସିକତା ହିଁ ତିଆରି କରିଥାଏ। ଏଠି ଲୋକଲଜ୍ଜାରେ ଅଭିଯୁକ୍ତ ଆତ୍ମହତ୍ୟା କରି ନ ଥାଏ, ବରଂ ଅଭିଯୋଗକାରିଣୀ ମହିଳା ଆତ୍ମହତ୍ୟା କରନ୍ତି।

ଗୋଟିଏ ପଟେ ନାରୀ ସୁରକ୍ଷାକୁ ନେଇ ବ୍ୟବସ୍ଥା ନିଷ୍କ୍ରିୟ ରହୁଥିବା ବେଳେ ପୁରୁଷପ୍ରଧାନ ସମାଜ ନାରୀ ଉପରକୁ ଆଙ୍ଗୁଠି ଉଠେଇବାରେ ଅଧିକ ସକ୍ରିୟ। ଏହା ହିଁ କ୍ରମାଗତ ଭାବେ ବଢ଼ି ଚାଲୁଥିବା ନାରୀ ନିର୍ଯାତନା ପଛର ଅନ୍ୟତମ ମୁଖ୍ୟ କାରଣ। ଆମ ସମାଜରେ ବଳାତ୍କାର ପରି ଜଘନ୍ୟ କାଣ୍ଡ ଘଟାଉଥିବା ଜଣେ ବଳାତ୍କାରୀର ଇଜ୍ଜତ ଯାଏ ନାହିଁ, ବଳାତ୍କୃତା ପୀଡ଼ିତାର ହିଁ ଇଜ୍ଜତ ଯାଏ। କାରଣ ପୁରୁଷପ୍ରଧାନ ସମାଜ, ନାରୀର ଶରୀରରେ ହିଁ ତା'ର ଇଜ୍ଜତ ନିହିତ ଅଛି ବୋଲି କୁହେ ଓ ପୁରୁଷକୁ ପିତ୍ତଳ ହାଣ୍ଡି ମାନ୍ୟତା ଦେଇ ମାଜିମୁଜି ଦେଲେ ସଫା ହୋଇଯିବ ବୋଲି ପ୍ରଚାର କରେ। ଏପରି କି ପୀଡ଼ିତା ନାରୀର ପରିବାର ଲୋକେ ନାରୀକୁ କାଠଗଡ଼ାରେ ଠିଆ କରାନ୍ତି। ଏତଦ୍‌ବ୍ୟତୀତ ପୁରୁଷପ୍ରଧାନ ସମାଜରେ ନାରୀକୁ କେବଳ ଏକ ଭୋଗର ସାମଗ୍ରୀ ଭାବେ ବିବେଚନା କରାଯାଏ। ନାରୀର ଭିନ୍ନ ଭିନ୍ନ ଅବସ୍ଥାରେ ପୁରୁଷକୁ ତା'ର ମାଲିକ ଭାବେ ଦର୍ଶାଯାଏ। ଏପରି ତତ୍ତ୍ୱ ଓ ବିଚାର ଗୋଟେ ଅପରାଧ ମାନସିକତାର ଯୁବକକୁନାରୀ ଉପରେଅତ୍ୟାଚାର କରିବା ଦିଗରେ ପ୍ରେରିତ କରିବାରେ ଯଥେଷ୍ଟ।

ଆମ ସମାଜରେ ବଳାତ୍କାର ପରି ଜଘନ୍ୟ କାଣ୍ଡ ପରେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଭାବେ ନାରୀର ବେଶ ପୋଷାକ ଆଡ଼କୁ ମଧ୍ୟ ଆଙ୍ଗୁଠି ଉଠେ। ସେହିପରି ଓ ସେତିକି ଆଙ୍ଗୁଠି ଯଦି ଅଭିଯୁକ୍ତ ପୁରୁଷର ଘୃଣ୍ୟ ମାନସିକତା ପ୍ରତି ଉଠନ୍ତା ତେବେ ହୁଏତ ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସନ୍ତା। ଆଜି ଦେଖାଯାଉଛି ଯେ, କୌଣସି ଏକ ବଳାତ୍କାର ଘଟଣା ବହୁତ ଚର୍ଚ୍ଚିତ ହେବା ପରେ 'ସମାଜ' ଏହା ବିରୁଦ୍ଧରେ ମିଳିତ ହୋଇ ପ୍ରତିବାଦ କରିବାକୁ ଆଗେଇ ଆସୁଛି। ଦୋଷୀକୁ ତୁରନ୍ତ ଦଣ୍ଡ ଦେବା ପାଇଁ ଦାବି କରାଯାଉଛି। ଏହା ଏକ ଭଲ ଲକ୍ଷଣ। କିନ୍ତୁ ଅପରପକ୍ଷେ ସେହି ଦିନଟିକୁ ଛାଡ଼ି ଅନ୍ୟ ସମସ୍ତ ଦିନ ସେହି 'ସମାଜ' ନାରୀମାନଙ୍କୁ ପୁରୁଷର ଭୋଗ୍ୟ ବସ୍ତୁ ରୂପେ ଦେଖୁଛି ଓ ସେହିଭଳି ବ୍ୟବହାର ପ୍ରଦର୍ଶନ କରୁଛି। ଏହା ହିଁ ସମ୍ପ୍ରତି ବୃଦ୍ଧି ପାଉଥିବା ନାରୀ ନିର୍ଯାତନାର ମୁଖ୍ୟ କାରଣ। ସମାଜରେ ପୁରୁଷପ୍ରଧାନ ଭାବନା ଓ ନୀତିନିୟମ କମ୍ ହୋଇ ସମତାଭିତ୍ତିକ ବିଚାର ପ୍ରତିଷ୍ଠା ହୋଇପାରିଲେ ଏହି ସମସ୍ୟା ଧୀରେ ଧୀରେ କମ୍ ହେବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ଚିରନ୍ତନୀ

ବଉଦ ତଳେ ଆକାଶେ ପଥେ
ବୋଇତ ଚଳେ ସାଗରେ
ଗାଗରୀ କାଖେ ନାଗରୀ ଚଳେ
ପରମ ଅନୁରାଗରେ
ପତାରେ ତାର ସ୍ୱର୍ଣ୍ଣ ତବ
ଅଞ୍ଜନ ହେ ଅଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଠୋର ଆଇନ ପ୍ରଣୟନ ହେଉ

ମହାଶୟ,

ରାଜ୍ୟରେ ବୃଦ୍ଧି ପାଉଥିବା ଅପରାଧର ନିରାକରଣ ପାଇଁ ଆଇନରେ ସଂଶୋଧନ କରାଯାଉ। ଯୌନ ଉତ୍ପୀଡ଼ନ, ହତ୍ୟାକାଣ୍ଡ କିମ୍ବା ଜଘନ୍ୟ ଅପରାଧର ଦଣ୍ଡବ୍ୟବସ୍ଥା କଠୋର ହେଉ। ଏପରି କରାଗଲେ ଶିକ୍ଷାନୁଷ୍ଠାନ ସହ ଘରୋଇ କ୍ଷେତ୍ରରେ ହିଂସାକୁ ରୋକାଯାଇପାରିବ। ସମାଜରେ ବିଶୃଙ୍ଖଳା ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷେ ବନ୍ଦ ଡାକରା ଯୋଗୁ ରାଜସ୍ୱ କ୍ଷତି ହେଉଛି। ଅସ୍ୱାଭାବିକ ପରିସ୍ଥିତି ଯୋଗୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାଜ୍ୟ ସରକାର ଆଇନକୁ କ୍ରିୟାଶୀଳ କରିବା ଆବଶ୍ୟକ। ଶାସନ ପଦ୍ଧତି ଅଧିକରୁ ଅଧିକ ଲୋକାଭିମୁଖୀ କରାଯାଉ। ଆଇନଶୃଙ୍ଖଳା ବ୍ୟାହତ ନ ହେଉ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରିୟଙ୍କା



@ ଚନ୍ଦନ



@ ରଶ୍ମିତା



@ ମିଟୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାର୍ବଜନୀନ ସ୍ଥାନରେ ଖୋଲିବ 'ସ୍ତନ୍ୟପାନ କେନ୍ଦ୍ର'

## ସ୍ତନ୍ୟପାନ ଯୋଗୁ ମା' ହୃଦୟର ନିକଟତର ହୋଇପାରିବ ଶିଶୁ: ପ୍ରଭାତୀ

ଭୁବନେଶ୍ୱର,୬।୮ (ସୁଚିସ୍ମିତା ସାହୁ)

ଏଣିକି ମହିଳାମାନେ ସବୁଠି ନବଜାତ ଶିଶୁଙ୍କୁ ସ୍ତନ୍ୟପାନ କରାଇବାର ସୁବିଧା ପାଇପାରିବେ। ଆଗକୁ ବିଭିନ୍ନ ସାର୍ବଜନୀନ ସ୍ଥାନ ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ହାଟ ଓ ବଜାର ସମେତ ସରକାରୀ କାର୍ଯ୍ୟାଳୟ ଏବଂ ଅଭିଯୋଗ ଶୁଣାଣି ସ୍ଥାନରେ ମଧ୍ୟ ବ୍ରେଷ୍ଟ ଫିଡି ସେଣ୍ଟରରେ ବା ସ୍ତନ୍ୟପାନ କେନ୍ଦ୍ର ଖୋଲାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ବୁଧବାର ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ସ୍ତନ୍ୟପାନ ଦ୍ୱାରା ଉଭୟ ମାଆ ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିବ। ସ୍ତନ୍ୟପାନ ଯୋଗୁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ୍ ମା' ହୃଦୟର ଆହୁରି ନିକଟତର ହୋଇପାରିବ। ଏଥିସହ ସ୍ତନ୍ୟପାନ ଦ୍ୱାରା ମହିଳାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ କର୍କଟ ଓ ଡିମ୍ବାଶୟ କର୍କଟ ଭଳି ଭୟଙ୍କର ରୋଗକୁ ବହୁମାତ୍ରାରେ ଏଡ଼ାଇ ହୋଇପାରିବ। ଶିଶୁର ପ୍ରାରମ୍ଭିକ ୬ ମାସର ନିରନ୍ତର ସ୍ତନ୍ୟପାନ ଉଭୟ ମା' ଓ ଶିଶୁର ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଆଗାମୀ ଦିନରେ ଓଡ଼ିଶାରେ ସ୍ତନ୍ୟପାନ ହାର ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ଆହୁରି ମଧ୍ୟ ସେ କହିଲେ, ଅଙ୍ଗନୱାଡ଼ି ଶିଶୁର ଦ୍ୱିତୀୟ ମା' ଘର।



ଶିଶୁ ଓ ସେମାନଙ୍କ ମା'ବାପାଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ।

ଅଙ୍ଗନୱାଡ଼ିକୁ ଆହୁରି ଉନ୍ନତ କରିବା ପାଇଁ ଅଗଷ୍ଟ ୧ରୁ ୧୫ ତାରିଖ ଯାଏ ଆସ ବୁଲିଯିବା ଅଙ୍ଗନୱାଡ଼ି ଅଭିଯାନରେ ସାମିଲ ହୋଇ ଅଙ୍ଗନୱାଡ଼ି କେନ୍ଦ୍ରକୁ ପରିଦର୍ଶନ କରିବାକୁ ଉପମୁଖ୍ୟମନ୍ତ୍ରୀ ପିଲାଙ୍କ ମା'ବାପାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅନ୍‌ଲାଇନ ମାଧ୍ୟମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଏକ ଶିଶୁ ସ୍ତନ୍ୟପାନ କକ୍ଷ ଉଦ୍‌ଘାଟନ କରିବା ସହ ଲୋକ କଲ୍ୟାଣ ଅନ୍‌ଲାଇନ୍ ୱେବ୍ ଲିଙ୍କ୍ ଫର୍ମ ଲୋକାର୍ପଣ ହୋଇଯାଇଛି। ଏହି ୱେବ୍ ଲିଙ୍କ୍ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ପରିଚାଳିତ ହେବ। ଏହି ପଞ୍ଜୀକରଣ ମାଧ୍ୟମରେ ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ ଏକ ସକ୍ରିୟ ଏନ୍‌ଜିଓ ଡାଟାବେଶ ଗଠନ କରିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର କହିଲେ, ସ୍ତନ୍ୟପାନ କେବଳ ମା'ମାନଙ୍କର ଦାୟିତ୍ୱ ନୁହେଁ। ଏହା ପରିବାର, ସମାଜ, ସରକାରଙ୍କର ସାମୁହିକ ଦାୟିତ୍ୱ। ମା'ମାନଙ୍କ ପାଇଁ ଉପଯୁକ୍ତ ବିଶ୍ରାମ, ପୁଷ୍ଟିକର ଖାଦ୍ୟ ଓ ଏକ ମାନସିକ ଚାପମୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗର୍ଭବତୀ, ପ୍ରସୂତି ମା' ଓ ଶିଶୁଙ୍କ ପାଇଁ ଥିବା ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଅଭିଭାଷଣ ଓ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଗଣଶିକ୍ଷା ବିଭାଗ ୱେବ୍‌ସାଇଟ୍‌ରୁ ହଠାତ୍ ଉଠିଗଲା ବିଜ୍ଞପ୍ତି

## ସ୍କିମାଟିକ ଶିକ୍ଷକ ପଦ ଉଚ୍ଛେଦକୁ ନେଇ ଆଶଙ୍କା ବଢ଼ିଲା

ଭୁବନେଶ୍ୱର,୬।୮ (ସୁଚିସ୍ମିତା ସାହୁ)

ରାଜ୍ୟରେ ନୂତନ ଶିକ୍ଷକ ନିଯୁକ୍ତି, ସ୍କିମାଟିକ କନିଷ୍ଠ ଶିକ୍ଷକ ପଦ ଉଚ୍ଛେଦ, ନିୟମିତ ଶିକ୍ଷକ ନିଯୁକ୍ତି ପରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବୈଠକ ବସି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଏ ସଂକ୍ରାନ୍ତରେ ଗତ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିବା ସହ ବିଭାଗର ୱେବ୍‌ସାଇଟ୍‌ରେ ତାହାକୁ ଅପଲୋଡ୍ କରାଯାଇଥିଲା। ଦୀର୍ଘଦିନ ପରେ ସ୍କିମାଟିକ କନିଷ୍ଠ ଶିକ୍ଷକ ପଦବୀ ଉଚ୍ଛେଦ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଥିବାରୁ ଶିକ୍ଷକମାନେ ଏହାକୁ ସ୍ୱାଗତ କରିଥିଲେ। ହେଲେ ଏହାର ମାତ୍ର ୩ଦିନ ପରେ ବିଭାଗ ୱେବ୍‌ସାଇଟ୍‌ରୁ ଏହି ବିଜ୍ଞପ୍ତିକୁ ହଟାଇ ଦିଆଯାଇଥିବା ଅଭିଯୋଗ ହୋଇଛି। କାହିଁକି ବିଜ୍ଞପ୍ତିକୁ ଉଠାଇ ଦିଆଗଲା ଏବଂ ପୁଣିଥରେ ନିଷ୍ପତ୍ତି ପରିବର୍ତ୍ତନ କରାଯିବ କି ବୋଲି ଶିକ୍ଷକମାନେ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଅନୁଯାୟୀ, ରାଜ୍ୟରେ ଆଉ କନିଷ୍ଠ ସ୍କିମାଟିକ ଶିକ୍ଷକ ନିଯୁକ୍ତି ହେବେ ନାହିଁ। ପ୍ରାଥମିକ ଶିକ୍ଷକ ନିଯୁକ୍ତିରୁ ଏହାକୁ ଉଠାଇ ଦିଆଯିବ। ସେମାନଙ୍କୁ ନିୟମିତ କରିବା ସହ ସ୍କିମାଟିକ ବଦଳରେ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ମିଳିବ। ଏହି ପ୍ରସ୍ତାବ ପ୍ରାୟ ୧୬ହଜାର ସ୍କିମାଟିକ ଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଏପରିକି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କ ପରି ପ୍ରାଥମିକ ଶିକ୍ଷାରେ ମଧ୍ୟ ନିୟମିତ ଶିକ୍ଷକ ନିଯୁକ୍ତ କରାଯିବା ପ୍ରସ୍ତାବକୁ ସମସ୍ତ ଶିକ୍ଷକ ସମାଜ ଓ ଅଭିଭାବକମାନେ ସ୍ୱାଗତ କରିଥିଲେ। ହେଲେ ଏବେ ବିଭାଗୀୟ ୱେବ୍‌ସାଇଟ୍‌ରୁ ଏହାକୁ ହଠାତ୍ ହଟାଇ ଦିଆଯାଇଥିବାରେ ଶିକ୍ଷକଙ୍କ ମଧ୍ୟରେ ନାନା ଆଲୋଚନା ଚାଲିଛି। ନିୟମିତ ହେବାକୁ ସ୍କିମାଟିକ ଶିକ୍ଷକଙ୍କ ଆଶା ଆଶଙ୍କାରେ ପରିଣତ ହୋଇଛି। ନିକଟତମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଭାଗୀୟ ମନ୍ତ୍ରୀଙ୍କୁ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯାଇ ନ ଥିଲା। ତାଙ୍କୁ ଅନ୍ଧାରରେ ରଖି ନିଷ୍ପତ୍ତି ସାର୍ବଜନୀନ କରାଯାଇଥିବାରୁ ଚାପ ବଢ଼ିଥିଲା। ଶେଷରେ ବାଧ୍ୟ ହୋଇ ବିଭାଗ ପକ୍ଷରୁ ଏହାକୁ ଅପସାରିତ କରାଯାଇଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସପ୍ତାହରେ ୨ଥର 'ଆମ ବସ୍'ରେ ଯାତ୍ରା କରିବେ କ୍ରୁଟ୍ ଅଧିକାରୀ

## ବସ୍‌ରେ ଯାତ୍ରାକଲେ, ଅଭିଜ୍ଞତା ସାଉଣ୍ଟିଲେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ, ମହାପ୍ରବନ୍ଧକ

ଭୁବନେଶ୍ୱର,୬।୮ (ଅନୁରାଧା ମହାରଣା)

ଆମ ବସ୍ ସେବାରେ ସାଧାରଣ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତା ବୃଦ୍ଧି ନେଇ କ୍ରୁଟ୍ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡ. ଏନ୍. ଥିରୁମାଲା ନାଏକ ସମସ୍ତ ଅଧିକାରୀଙ୍କୁ ସପ୍ତାହରେ ଅନ୍ତତଃ ଦୁଇଥର ଆମ ବସ୍‌ରେ ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍‌ରେ ଯାତ୍ରା କରି ଅନ୍‌ଲାଇନ ଫର୍ମ ମାଧ୍ୟମରେ ଆମ ବସ୍‌ର ପ୍ରତ୍ୟେକ ସେବା ସମ୍ପର୍କରେ ମତାମତ ସଂଗ୍ରହ ହେବ। ମତାମତ ଆଧାରରେ ସେବାର ଉନ୍ନତୀକରଣ ପାଇଁ କାର୍ଯ୍ୟ କରାଯିବ। ଏହି ଅବସରରେ ଡ. ନାୟକ ନିଜେ ବୁଧବାର କ୍ରୁଟ୍‌ର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ରୁଟ୍‌ର ବସରେ ଯାତ୍ରା କରିଥିଲେ। କ୍ରୁଟ୍ କାର୍ଯ୍ୟାଳୟରୁ ବାହାରି ୧୦ ନମ୍ବର ରୁଟ୍‌ର ବସ୍‌ରେ କିଟ୍ ଛକରୁ ଇନ୍‌ଫୋସିଟି ଏବଂ ୧୩ ନମ୍ବର ରୁଟ୍‌ରେ ଟ୍ରାଇ ମହାବିଦ୍ୟାଳୟରୁ କେଶରୀ ଟକିଜ୍ ଯାଏ ଯାତ୍ରା କରି ସେବାର ପ୍ରକୃତ ସ୍ଥିତି ପରଖିଛନ୍ତି।



କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡ. ଏନ୍. ଥିରୁମାଲା ନାଏକ ନିଜେ ଟିକେଟ କାଟି ମୋ ବସ୍‌ରେ ଯାତ୍ରା କରିବା ସହ ସେବାକୁ ନେଇ ଯାତ୍ରୀଙ୍କ ମତ ସଂଗ୍ରହ କରୁଛନ୍ତି।

ନିଜେ ଟିକେଟ୍ କାଟି ଆମ ବସ୍‌ରେ ସାଧାରଣ ଯାତ୍ରୀଙ୍କ ଭଳି ଯାତ୍ରା କରିଛନ୍ତି। ସେହିଭଳି ବହୁ ଯାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ଯାତ୍ରା ଅଭିଜ୍ଞତା ବିଷୟରେ ମତାମତ ସଂଗ୍ରହ କରିଛନ୍ତି। ପ୍ରଶାସନିକ ସ୍ତରରେ ନିର୍ଣ୍ଣୟ ହେଉଥିବା ଯୋଜନା ଏବଂ ଗ୍ରାଉଣ୍ଡସ୍ତରରେ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏବଂ ସମସ୍ତ ବର୍ଗର ଯାତ୍ରୀଙ୍କ ପାଇଁ ଆମ ବସ୍ ସେବାକୁ ଅଧିକ ସୁଗମ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ରହିଛି। ସେହିଭଳି କ୍ରୁଟ୍ ମହାପ୍ରବନ୍ଧକ (ଓ ଆଣ୍ଡ ଏମ୍) ସଞ୍ଜୟ ବିଶ୍ୱାଳ କଟକ ସିଡିଏ–୯ରୁ ଭୁବନେଶ୍ୱର କଳାରାହାଙ୍ଗ ପର୍ଯ୍ୟନ୍ତ ଆମ ବସ୍‌ରେ ଯାତ୍ରା କରି ସେବାର ମୂଲ୍ୟାଙ୍କନ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ପ୍ରତ୍ୟେକଟି ମତାମତକୁ ଗୁରୁତର ସହିତ ଗ୍ରହଣ କରି ଏହାକୁ ମୂଲ୍ୟାଙ୍କନ କରାଯିବ।

# ସମ୍ପୃକ୍ତ କର୍ମଚାରୀଙ୍କୁ ନିଲମ୍ବନ ନିର୍ଦ୍ଦେଶ



## ଗଳାବାଟ ଦେଇ ଭକ୍ତଙ୍କୁ ଛାଡ଼ିବା ନେଇ ଅଭିଯୋଗ

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଚାରିଦ୍ୱାର ଓ କିଛି ଗଳାବାଟରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ଭକ୍ତଙ୍କଠାରୁ ଟଙ୍କା ନେଇ ଛାଡୁଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶନ ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗଳାବାଟରେ ହାତଗୁଞ୍ଜା ନେଇ ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ଭକ୍ତଙ୍କୁ ଛାଡୁଛନ୍ତି, ଯାହାର ଏକ ଜ୍ୱଳନ୍ତ ଉଦାହରଣ ବୁଧବାର ଦେଖିବାକୁ ମିଳିଛି। ନବନିଯୁକ୍ତ ଜେଟିପି ସ୍କ୍ୱାଡ୍ ବାବୁ ଠାଣିରେ ଚୌକିରେ ବସି ହାତଗୁଞ୍ଜା ରଖି ଗଳାବାଟରେ ଭକ୍ତଙ୍କୁ ଛାଡୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ସୁରକ୍ଷା କର୍ମୀ ଟଙ୍କା କାରବାର କରୁଛନ୍ତି। ଏପରି କାର୍ଯ୍ୟ ଶ୍ରୀମନ୍ଦିରର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୩ ମାସ ତଳେ ଆଉଟ୍‌ସୋର୍ସିଂ ଏଜେନ୍ସି ମାଧ୍ୟମରେ ଏହି କର୍ମଚାରୀମାନେ ଚୟନ ହୋଇଛନ୍ତି। ଏହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଏଥିସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇବା ପରେ ଭକ୍ତଙ୍କଠାରୁ ହାତଗୁଞ୍ଜା ନେଇ ଛାଡୁଥିବା ସଂପୃକ୍ତ ଜେଟିପି ସ୍କ୍ୱାଡ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.29/ET/SBP/ENGG/2025-26, ତା.01.08.2025ରିଖ

(1)ଇ-ଟେଣ୍ଡର ସଂ.07-eT-SETT-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଳୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/-।

(2)ଇ-ଟେଣ୍ଡର ସଂ.31-eT-DENC-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ହୀରାକୁଦ (HKG) ଠାରେ ହଲିଡେ ହୋମ୍ ଏବଂ ବରଗଡ଼ ରୋଡ୍ (BRGA) ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 36,06,222.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 72,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-।

କାର୍ଯ୍ୟ ଶେଷ ହେବା ଅବଧି : 24 ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-435/Q/25-26



**OFFICE OF THE PRINCIPAL**
**PANCHAYAT SAMITI DEGREE COLLEGE, MURIBAHAL, BALANGIR**

E-Mail : degreecollegemuribahal@gmail.com
Ph : 06655-272007, Mob : 9438283147

**Walk in Interview**

Walk in interview for the post of lecturer in Physics on the adhoc basis under Self Financing mode will be held on Dt.13.08.2025 at 11.30 a.m. The candidates having Master Degree with minimum 55% marks should attend with personal Bio-data and original documents. Fixed remuneration as decided by Management will be paid. No TA/DA will be paid for this purpose the post is temporary and is terminable at any time without assigning any reason thereof. In case of single candidate the interview will be cancelled.

Sd./-Principal
Panchayat Samiti Degree College,
Muribahal, Balangir



Office Of the Principal
**MAHAPAT DEGREE MAHAVIDYALAYA, JANGHIRA**
Keonjhar

E-mail : principal.mahapatclg@gmail.com Mob : 9437715702
Letter No. MD/109/2025 Date : 06.08.2025

**TENDER CALL NOTICE**

Sealed quotations are invited from registered firms/authorised dealers for supply & Installation of IT equipment like Desktop computers, UPS system, MFM, LED TVs (65 Inch), wireless mice camera & internet facilities at Mahapat Degree Mahavidyalaya, Janghira, Keonjhar. Sealed tender complete in all respect should be submitted to Principal, Mahapat Degree Mahavidyalaya, Janghira, Keonjhar, Pin-758079 by speed post/Regd. Post/Courrier within the ten days of publication of advertisement.

Sd./- Principal I/c Cum Secretary
Mahapat Degree Mahavidyalaya
Janghira, Keonjhar



**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**Short E- Procurement Notice**
**Tender Notice**

NIT No- JNAC/10/2025-26 Date-02.08.2025

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 11.08.2025 at 05:00 Pm |
| 7. | Document downloading Start date | 11.08.2025 at 05:00 Pm |
| 8. | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall |
| 9. | Bid Submission Start date | 18.08.2025 at 05:00 Pm |
| 10. | Bid Submission end date | 25.08.2025 at 05:00 Pm |
| 11. | Bid Opening date | 26.08.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

Deputy Municipal Commissioner,
Jamshedpur Notified Area Committee,
Jamshedpur.

PR.NO.358963 Urban Development(25-26):D



**झारखण्ड सरकार**
**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, धनबाद**
मोबाईल नं0 : 7061981397
Email : rdsd.dhanbad@rediffmail.com

पत्रांक:–628 धनबाद / दिनांक–06.08.2025

**कार्यालय आदेश**

इस कार्यालय के पत्रांक 581 दिनांक 17.07.2025 के द्वारा आमंत्रित निविदा सूचना सं0– 13/2025-26/RDSD/EE/Dhanbad/2nd Call का शुद्धि पत्र जिसका PR No. 357598 Rural Development (25-26)_D में प्रकाशित निविदा को अपरिहार्य कारणवशं अगले आदेश तक स्थगित किया जाता है।

PR 359014 Rural Development(25-26)#D

कार्यपालक अभियंता
ग्रामीण विकास विशेष प्रमंडल, धनबाद



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ(ଜି)/ଚକ୍ରଧରପୁର, ଦ.ପୂ. ରେଳପଥ ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ । **ଇ–ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୩୮–ଇଏଲ୍–ଡବ୍ଲ୍ୟୁଟି–୨୦୨୫–୨୬, ତାରିଖ: ୦୫।୦୮।୨୦୨୫ ।** **କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଲୋଡିଂ ସାଇଡିଂଠାରେ ଆଲୋକୀକରଣର ଉନ୍ନତୀକରଣ ପାଇଁ ହାଇ ମାଷ୍ଟ ଟାୱାର୍ସ (୩୦ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧,୪୯,୭୫,୭୨୨.୭୦ । **ଇଏମ୍‌ଡି:** ₹୨,୨୪,୯୦୦। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ୦୮।୦୯।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-488)



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BAM-486, ତା. 31.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 47,60,942.40, EMD (ଟଙ୍କାରେ) : 95,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-436/Q/25-26



**GOVERNMENT OF ODISHA** No.O-536
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**

**e-Procurement Notice**

1 Name of work : Periodical Renewal work of 5 years completed PMGSY (Post DLP) for the year 2025-26 (Annexure-A)" State Budget Grant
2 No. of work : 2 (Two) works
3 Time for completion varies from : 3 (Three) calendar months
4 Approximate estimated cost varies from : Rs.246.76 lakhs to Rs.249.76 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-10/2025-26 | 11.08.2025 at 11.00 A.M. | 26.08.2025 upto 5.00 P.M. | 25.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qulified bidders later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir

OIPR-25118/11/0045/2526



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ବଜ୍ରକବାଟି ରୋଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ,** ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, **ଠିକଣା-୧:** ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ- ୭୫୩୦୦୩, **ଠିକଣା-୨:** ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୫.୦୮.୨୦୨୫ | **ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ,** ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶସନ, କ୍ଷେତ୍ର: ଏକର୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ଜମି, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୬.୦୮.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୬।୦୮।୨୦୨୫

| | |
|---|---|
| ୫,୭୪,୯୪୩ ଟଙ୍କା | |
| ସୁନା | ୩.୯୦୦ ଗ୍ରାମ |
| ରୁପା | ୧୦୯.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ପୂର୍ବ ବିବାଦରୁ ମାରପିଟ, ୨ ଆହତ

ନିମାପଡ଼ା,୬।୮ (ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅନ୍ତର୍ଗତ ବଡ଼ମାଛପୁର ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଏହି ଘଟଣାରେ ଉଭୟ ପରିବାରର ବିନି ପ୍ରଧାନ ଓ ଯାଦବାନନ୍ଦ ପ୍ରଧାନ ପ୍ରମୁଖ ଆହତ ହୋଇ ନିମାପଡ଼ା ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଯାଦବାନନ୍ଦଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ୍ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ବିନି ପ୍ରଧାନ ଗଣ୍ଡଗୋଳକାରୀ ଯାଦବାନନ୍ଦ ପ୍ରଧାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ବେଳେ ଅନ୍ୟ ପରିବାରର ଯାଦବାନନ୍ଦ ପ୍ରଧାନ ଗଣ୍ଡଗୋଳକାରୀ ସୁନୀଲ ପ୍ରଧାନ ଓ ବିନି ପ୍ରଧାନ ପ୍ରମୁଖ ୨ ଜଣଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ କେସ୍ ନଂ. ୨୪୬/୨୫, ୨୪୭/୨୫ରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।

### ଦଣ୍ଡତୋଟାରେ ଲୁଟେରା ଆତଙ୍କ

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି): ପୁରୀ ଦଣ୍ଡତୋଟାରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ୩ ଜଣ ଲୁଟେରା ସ୍କୁଟିରେ ଆସି ମୋବାଇଲ୍ ଲୁଟ୍ ଉଦ୍ୟମ କରି ଫେଲ୍ ମାରିବାରୁ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସୂଚନାଯୋଗ୍ୟ, ଦଣ୍ଡତୋଟା ହନୁମାନ ମନ୍ଦିର ନିକଟରେ ୩ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ଏକ ସ୍କୁଟିରେ ବସି ଚାଲିଚାଲି ଯାଉଥିବା ବ୍ୟକ୍ତିଙ୍କ ପିଛା କରିଥିଲେ। ସ୍କୁଟିରେ ଥିବା ଲୁଟେରାମାନେ ହଠାତ୍ ଗାଡ଼ି ରଖି ଉକ୍ତ ୨ ଯୁବକଙ୍କ ମୋବାଇଲ୍ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ଭିତରୁ ଜଣେ ଦୌଡ଼ି ପଳାଇଥିବାବେଳେ ଅନ୍ୟଜଣଙ୍କୁ ଲୁଟେରାମାନେ ମାରପିଟ୍ କରିବା ସହ ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇଛନ୍ତି। ଜନଗହଳିପୂର୍ଣ୍ଣ ରାସ୍ତାରେ ଏଭଳି ଲୁଟେରାମାନେ ଆତଙ୍କ ରଚିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ଗଣେଶପୂଜା ପାଇଁ କୁମ୍ଭକାର ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ

ଚାରିଛକ,୬।୮ (ଶିଶିର କୁମାର ସ୍ୱାଇଁ): ଚଳିତ ମାସ ୨୭ ତାରିଖରେ ପବିତ୍ର ଗଣେଶ ଚତୁର୍ଥୀ। ସ୍କୁଲ, କଲେଜ, କ୍ଲବ୍ ସହ ଚାରିଛକର ବିଭିନ୍ନ ଦୋକାନରେ ଗଣେଶ ପୂଜା ହୋଇଥାଏ। ଚାରିଛକ ଓ ଅମରେଶ୍ୱର ଅଞ୍ଚଳର ଶିଳ୍ପୀମାନେ ପୂଜା ପାଇଁ ମୂର୍ତ୍ତି ନିର୍ମାଣ କରିଥାନ୍ତି। କାରିଗରମାନେ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଚକଡ଼ା, ଫ୍ରେମ ବନ୍ଧା, ମୂର୍ତ୍ତିରେ ରଙ୍ଗଦେବା କାମରେ ଲାଗି ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଦୁଇ ସ୍ଥାନର କାରିଗରଙ୍କର ମୂର୍ତ୍ତି ନିର୍ମାଣ କରିବାରେ ସୁନାମ ରହିଛି। ବହୁ ଅନୁଷ୍ଠାନ ଓ କ୍ଲବ ପାଇଁ ଛୋଟବଡ଼ ମୂର୍ତ୍ତିମାନ ନିର୍ମାଣ କରିଥାନ୍ତି। ଏଠାରେ ହଜାରରୁ ୩୦ ହଜାର ଟଙ୍କାର ମୂର୍ତ୍ତି ବିକ୍ରୟ ହୋଇଥାଏ। ସ୍ୱତନ୍ତ୍ର ମୂର୍ତ୍ତି ତିଆରି ପାଇଁ ଅଧିକ ଟଙ୍କାର ଦାବି କରିଥାନ୍ତି। ବର୍ତ୍ତମାନ ରଙ୍ଗ, ବୋରଦା, ଚୁମୁକି ଦର ବୃଦ୍ଧି ହୋଇଥିବାରୁ ଲାଭ କମ୍ ମିଳୁଛି ବୋଲି ଅମରେଶ୍ୱର ମୂର୍ତ୍ତି କାରିଗର ବଂଶୀଧର ସେଠୀ ପ୍ରକାଶ କରିଛନ୍ତି।

# କୁକୁଡ଼ା ମଡ଼କ, ଦୁର୍ଗନ୍ଧରେ ଫାଟିପଡୁଛି ଗାଁ

## ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ

ଗୋପ,୬।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ୍ ଅଞ୍ଚଳରେ ଏବେ କୁକୁଡ଼ା ମଡ଼କ ଅଭିଯୋଗ ହେଉଥିବା ବେଳେ କୁଆଁପଡ଼ା ପଞ୍ଚାୟତର ଓରୁଆଳି ଗ୍ରାମରେ କୁକୁଡ଼ା ମଡ଼କକୁ ନେଇ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ସରପଞ୍ଚ ବଳିମଣି ପ୍ରଧାନଙ୍କ ଅଭିଯୋଗ ଉପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜଣାଇଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ନାଗପୁର ପଞ୍ଚାୟତର ପାଇକସାହି ଗ୍ରାମ ନିକଟସ୍ଥ କୁଶଭଦ୍ରା ନଦୀବନ୍ଧ କଡ଼ରେ ଶତାଧିକ ମଲା କୁକୁଡ଼ା ବସ୍ତା ପଡ଼ିଥିବା ବେଳେ ଏବେ କୁଆଁପଡ଼ାର ଓରୁଆଳି ଗାଁ ନିକଟ ନଦୀବନ୍ଧ ସହିତ ନିକଟସ୍ଥ ଜଙ୍ଗଲଗୁଡ଼ିକରେ ପଡ଼ିଛି। ଏପରିକି ଗୋପ ନିକଟସ୍ଥ ଗୋପ-ନିମାପଡ଼ା ଶାଖା କେନାଲ ବନ୍ଧ ନିକଟରେ ମଲା କୁକୁଡ଼ା ପଡ଼ିବା ଭଳି ଅଭିଯୋଗ ହୋଇଛି। କୁଆଁପଡ଼ା ପଞ୍ଚାୟତର ଓରୁଆଳି ଗ୍ରାମରେ ଏବେ ଦୁର୍ଗନ୍ଧରେ ନାକ ଫାଟିପଡୁଥିବା ଅଭିଯୋଗ ହେଉଥିବା ନେଇ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଗ୍ରାମ ସଭାପତି ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି। ଅଧିକ ମାତ୍ରାରେ ଦୁର୍ଗନ୍ଧ ହେବାରୁ ସରପଞ୍ଚ ତୁରନ୍ତ ବ୍ଲିଚିଂ ପାଉଡର ପକାଇବା ଲାଗି ଅଭିଯୋଗ କରିଥିବା ସମୟରେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଏହାର ତଦନ୍ତ କରିବାକୁ ଅଭିଯୋଗ କରିଛନ୍ତି। ସାଧାରଣ ଲୋକମାନେ ଗୋପ ବ୍ଲକ ଅଞ୍ଚଳରେ କୁକୁଡ଼ା ମଡ଼କ ହେଉଥିବାରୁ ବାର୍ଡ ଫ୍ଲୁ ହେବା ଆଶଙ୍କା ଦେଖାଦେଇଛି ବୋଲି ଅଭିଯୋଗ ମଧ୍ୟ ହୋଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିକାରୀ ରଞ୍ଜନ କୁମାର ସାହୁ କହିଛନ୍ତି, ସେ ଅଞ୍ଚଳର ପ୍ରାଣୀଧନ ନିରୀକ୍ଷକଙ୍କୁ ଜଣାଇବା ପରେ ତୁରନ୍ତ ଦେଖିବା ପାଇଁ କହିଛନ୍ତି। ମାତ୍ର ଏହି ଦୁର୍ଗନ୍ଧମୟ ଯୋଗୁ ସାଧାରଣ ଲୋକମାନେ ବାହାରକୁ ବାହାରି ପାରୁ ନ ଥିବା ଭଳି ଅଭିଯୋଗ ହୋଇଛି।

# ଶ୍ରୀମନ୍ଦିର ଆନନ୍ଦବଜାରରେ ଲାଗିବ ରେଟ୍ ଚାର୍ଟ

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ଆନନ୍ଦବଜାର ଶୃଙ୍ଖଳା ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୁଆର ମହାସୁଆର ନିଯୋଗ ସହ ବୈଠକ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ଆନନ୍ଦବଜାରରେ ଶୁଖୁଲି ଭୋଗ ଏବଂ ମହାପ୍ରସାଦ ବିକ୍ରି, ଆନନ୍ଦବଜାରରେ ଭକ୍ତମାନେ ଯେଭଳି ଶୃଙ୍ଖଳିତ ଭାବେ ମହାପ୍ରସାଦ ପାଇପାରିବେ, ରେଟ୍‌ଚାର୍ଟ ସହ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ଆନନ୍ଦବଜାରରେ ରେଟ୍‌ଚାର୍ଟ ଲଗାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ସେହିପରି ଭକ୍ତମାନଙ୍କ ସୁବିଧା ଦୃଷ୍ଟିରୁ ଆନନ୍ଦବଜାରରେ ଶୁଖୁଲି ମହାପ୍ରସାଦ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ଓ ମହାପ୍ରସାଦ ପାଇଁ ସ୍ୱତନ୍ତ୍ର ଦୋକାନ କରାଯିବ। ଶ୍ରୀମନ୍ଦିର ଆନନ୍ଦବଜାର ଶୃଙ୍ଖଳା ନେଇ ବୈଠକ ହୋଇଥିଲା। ବର୍ତ୍ତମାନ ଆନନ୍ଦବଜାର ପରିସରରେ ୮୦% ଶୃଙ୍ଖଳା ଆସି ସାରିଛି ବୋଲି ନାରାୟଣ ମହାସୁଆର ନାରାୟଣ ମହାସୁଆର କହିଛନ୍ତି। ବୈଠକରେ ଜିଲାପାଳଙ୍କ ସହ ଶ୍ରୀମନ୍ଦିରର ନୀତି ଓ ଉନ୍ନୟନ ପ୍ରଶାସକ, ସୁରକ୍ଷା ପ୍ରଶାସକ, ସ୍ୱତନ୍ତ୍ର ପୋଲିସ ବାହିନୀର କମାଣ୍ଡାଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।



ଝୁଲଣ ଅବସରରେ ସିଦ୍ଧବକୁଳ ମଠ ପରିସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ରାସ୍ତାକଡ଼ରୁ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ପିପିଲି,୬।୮ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଭୁବନେଶର-ପୁରୀ ଜାତୀୟ ରଜପଥ ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ନିମାପଡ଼ା ଥାନା ନଅନ୍ତରା ଗ୍ରାମର ଅଜୟ କୁମାର ସେଠୀ(୨୬)। ଯୁବକଙ୍କୁ କେହି ହତ୍ୟାକରି ଏଠାରେ ଫିଙ୍ଗିଦେଇଥିବା ଯୁବକଙ୍କ ସମ୍ପର୍କୀୟ ମାମୁ ଅଭିଯୋଗ କରିଛନ୍ତି। ତେବେ ଅଜୟ ବାହାରେ ରହି କାମ କରୁଥିବା ବେଳେ କିଛିଦିନ ତଳେ ସେ ଘରକୁ ଆସି ପୁଣି କାମକୁ ଯାଇଥିଲେ। ବୁଧବାର ଭୋରରୁ ପିପିଲି ରାଜପଥ କଡ଼ରେ ତାଙ୍କ ମୃତଦେହ ପଡ଼ିଥିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ମୃତ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବା ବେଳେ ତାଙ୍କୁ କେହି ହତ୍ୟାକରି ଏଠାରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହକୁ ଜବତ କରିବା ସହ ଚପଲ, ବ୍ୟାଗ୍, ମୋବାଇଲକୁ ମଧ୍ୟ ଜବତକରି ତଦନ୍ତ ଆରମ୍ଭ କରିଛନ୍ତି। ଅଧିକ ତଦନ୍ତ ପାଇଁ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମୃତ ଯୁବକଙ୍କ ବାପା କୃଷ୍ଣଚନ୍ଦ୍ର ସେଠୀ ପିପିଲି ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୪୭୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଗନଙ୍କୁ ଆକ୍ରମଣ ଘଟଣାରେ ଧରାପଡ଼ିଲେ ୭

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ବସ୍‌ଷ୍ଟାଣ୍ଡ ପରିସରରେ ଥିବା ତାରିଣୀ ମନ୍ଦିର ଠାରେ ଜଗନଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିବା ବେଳେ ୪ ଜଣ ନାବାଳକଙ୍କୁ ସ୍ୱଧାର ଗୃହକୁ ପଠାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତାଳବଣିଆ ଥାନା ହୁଲୁହୁଲିଆ ପୋଲ ନିକଟର କୃଷ୍ଣଚନ୍ଦ୍ର ଦଳାଇ (୧୯), ବିନୋବାନଗରର ରାଜୀବ ସାମଲ (୨୭) ଏବଂ ସିଦ୍ଧମହାବୀର ଅଞ୍ଚଳର ନରାୟଣ ପ୍ରଧାନ (୨୨)। ଏନେଇ କୁମ୍ଭାରପଡ଼ା ଥାନା ପୋଲିସ କେସ୍ ନଂ ୩୫୭/୨୫ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାମଚଣ୍ଡୀ ବାଲି ଉପରବସ୍ତିର ଜଗନ ବେହେରାଙ୍କୁ ବସ୍‌ଷ୍ଟାଣ୍ଡ ତାରେଣୀ ମନ୍ଦିର ନିକଟରେ ୭ରୁ ଉର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ହୋଇ ମରଣାନ୍ତକ ଆକ୍ରମଣ କରିବା ସହ ତଳେ ପକାଇ ଗୋଇଠା ବିଧା ମାରି ଲହୁଲୁହାଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ଜଗନ ପେଟରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ଘଟଣାକୁ ନେଇ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା। ତେବେ ଜଗନ ବେହେରା ଜଣେ ନାବାଳକ ଠାରୁ ୯ଶହ ଟଙ୍କା ଆଣିଥିଲେ। ମାତ୍ର ତାଙ୍କୁ ଫେରସ୍ତ କରି ନ ଥିଲେ। ବାରମ୍ବାର ଟଙ୍କା ମାଗିଥିଲେ ମଧ୍ୟ ଜଗନ ଟଙ୍କା ଦେଇ ନ ଥିଲେ। ଫଳରେ ଟଙ୍କା ପାଇବା ନିମନ୍ତେ ଉକ୍ତ ନାବାଳକଙ୍କ ସହ ୬ ଜଣ ସହଯୋଗୀ ଜଗନଙ୍କୁ ଆକ୍ରମଣ କରିଥିଲେ।

# ଶ୍ରୀଜଗନ୍ନାଥବଲ୍ଲଭ ମଠରେ ନୃତ୍ୟ ବିଚିତ୍ରା ସାଂସ୍କୃତିକ ସନ୍ଧ୍ୟା

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ମନ୍ଦିରରେ ମହାପ୍ରଭୁଙ୍କ ଝୁଲଣ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ରର ଅଗ୍ରଣୀ ତଥା ପୁରାତନ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳାନିକେତନ ପକ୍ଷରୁ ଶ୍ରୀଜଗନ୍ନାଥବଲ୍ଲଭ ମଠ ଟ୍ରଷ୍ଟ ବୋର୍ଡ ପକ୍ଷରୁ ୨ୟ ସାଂସ୍କୃତିକ ସନ୍ଧ୍ୟା ଝୁଲଣ ମଣ୍ଡପ ଠାରେ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ଜଗନ୍ନାଥଷ୍ଟକମ୍, ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି, ବିଷ୍ଣୁ ବନ୍ଦନା, କାହିଁ ଗଲେ ମୁରଲୀ ଫୁଙ୍କା, ଭଜନ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ନୃତ୍ୟଶିଳ୍ପୀ ଶୁଭସ୍ମିତା ବଳ, ସୁପ୍ରିୟା ପଲେଇ, ଅର୍ଚ୍ଚନା ସାହୁ, ମମତା ଦାସ, ଭାଗ୍ୟଲକ୍ଷ୍ମୀ ଜେନା, କାଳୁଚରଣ ବରାଳ, ବଳରାମ ସେଠୀ, ସିପ୍ରା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥବଲ୍ଲଭ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ନୃତ୍ୟଶିଳ୍ପୀ, ଗୁରୁମାନଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ଜଗନ୍ନାଥ ମିଶ୍ର, ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିକ୍ଷା କ୍ଷେତ୍ରରେ ପ୍ରଫୁଲ୍ଲ ମିଶ୍ରଙ୍କ ଅବଦାନ ଅବିସ୍ମରଣୀୟ

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

## କଲେଜ୍ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ କଲେଜର ପ୍ରତିଷ୍ଠା ଦିବସ



ଛାତ୍ରୀମାନେ ରକ୍ତଦାନ କରୁଛନ୍ତି।

ପୁରୀ-କୋଣାର୍କ ବେଳାମାର୍ଗସ୍ଥିତ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ କଲେଜରେ ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୭୪ତମ ଜନ୍ମ ବାର୍ଷିକ ତଥା କଲେଜର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଲେଜର ୬୧ ଜଣ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବଙ୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ପ୍ରଦୀପ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରି ଶିକ୍ଷା କ୍ଷେତ୍ରରେ ପ୍ରଫୁଲ୍ଲ ମିଶ୍ରଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡି.ଏଚ୍.ଏଚ୍, ପୁରୀର ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ଦିପକ କୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଓ କଲେଜର ଚେୟାରପର୍ସନ୍ ଅନିମା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାନ ଶିବିର ଓ ସଭାକାର୍ଯ୍ୟକୁ ଅଧ୍ୟାପକ ଓ ଅଧ୍ୟାପିକା ସୁନୀତା ମିଶ୍ର, ଅସିତ୍ କୁମାର ଷଡ଼ଙ୍ଗୀ, ତୃପ୍ତି ରଞ୍ଜନ ପାଢ଼ୀ, ସଞ୍ଚିତା ମଣ୍ଡଳ ପରିଚାଳନା କରିଥିବା ବେଳେ ଅନୁପ କୁମାର ପାତ୍ର, ବିଶ୍ୱଜିତ୍ ପାଇକରାୟ, ବିଦ୍ୟୁସ୍ମିତା ପ୍ରଧାନ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପରିଚାଳନାରେ ସହାୟତା କରିଥିଲେ।

# ଛେଳି ଚୋରି ଅଭିଯୋଗରେ ଜଣେ ଗିରଫ

ପିପିଲି,୬।୮ (ଦୁର୍ଗା ମାଧବ ମିଶ୍ର)

ପିପିଲି ଥାନା, ସାତଶଙ୍ଖ ଫାଣ୍ଡି, ସାକ୍ଷୀଗୋପାଳ ଥାନା ଏବଂ ଚାରିଛକ ଥାନା ଅଞ୍ଚଳରୁ ୪୦୦ରୁ ଉର୍ଦ୍ଧ୍ୱ ଛେଳି ଚୋରି ହୋଇଥିବା ବିଭିନ୍ନ ସମୟରେ ଥାନାଗୁଡ଼ିକରେ ଅଭିଯୋଗ ହୋଇଛି। ତେବେ ପିପିଲି ପୋଲିସ ମଙ୍ଗଳବାର ରାତିରେ ପିପିଲି ଅଞ୍ଚଳରୁ ୨୫ ଛେଳି ଉଦ୍ଧାର କରିବା ସହ ଜଣଙ୍କୁ ଗିରଫ କରିଛି। ଉଦ୍ଧାର ଛେଳିଗୁଡ଼ିକୁ ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ମୁନା ଖାଁ। ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

# ଶିକ୍ଷକ ସମାଜର ପଥପ୍ରଦର୍ଶକ




ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

ଯୋଗେଶ୍ୱରପୁର,୬।୮ (ରଶ୍ମି ରଞ୍ଜନ ସାହୁ)

## ଅବସର ସମ୍ବର୍ଦ୍ଧନା ଉତ୍ସବ

ଶିକ୍ଷକ ସମାଜର ପଥପ୍ରଦର୍ଶକ ବୋଲି ଆୟୋଜିତ ଅବସର ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପରିଡ଼ା କହିଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତ କଦମ୍ବପାଟଣାଠାରେ ଥିବା ରାଧାଦାମୋଦର ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ ଓ କନିଷ୍ଠ କିରାଣି ରାଜକିଶୋର ଜେନାଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ ବିଶିଷ୍ଟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, ଇସାଣପୁର ସରପଞ୍ଚ ବିନୋଦିନୀ ପାଳ, ସର୍ବଭାରତୀୟ ସ୍କୁଲ ଶିକ୍ଷକ ସଂଗଠକ ପ୍ରକାଶ ଚନ୍ଦ୍ର ମହାନ୍ତି, ଓଷ୍ଟା ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ପୁରୀ ଜିଲା ଓଷ୍ଟା ସମ୍ପାଦକ ବିଭୁଦତ୍ତ ନାୟକ, ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ମକରଧ୍ୱଜ ସ୍ୱାଇଁ, ପୂର୍ବତନ ସହ ଶିକ୍ଷାଧିକାରୀ ଅଶୋକ ବେହେରା, ପୂର୍ବତନ ଓଷ୍ଟା ସମ୍ପାଦକ ବିଚିତ୍ର ନନ୍ଦ ପାତ୍ର, ଶିକ୍ଷାବିତ୍ ଅରବିନ୍ଦ ସାହୁ ଓ ଶିକ୍ଷକ ସରୋଜ କୁମାର ମିଶ୍ର, ରାଧା ଦାମୋଦର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ସୁରକ୍ଷା ପାଇଁ ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି ସୁରକ୍ଷା ସଙ୍ଗଠନ ପକ୍ଷରୁ ଦାବିପତ୍ର

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ସୁରକ୍ଷା ପାଇଁ କେନ୍ଦ୍ର କଠୋର ପଦକ୍ଷେପ ନେବାକୁ ଦାବି କରି ଶ୍ରୀଜଗନ୍ନାଥ ଧର୍ମ- ସଂସ୍କୃତି ସୁରକ୍ଷା ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା, ନୀରବତା ଓ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରତି ବିପଦ ଦେଖାଦେଇଛି। ଡ୍ରୋନ୍, ମୋବାଇଲ ଓ ଚଷମା ମାଧ୍ୟମରେ ମନ୍ଦିରର ଭିତିରି ଚିତ୍ର ବାହାରକୁ ବାରମ୍ବାର ଯାଉଛି। ଭବିଷ୍ୟତରେ କୌଣସି ବିଧର୍ମୀଙ୍କ ଚକ୍ରାନ୍ତରେ ଏହି ବସ୍ତୁ ମାଧ୍ୟମରେ ଠାକୁର ଓ ମନ୍ଦିର ଯେ ଧ୍ୱଂସ ନ ହେବ, ଏହା କିଏ କହିପାରେ। ଶ୍ରୀମନ୍ଦିର, ଜିଲା ଓ ପୋଲିସ ପ୍ରଶାସନ ଏଦିଗରେ କୌଣସି କଠୋର ପଦକ୍ଷେପ ନ ନେବା ଦୁର୍ଭାଗ୍ୟର ବିଷୟ। ଏପରି ଘଟଣା ରୋକିବା ନିମନ୍ତେ କେବଳ ଭକ୍ତ ନୁହେଁ, ସମସ୍ତ ସେବାୟତ, ମନ୍ଦିର କର୍ମଚାରୀ, ପୋଲିସ କର୍ମଚାରୀଙ୍କ ପାଇଁ ମୋବାଇଲ ନୀତିଗତ ଭାବେ ସଂପୂର୍ଣ୍ଣ ନିଷିଦ୍ଧ ହେଉ। କେବଳ ନିର୍ଦ୍ଦିଷ୍ଟ ପାଳିଆ ସେବାୟତମାନଙ୍କ ମୋବାଇଲକୁ ସେହିଦିନ ପାଇଁ ଅନୁମତି ମିଳୁ, ଯାହା ଗାରଦରେ ଜମା କରନ୍ତୁ। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ନୀତି ପ୍ରଶାସକ, ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ, ଛତିଶା ନିଯୋଗ ନାୟକ ଶ୍ରୀମନ୍ଦିର ସୂଚନା, ଲୋକସମ୍ପର୍କ ଅଧିକାରୀ ଓ ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧି, ଏମ୍‌ପି ଓ ସ୍ଥାନୀୟ ବିଧାୟକଙ୍କ ମୋବାଇଲ ପ୍ରବେଶ କରିବାକୁ ଅନୁମତି ଦିଆଯାଉ। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଉଥିବା ବ୍ୟକ୍ତି ଓ ଯାହା ମାଧ୍ୟମରେ ଏହା ପରିଚାଳିତ ହେଉଅଛି, ତାଙ୍କୁ ତୁରନ୍ତ ଗିରଫ କରାଯାଉ।

# ସ୍ତନ୍ୟପାନକୁ ପ୍ରାଥମିକତା ଦେବା ଆମର କର୍ତ୍ତବ୍ୟ

## ଗୋପରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଗୋପ,୬।୮ (ଭାରତୀ ଭୂଷଣ ଉପାଧ୍ୟାୟ)



ବିଶ୍ୱ ସ୍ତନ୍ୟପାନ ଦିବସ ଅବସରରେ ଉପସ୍ଥିତ ଅତିଥି ଏବଂ ମହିଳାମାନେ।

ଆମେ ସମସ୍ତେ ମା, ଶିଶୁମାନଙ୍କ ଲାଗି ମା' କ୍ଷୀର ଅମୃତ ସମାନ, ଏଭଳି ଏକ ବିଶ୍ୱ ସ୍ତନ୍ୟପାନ ଦିବସ ଅବସରରେ ଆମମାନଙ୍କୁ ଶପଥ ନେବା ସହ ଏଥିପ୍ରତି ଗୁରୁତ୍ୱ ଦେବା ବୋଲି ବୁଧବାର ଗୋପ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ମୀନାକ୍ଷୀ ସାହୁ ଯୋଗଦେଇ ଉପସ୍ଥିତ ସମସ୍ତ ଅଧିକାରୀ, ଅଧିକାରିଣୀ ଓ ଅଙ୍ଗନୱାଡି କର୍ମୀମାନଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ କରାଯାଇଥିବା ବେଳେ ବିଶ୍ୱ ସ୍ତନ୍ୟପାନ ଦିବସ କ'ଣ, ଏହି ଦିବସ କାହିଁକି ପାଳନ କରାଯାଏ, ତା' ଉପରେ ଗୁରୁତ୍ୱ ଦେବା ସହ ଏହାର ଉପାଦେୟତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସୁପରଭାଇଜର ସୁଚିତ୍ରା ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ପ୍ରଜ୍ଞା ପରିଜନ ଭୁଜବଳ, ଜ୍ୟୋତ୍ସ୍ନା ଦାଶ, ସରସ୍ୱତୀ ସାହୁ, କୁନ୍ତଳା ନାୟକ, ରାଧାରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇ ମା' ସ୍ୱର୍ଗଠାରୁ ବଡ଼, ମା' ଶିଶୁ ଭଳି ଅମୃତ ସନ୍ତାନକୁ ଜନ୍ମ ଦେଇଥାଏ ବୋଲି ମତବ୍ୟକ୍ତ କରିବା ସହ ସମସ୍ତେ ଏଥିପାଇଁ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ମହିଳାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।

## ୫୦ ହଜାର ଚୋରି କରି ଘରୋଇ ସହାୟିକା ଗିରଫ

ଭୁବନେଶ୍ୱର, ୬।୮ (ସତ୍ୟଜିତ୍ ରାଉତ)

ବିଶ୍ୱାସରେ ବିଷ ଦେଇ ମାଲିକାଣୀଙ୍କ ଘରୁ ୫୦ ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଘରୋଇ ସହାୟିକାଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ କନ୍ଧମାଳ ଜିଲା କେ.ନୂଆଗାଁ ଥାନା ମୁଣ୍ଡାଗାଁର ରୀନା ସାହାଣୀ (୨୮)। ତାଙ୍କ ପାଖରୁ ୪୧ ହଜାର ଟଙ୍କା ଜବତ ହୋଇଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରୀନା ୯ ବର୍ଷ ଧରି ମାଲିକାଣୀ ସରିତା ଭୁତଙ୍କ ଆଇଆର୍‌ସି ଭିଲେଜ୍‌ସ୍ଥିତ ଘରେ କାମ କରୁଥିଲେ।

## ଅବସରପ୍ରାପ୍ତ ଅନୁସଚିବଙ୍କ ପରଲୋକ

ଭୁବନେଶ୍ୱର, ୬।୮ (ସୌମ୍ୟରଞ୍ଜନ ରାଉତ)

ଚିନ୍ତାମଣିଶ୍ୱର ମନ୍ଦିର ହୁଡ଼ା ସାହି ନିବାସୀ ତଥା ଅବସରପ୍ରାପ୍ତ ଅନୁସଚିବ ବିନୋଦ କୁମାର ପଟ୍ଟନାୟକଙ୍କ ପରଲୋକ ହୋଇଯାଇଛି। ବିନୋଦଙ୍କ ମରଶରୀର ତାଙ୍କ ଗ୍ରାମ ରେତଙ୍ଗ ନିଆଯାଇଥିଲା। ସେଠାରୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ଆଶୁତୋଷ ମୁଖାଗ୍ନି ଦେଇଥିଲେ। ବିନୋଦ ଜଣେ ଜ୍ଞାନୀ, ବିଚାରବନ୍ତ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ। ସରକାରୀ ଚାକିରିରୁ ଅବସର ନେବାପରଠାରୁ ସେ ନିଜକୁ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିୟୋଜିତ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବରିଷ୍ଠ ନାଗରିକ କାମିନୀମୋହନ ସାମନ୍ତରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସ୍ୱାନ୍ ଲେକ୍‌ର ସୌନ୍ଦର୍ଯ୍ୟ, ମହାଭାରତ କାହାଣୀର ଫ୍ୟୁଜନ୍

### ଜର୍ମାନୀରେ ପ୍ରଦର୍ଶିତ ନୃତ୍ୟର ଝଲକ ଦେଖାଇଲେ ଶିଳ୍ପୀ

ଭୁବନେଶ୍ୱର, ୬।୮ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଜର୍ମାନୀର ଲ'ଆର୍ଟ ଡେଲ୍ ମୋଣ୍ଡୋ ସହିତ ମିଳିତ ଭାବରେ ଗତ ଜୁନ୍ ୨୫, ୨୭ ଓ ୨୯ ତାରିଖରେ ଜର୍ମାନୀର ଆଶାଫେନ୍‌ବର୍ଗ, ଲେଭରକୁସେନ ଏବଂ ସ୍କ୍ଲୋସ ସାନ୍‌ସୋସି(ପୋଷ୍ଟସଡାମ୍/ବର୍ଲିନ)ରେ ଇଣ୍ଡିଆନ ସ୍ୱାନ୍ ଲେକ୍ ଶୀର୍ଷକ ଏକ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମର ପରିକଳ୍ପନା ଓ ଆୟୋଜନ ଲ'ଆର୍ଟ ଡେଲ୍ ମୋଣ୍ଡୋର ନିର୍ଦ୍ଦେଶକ ୱର୍ଣ୍ଣର ଏହରହାର୍ଡଙ୍କ ଦ୍ୱାରା କରାଯାଇଥିଲା। ଏହା ବର୍ଲିନରେ ଅବସ୍ଥାପିତ ଭାରତୀୟ ଦୂତାବାସ ଓ ନୂଆଦିଲୀର ଆଇସିସିଆର୍ ସମର୍ଥନରେ ହୋଇଥିଲା। ସ୍ୱାନ୍ ଲେକ୍‌ର କାଳଜୟୀ ସୌନ୍ଦର୍ଯ୍ୟ ଏବଂ ମହାକାବ୍ୟ ମହାଭାରତର ନଳ ଦମୟନ୍ତୀ କାହାଣୀ ମିଶ୍ରଣରେ ଏହି ଫ୍ୟୁଜନ ହୋଇଥିଲା। ଏହି କାର୍ଯ୍ୟକ୍ରମ ହଜାର ହଜାର ବର୍ଷ ପୁରୁଣା ଓଡ଼ିଶୀ, ଭାରତର ଏକ ପ୍ରମୁଖ ନୃତ୍ୟ ପରମ୍ପରା ଭାରତୀୟ ଓ ୟୁରୋପୀୟ କଳା ମଧ୍ୟରେ ଏକ ଅସାଧାରଣ ସଂଳାପ ସୃଷ୍ଟି କରିଛି। ଏହାର ମୂଳରେ ହଂସର ସମାନ ରୂପ ରହିଛି, ଯାହା ଭାରତୀୟ ପୌରାଣିକ କାହାଣୀ ଓ ସ୍ୱାନ ଲେକର ସୌନ୍ଦର୍ଯ୍ୟ, ଲାବଣ୍ୟ ଓ ଦିବ୍ୟ ସଂଯୋଗର ପ୍ରତୀକ ସମ୍ପର୍କ ସ୍ଥାପନ କରିଛି। ବିଶେଷକରି ଏହା ୨ ନୃତ୍ୟଶିଳ୍ପୀ ୟୁରୋପର ଡେଡା କ୍ରିଷ୍ଟିନା କୋଲୋନା ଓ ଓଡ଼ିଶାର ଡ. ଅରୁଣା ମହାନ୍ତିଙ୍କୁ ଏକାଠି କରିପାରିଛି। ସେମାନଙ୍କ ମିଳିତ ଦୃଷ୍ଟିକୋଣ ଏକ ଅବିସ୍ମରଣୀୟ ଅଭିଜ୍ଞତାର ପ୍ରତିଶ୍ରୁତି ଓଡ଼ିଶୀର ଆଧ୍ୟାତ୍ମିକ ତତ୍ତ୍ୱ ସହିତ ସମାନ୍ତରାଳ ଭାବେ ପ୍ରଦର୍ଶିତ ହୋଇଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବୁଧବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଏକ ଉପସ୍ଥାପନାର ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶୀ ନୃତ୍ୟାଙ୍ଗନା ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଓଡ଼ିଶାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଚଳଚ୍ଚିତ୍ର ନିର୍ମାତା ଅନନ୍ତ ମହାପାତ୍ର ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଡ. ଅରୁଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବର୍ଲିନ ଏବଂ ଓଡ଼ିଶାର ଐତିହାସିକ ସହଯୋଗ ବିଷୟରେ ଆଲୋଚନା ହୋଇଥିଲା। ବିଶ୍ୱବ୍ୟାପୀ ପ୍ରତ୍ୟେକ ଭାରତୀୟ ଓ ଓଡ଼ିଆଙ୍କ ପାଇଁ ୟୁରୋପୀୟ ନୃତ୍ୟ ସହିତ ଓଡ଼ିଶୀକୁ ବିଶ୍ୱ ମଞ୍ଚରେ ପ୍ରଦର୍ଶନ କରିବା ଏକ ଗୌରବର ମୁହୂର୍ତ୍ତ ଆଣିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ୨୦୨୬ରେ ଭାରତର ବିଭିନ୍ନ ସମ୍ମାନଜନକ ମଞ୍ଚରେ ଏହି ପ୍ରକାରର ଇଭେଣ୍ଟର ଆୟୋଜନ ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡାଇକୋଭସ୍କି ଓ ମାସିମିଲିଆନୋ ଟୋନି, ଅଗ୍ନିମିତ୍ରା ବେହେରା ଓ ଧନେଶ୍ୱର ସ୍ୱାଇଁ ସଙ୍ଗୀତ ରଚନା କରିଥିଲେ। ଏଥିରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟ ଅତିଥିମାନେ।



ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ, ୬।୮ (ଲିଙ୍ଗରାଜ ରାଉତ)

ଗୋଡିସାହି ଫାଣ୍ଡି ଅନ୍ତର୍ଗତ ରତାଗଡ ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲରେ ନିଖୋଜ ଯୁବକଙ୍କ ମୃତଦେହ ବୁଧବାର ଜବତ ହୋଇଛି। ସେ ହେଲେ ସ୍ଥାନୀୟ ଷଣ୍ଢପୁର ଗ୍ରାମର ପ୍ରଶାନ୍ତ କୁମାର ବେହେରା (୪୦) ଓରଫ ଟୁଲୁ। ଦମକଳ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ଦଳ ନୂଆସାହି ଡଙ୍ଗାତୁଠ ନିକଟରୁ ମୃତଦେହକୁ ଜବତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରେ ରତାଗଡ ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲରେ ଟୁଲୁ ଗାଧୋଇବା ବେଳେ ପାଣି ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଯୁବକମାନେ ଟୁଲୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ଟୁଲୁଙ୍କ ପତ୍ତା ମିଳିପାରି ନଥିଲା। ବୁଧବାର ସକାଳୁ ବାରଙ୍ଗ ଅଗ୍ନିଶମ ବାହିନୀ ଓ ମୁଣ୍ଡଳି ଏନ୍‌ଡିଆର୍‌ଏଫ୍ ଦଳ ସାହାଯ୍ୟରେ ଟୁଲୁଙ୍କ ମୃତଦେହ ଜବତ ହୋଇଥିଲା।

## ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମନମୋହନଙ୍କୁ ସ୍ମାରକପତ୍ର



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତା ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ସାକ୍ଷାତ୍ କରୁଛନ୍ତି।

ଭୁବନେଶ୍ୱର, ୬।୮ (ସୁଚିସ୍ମିତା ସାହୁ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଶୀର୍ଷ ନେତୃତ୍ୱମାନେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମିତି ସଭାପତି ସୁକାନ୍ତ କୁମାର ବେହେରା ଏବଂ ଆବାହକ ରଞ୍ଜନ କୁମାର ଦାଶଙ୍କ ସହ ଅନ୍ୟମାନେ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ଓ କର୍ମଚାରୀଙ୍କ ଦାବିଗୁଡ଼ିକ ମଧ୍ୟରେ ୨୦୧୩ ଅନୁଦାନ ଆଇନରୁ ବାଦ୍ ପଡ଼ିଥିବା ୧୯୪ଟି ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହିତ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକରେ ନିଯୁକ୍ତି ପ୍ରଦାନ ଆଦି ରହିଛି। ଏସବୁ ଦାବି ଓ ସମସ୍ୟାଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଖୁବ୍‌ଶୀଘ୍ର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭାଜପା ସଭାପତି ପ୍ରତିଶ୍ରୁତି ଦେଇଥିବା ସମିତି ସଭାପତି ବେହେରା କହିଛନ୍ତି। ଏହି ଆଲୋଚନାରେ ପ୍ରଦୀପ କୁମାର ମଙ୍ଗରାଜ, ଗଦାଧର ଶତପଥୀ, ଏମ୍.ଏ. କାସିମ୍‌ବେଗ୍, ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବପିଢି ବୟସ୍କ ମାତାପିତା, ସମ୍ପର୍କୀୟଙ୍କ ଯତ୍ନ ନିଅନ୍ତୁ

### ଓଓଏ ପକ୍ଷରୁ ୭ଦିନିଆ ମାଗଣା ଚିକିତ୍ସା ଶିବିର

ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

ଇଣ୍ଡିଆନ୍ ଅର୍ଥୋପେଡିକ୍ ଆସୋସିଏଶନ୍ (ଆଇଓଏ)ର ଆହ୍ୱାନକ୍ରମେ ଓଡ଼ିଶା ଅର୍ଥପେଡିକ୍ ଆସୋସିଏଶନ୍ (ଓଓଏ) ପକ୍ଷରୁ 'ଜାତୀୟ ହାଡ଼ ଓ ସନ୍ଧି ଦିବସ' ପାଳିତ ହୋଇଯାଇଛି। ଏହି କ୍ରମରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ହସ୍ପିଟାଲରେ ବୟସ୍କଙ୍କ ପାଇଁ ୭ଦିନବ୍ୟାପୀ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯାଇଛି। ଆଣ୍ଠୁଗଣ୍ଠିଜନିତ ସମସ୍ୟା ଥିବା ବୟସ୍କ ଲୋକଙ୍କୁ ମାଗଣା ଚିକିତ୍ସା ଓ ପରାମର୍ଶ ଦିଆଯିବା ବ୍ୟବସ୍ଥା କରାଯାଇଥିବା ଓଓଏ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୟସ୍କଙ୍କ ଆଣ୍ଠୁଗଣ୍ଠି ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଅବହେଳା ଯୋଗୁ ବିଭିନ୍ନ କାରଣରୁ ସେମାନଙ୍କ ହାଡ଼ ଭାଙ୍ଗୁଛି। ତେଣୁ ଏଥିପ୍ରତି ସଚେତନ ରହିବା ସହ ଯୁବପିଢିଙ୍କୁ ସେମାନଙ୍କ ବୟସ୍କ ମାତାପିତା ବା ସମ୍ପର୍କୀୟଙ୍କ ଯତ୍ନ ନେବା ଆବଶ୍ୟକ ବୋଲି ଆଇଓଏର ପ୍ରତିନିଧି ତଥା ପିଜିଆଇଏମ୍‌ଇଆରର ଅଧିକ୍ଷକ ପ୍ରଫେସର ବିଶ୍ୱଜିତ ସାହୁ କହିଛନ୍ତି। ଓଓଏ ସଭାପତି ଡା. କେ. ଆର୍. ମହାପାତ୍ରୋ ଯୋଗଦେଇ, ସମାଜରେ ବର୍ତ୍ତମାନ ବୟସ୍କଙ୍କର ସବୁଠାରୁ ଅଧିକ ଯତ୍ନ ନେବା ଉଚିତ ବୋଲି କହିଥିଲେ। ସଂଗଠନ ପକ୍ଷରୁ ଏବେ ବିଭିନ୍ନ ବୃଦ୍ଧା ଆଶ୍ରମରେ ଚିକିତ୍ସା ସହିତ ପରାମର୍ଶ ଦିଆଯାଉଥିବା ସୂଚନା ଦିଆଯାଇଛି। ସଂଗଠନର ସମ୍ପାଦକ ଡା. ସତ୍ୟ ରଞ୍ଜନ ପାତ୍ର, କୋଷାଧ୍ୟକ୍ଷ ଡା. ଶକ୍ତି ପ୍ରସାଦ ଦାସ, ନିର୍ବାଚିତ ସଭାପତି ଡା. ବସନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ସମ୍ପର୍କରେ ଓଓଏର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଇସ୍କ ଟ୍ରାଫିକ'ର ସଙ୍ଗୀତ ରିଲିଜ




ଭୁବନେଶ୍ୱର, ୬।୮ (ସୌମ୍ୟରଞ୍ଜନ ରାଉତ)

ଗ୍ରୀନ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଇସ୍କ ଟ୍ରାଫିକ'ର ସଙ୍ଗୀତ ବୁଧବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ରିଲିଜ ହୋଇଛି। ସଙ୍ଗୀତ ନିର୍ଦ୍ଦେଶକ ଅସଦ୍ ନିଜାମ୍ ଓ ତାଙ୍କ ଟିମ୍ ସମେତ ଚଳଚ୍ଚିତ୍ରର ସମସ୍ତ କଳାକାର ଓ ଟେକ୍ନିସିଆନ ଯୋଗଦେଇଥିଲେ। ରୋହନଜିତ୍ ଦାସଙ୍କ ନିର୍ଦ୍ଦେଶିତ 'ଇସ୍କ ଟ୍ରାଫିକ'ରେ ସଙ୍ଗୀତ ଦେଇଛନ୍ତି ଅସଦ। ଟପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡା ଓ ଅସଦ ନିଜାମଙ୍କ ଦ୍ୱାରା ରଚିତ ଗୀତଗୁଡିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ମଣ୍ଟୁ ଛୁରିଆ, କୁଲଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅବିନାଶ ପ୍ରମୁଖ। ଚଳଚ୍ଚିତ୍ରରେ ସମୁଦାୟ ୭ଟି ଗୀତ ସ୍ଥାନିତ ହୋଇଛି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ, ଫିରୋଜ ଓ ରୋହିତ। 'ଇସ୍କ ଟ୍ରାଫିକ' ମୁଖ୍ୟତଃ ମା' ପୁଅ ଓ ମାମୁର ଆବେଗ ଭରା କାହାଣୀ ଉପରେ ପର୍ଯ୍ୟବସିତ। ଏଥିରେ ନାୟକ ଭାବେ ନବାଗତ ପ୍ରେମଙ୍କୁ ଉପସ୍ଥାପିତ କରାଯାଇ ଥିବାବେଳେ ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛନ୍ତି ଅଭିନେତା ପପୁ ପମ୍ ପମ୍। ତାଙ୍କୁ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ। ଅନ୍ୟାନ୍ୟ ଭୂମିକାରେ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡାଙ୍କ ସମେତ ଅନ୍ୟାନ କଳାକାର ପ୍ରମୁଖ ଅଭିନୟ କରିଛନ୍ତି। 'ଇସ୍କ ଟ୍ରାଫିକ' ସେପ୍ଟେମ୍ବରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୮ (ସୌମ୍ୟରଞ୍ଜନ ରାଉତ)

ଅଲ ଓଡିଶା କଣ୍ଟ୍ରାକ୍ଟର ଆସୋସିଏଶନ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ୱାଟ୍‌କୋର ହାଇଲେଭଲ ସବ୍‌ଡ଼ିଭିଜନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପ୍ରଧାନ, ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଦେବପ୍ରସାଦ ମହାନ୍ତି, ୱାଟ୍‌କୋ ଜିଏମ୍ ଆର. କେ. ନାୟକ, ଏଓସିଡବ୍ଲୁଏ ସଭାପତି ଜଗଦୀଶ ପାତ୍ର, ଏଓସିଡବ୍ଲୁଏ ସମ୍ପାଦକ ଦିଲୀପ ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସିଂ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ବୃକ୍ଷ ରୋପଣର ଆବଶ୍ୟକତା ଏବଂ ଉପକାରିତା ସମ୍ପର୍କରେ ପିଲାମାନଙ୍କୁ ବୁଝାଇବା ସହିତ ସମସ୍ତେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ୱାଟ୍‌କୋର ହାଇଲେଭଲ ସବଡ଼ିଭିଜନ ପ୍ରାନ୍ତରରେ ଅତିଥିମାନେ ବିଭିନ୍ନ ପ୍ରକାରର ଔଷଧିୟ ବୃକ୍ଷର ଚାରା ରୋପଣ କରିଥିଲେ।

## ଏଡିବି କଣ୍ଟ୍ରି ନିର୍ଦ୍ଦେଶକଙ୍କ ସହ ଆଲୋଚନା କଲେ ଉଷା

ଭୁବନେଶ୍ୱର, ୬।୮ (ଅନୁରାଧା ମହାରଣା)

ଏସୀୟ ବିକାଶ ବ୍ୟାଙ୍କ (ଏଡିବି)ର କଣ୍ଟ୍ରି ନିର୍ଦ୍ଦେଶକ ଏମ୍‌ଆଇଓ ଓକା ବୁଧବାର ଖାରବେଳଭବନଠାରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସହରାଞ୍ଚଳ ପରିବର୍ତ୍ତନର ପ୍ରମୁଖ କ୍ଷେତ୍ରରେ ଏଡିବି ଏବଂ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ମଧ୍ୟରେ ବୈଷୟିକ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାୟୀ ସହର ଅଭିବୃଦ୍ଧିକୁ ସହାୟତା କରିବା ଏବଂ ଓଡ଼ିଶାର ସହରଗୁଡ଼ିକର ଜୀବନଧାରଣ କ୍ଷମତା ବୃଦ୍ଧି ପାଇଁ ଏକ ବ୍ୟାପକ ସହରାଞ୍ଚଳ ପରିବହନ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଭାରତ ସରକାରଙ୍କଠାରୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ପାଇବାରେ ବିଭାଗକୁ ସହାୟତା କରିବା ଏବଂ ଓଡ଼ିଶାର ବିକଶିତ ସହରାଞ୍ଚଳ ଆବଶ୍ୟକତା ପାଇଁ ବୈଷୟିକ ସହାୟତା ଏବଂ ଜ୍ଞାନ ସହାୟତା ପ୍ରଦାନ କରିବାକୁ ଏଡିବି ଇଚ୍ଛା ପ୍ରକାଶ କରିଛି। ଭବିଷ୍ୟତରେ ସହରାଞ୍ଚଳ ଆହ୍ୱାନର ମୁକାବିଲା କରିବା ଏବଂ ରାଜ୍ୟର ସହରାଞ୍ଚଳରେ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ସମନ୍ୱିତ ଯୋଜନା, ଅଭିନବ ଅର୍ଥ ଯୋଗାଣ ଏବଂ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ।



ଏଡିବିର କଣ୍ଟ୍ରି ନିର୍ଦ୍ଦେଶକ ଏମ୍‌ଆଇଓ ଓକା ଖାରବେଳଭବନଠାରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରୁଛନ୍ତି।

## ଏମ୍ସରେ ଚାକିରି ଦେବା ଆଳରେ ୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୬।୮ (ସତ୍ୟଜିତ୍ ରାଉତ)- ଏମ୍ସରେ ଚାକିରି ଦେବା ଆଳରେ ୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଡିହସାହିରେ ରହୁଥିବା ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ଆଲୋକ ଭୋଳ(୪୨)। କୋର୍ଟଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ଲିପୁନ ଜୟସିଂ ଓ ଅଭିଯୁକ୍ତ ଆଲୋକ ଚିହ୍ନା ପରିଚିତ ଥିଲେ। ଆଲୋକ ଆଉଟ୍‌ସୋର୍ସିଂ ଜରିଆରେ ଏମ୍ସ ଲାବରେଟୋରିରେ ଆଟେଣ୍ଡାଣ୍ଟ ଥିଲେ। ସେ ଏମ୍ସର ଲାବରେଟୋରିରେ ଚାକିରି କରାଇ ଦେବାକୁ କହି ଲିପୁନଙ୍କୁ ଜାଲରେ ଫସାଇଥିଲେ। କିଛିମାସ ତଳେ ଆଲୋକଙ୍କୁ ଆକାଉଣ୍ଟ ଜରିଆରେ ଲିପୁନ ୪ ଲକ୍ଷ ୯୯ ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ଆଲୋକ ଧରାଛୁଆଁ ଦେଇ ନ ଥିଲେ।

## ପଦ୍ମଚରଣ ପାଇବେ ସରଳା ଦେବୀ ପୁରସ୍କାର

ଭୁବନେଶ୍ୱର, ୬।୮ (ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଓ ଜଗତସିଂହପୁର ଜିଲା ବିକାଶ ପରିଷଦ ପକ୍ଷରୁ ଓଡିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ୧୨୨ତମ ଜନ୍ମଦିବସ ଓ ଅଗଷ୍ଟ କ୍ରାନ୍ତି ଦିବସ ଆସନ୍ତା ୯ ତାରିଖରେ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଅବସରରେ ତୃତୀୟ 'ସରଳା ଦେବୀ ପୁରସ୍କାର' ଶତାୟୁ ପୁରୁଷ ତଥା ନିଶାମୁକ୍ତି ଅଭିଯାନର ମୁଖ୍ୟ ପୁରୋଧା ପଦ୍ମଚରଣ ନାୟକଙ୍କୁ ପ୍ରଦାନ କରାଯିବ। ଟ୍ରଷ୍ଟ ପକ୍ଷରୁ ପଦ୍ମଚରଣଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ ଜଣଙ୍କୁ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଓ ପରିଷଦ ସଭାପତି ଅଜୟ ଦାସ ସୂଚନା ଦେଇଛନ୍ତି। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ସମାଜ ସେବୀ ବିଜୟଲକ୍ଷ୍ମୀ ସାହୁ, ସୃଜନିକାର ପ୍ରତିଷ୍ଠାତା ବୈଜ୍ଞାନିକ ନିଖିଳ ମୋହନ ପଟ୍ଟନାୟକ, କଥାଶିଳ୍ପୀ ତଥା ଗବେଷକ ଡକ୍ଟର ପରେଶ ରଥ, ଶିକ୍ଷାବିତ୍ ପ୍ରଫେସର ସୁଚେତା ପ୍ରିୟବାଦିନୀ, ସମାଜ ସେବୀ ଶୁଭକାନ୍ତ ପାଢ଼ୀ ଓ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ସମ୍ମାନିତ ହେବେ। ଏଥିସହ ଜୟପୁରର ଡକ୍ଟର ପରେଶ ରଥଙ୍କ ଲିଖିତ ପୁସ୍ତକ' ଶହୀଦ ଲକ୍ଷ୍ମଣ ନାୟକ' ଉନ୍ମୋଚନ ହେବ। ସୂଚନାଯୋଗ୍ୟ, ପ୍ରଥମ ସରଳା ଦେବୀ ପୁରସ୍କାର ବିଶିଷ୍ଟ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର ପାଇଥିଲା ବେଳେ ଦ୍ୱିତୀୟ ପୁରସ୍କାର ସମାଜସେବୀ ତଥା ହିନ୍ଦ୍ ସେବକ ସମାଜର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁଙ୍କୁ ପ୍ରଦାନ କରାଯାଇଥିଲା।



## ମନ ଜିଣୁଛି ମହିଳାଙ୍କ ହାତ ତିଆରି ତାଳପତ୍ର ପଟ୍ଟଚିତ୍ର, ଡୋକ୍ରା ରାଖୀ

### ଟିପିସିଓଡିଏଲ୍‌ର ଅଭିନବ ପଦକ୍ଷେପ

ଭୁବନେଶ୍ୱର, ୬।୮ (ଅନୁରାଧା ମହାରଣା)

ରାଖୀପୂର୍ଣ୍ଣିମା ପାଖେଇ ଆସୁଥିବାବେଳେ ଟିପିସିଓଡିଏଲ୍ ଓଡ଼ିଶା ଏହାର ସିଏସ୍‌ଆର୍ ପ୍ରକଳ୍ପ ସମୃଦ୍ଧି ମାଧ୍ୟମରେ ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଲୋକକଳା ପଟ୍ଟଚିତ୍ର ଓ ଡୋକ୍ରା କାରିଗରିକୁ ନେଇ ପ୍ରସ୍ତୁତ ପରିବେଶ ଉପଯୋଗୀ ରାଖୀର ପ୍ରଚାର ପ୍ରସାର ଦିଗରେ ଅଭିନବ ପଦକ୍ଷେପ ନେଇଛି। ମହିଳା ସଶକ୍ତୀକରଣ ଓ କଳା ସଂସ୍କୃତିର ସୁରକ୍ଷା ଉଦ୍ଦେଶ୍ୟରେ ଟିପିସିଓଡିଏଲ୍ ଓଡ଼ିଶାର ପାରମ୍ପରିକ ଶିଳ୍ପ ପଟ୍ଟଚିତ୍ର, ଡୋକ୍ରା ଓ ତାଳପତ୍ର ଶିଳ୍ପ ବ୍ୟବହାର କରି ପ୍ରାକୃତିକ ଓ ପରିବେଶ ଅନୁକୂଳ ରାଖୀ ତିଆରିରେ ଗ୍ରାମୀଣ ମହିଳା ଓ ଶିଳ୍ପୀଙ୍କୁ ସହଯୋଗ କରୁଛି। ଏହି ହାତ ତିଆରି ରାଖୀଗୁଡ଼ିକ ଗ୍ରାହକଙ୍କ ମନ ଜିଣୁଛି। ଖୋର୍ଦ୍ଧା ଜିଲାର ବାଲିଅନ୍ତା ଆର୍ଟ କ୍ଲଷ୍ଟର୍ ଓ ଢେଙ୍କାନାଳ ଜିଲାର ସପ୍ତଶଯ୍ୟା ହେରିଟେଜ୍ ଭିଲେଜର ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି, ଯାହାକୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଛି। କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ରାଖୀଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଭୁବନେଶ୍ୱରର ଇଡ୍‌କୋ ଟାୱାରରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାପନ କରାଯାଇଥିଲା। ଟିପିସିଓଡିଏଲ୍ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ବଜାର ସଂଯୋଜନ ସହଯୋଗରେ ୩୦୦ରୁ ଅଧିକ ମହିଳା ଲୋକକଳାର ତାଲିମ ନେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏହି ପରିବେଶ ଅନୁକୂଳ ରାଖୀଗୁଡ଼ିକୁ ପ୍ରଦର୍ଶନୀ, ସ୍ଥାନୀୟ ବଜାର ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିକ୍ରୟ କରାଯାଉଛି। ଗ୍ରାମୀଣ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଟି ରାଖୀ ଓଡ଼ିଶାର କଳା ସଂସ୍କୃତି ପରମ୍ପରା ଓ ମହିଳା ସଶକ୍ତୀକରଣର ପ୍ରତୀକ ବୋଲି ଟିପିସିଓଡିଏଲ୍ ପକ୍ଷରୁ କୁହାଯାଇଛି।




ଟିପିସିଓଡିଏଲ ପକ୍ଷରୁ ଖୋଲିଥିବା ରାଖୀ ଷ୍ଟଲ୍।

**କୁକୁର କାମୁଡ଼ାରେ ହରିଣୀ ମୃତ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଓରଦା ସେକ୍ସନର କପୁରସିଂ ଗ୍ରାମ ନିକଟରେ ମଙ୍ଗଳବାର ଏକ ହରଣୀର ମୃତଦେହ ଜବତ କରାଯାଇଛି। ବ୍ୟବଚ୍ଛେଦ ପରେ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ନୀଳ ମାଧବ ସାହୁ କହିଛନ୍ତି। ଫରେଷ୍ଟର ପ୍ରମୋଦ କୁମାର ସେନାପତିଙ୍କ ସୂତ୍ରରୁ ପ୍ରକାଶ ଯେ ପାଣି ପିଇବାକୁ ଗ୍ରାମାଭିମୁଖୀ ଆସୁଥିବା ହରିଣୀକୁ କୁକୁର ଗୋଡେଇ ଗୋଡେଇ କାମୁଡ଼ି ଦେଇଥିଲେ। ହରିଣୀ କପୁରସିଂ ଗ୍ରାମ ଭିତରକୁ ପଶି ଆସିଥିଲା ଏବଂ ସେଠାରେ ପଡ଼ିଯାଇ ମୃତ୍ୟୁ ହୋଇଥିଲା। ଓରଦା ସେକ୍ସନ ଫରେଷ୍ଟର ସେନାପତି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଖବର ଦେବାରେ ତାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଓ ପାରାଷ୍ଟାଫମାନେ ବ୍ୟବଚ୍ଛେଦ କରିବା ପରେ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇ ସେଠାରେ ପୋତିଦେଇଥିଲେ।



## ସଂକ୍ଷେପରେ

### ୩ ସନ୍ତାନ ପାଇଁ ଗଲା ସମିତି ସଭାପତି ପଦ

କଟକ,୬।୮(କାର୍ତ୍ତିକ ସାହୁ)

ସମବାୟ ସମିତି ନିୟମ ଅନୁଯାୟୀ ୩ ସନ୍ତାନ ଥିଲେ ପରିଚାଳନା ବୋର୍ଡ ମେମ୍ବର କିମ୍ବା କର୍ମକର୍ତ୍ତା ଭାବେ ନିର୍ବାଚନ ଲଢ଼ି ପାରିବେ ନାହିଁ। ଏଭଳି ନିୟମ ଉଲ୍ଲଂଘନ କରି ବାଦାମବାଡ଼ିସ୍ଥିତ ସ୍ୱୟଂଶ୍ରୀ ମହିଳା ସମବାୟ ସମିତି ସଭାପତି ପଦ ମଣ୍ଡନ କରିଥିବା ପୂର୍ଣ୍ଣିମା ସିଂଙ୍କୁ ପଦ ହରାଇବାକୁ ପଡ଼ିଛି। ଅଞ୍ଜୁ ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲା ବିଚାର କରି ସମବାୟ ସମିତି ରେଜିଷ୍ଟ୍ରାରଙ୍କ ଅଦାଲତ ପୂର୍ଣ୍ଣିମାଙ୍କ ସଭାପତି ପଦକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ଆଦେଶନାମା ବୁଧବାର ସମିତି କାର୍ଯ୍ୟାଳୟରେ ପହଞ୍ଚିଛି। ଉକ୍ତ ଆଦେଶନାମା ବଳରେ ସମିତି ସଭାପତି ପଦରୁ ପୂର୍ଣ୍ଣିମା ସିଂଙ୍କୁ ଅନ୍ତର କରାଯିବା ସହ ଆନୁଷଙ୍ଗିକ କାର୍ଯ୍ୟାନ୍ୱୟନ କରାଯାଉଥିବା ସମିତି ସୂତ୍ରରୁ ଜଣାପଡ଼ିଛି।

### ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣା: ଆଉ ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୬।୮(ମାନସ ସାମଲ)

ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଜଗତପୁର ଥାନା ଅଧୀନ ନିମେଇସାପୁରର ବିଶ୍ୱଜିତ୍ ମଲ୍ଲିକ ଓରଫ ଚିଙ୍କୁ। ସୂଚନା ମୁତାବକ, ଗତ କିଛିଦିନ ତଳେ ଟାଙ୍ଗୀ ଥାନା ଅଧୀନ ପ୍ରମୋଦ ଉଦ୍ୟାନ ନିକଟସ୍ଥ ଆଞ୍ଜୁଆ ଗ୍ରାମସ୍ଥିତ ପଣ୍ଡା ଫାର୍ମ ହାଉସ ନିକଟରେ ଗଦାହୋଇ ରହିଥିବା ବିଦ୍ୟୁତ୍ ଖୁଣ୍ଟ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ବିଶିନାହାକାଣୀ ଗ୍ରାମର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏହି ଘଟଣାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

### ଅସଦାଚରଣ ଅଭିଯୋଗରେ ପବ୍ଲିକ ହେଲ୍‌ଥ ମ୍ୟାନେଜର ଗିରଫ

ଫୁଲନଖରା,୬।୮ (ସତ୍ୟରଞ୍ଜନ ଦାସମହାପାତ୍ର)

ସିଏମ୍‌ସି ୫୯ନମ୍ବର ୱାର୍ଡସ୍ଥିତ ବଙ୍କୁଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ବୁଧବାର ଅସ୍ଥାୟୀ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ ନ୍ୟାଶନାଲ ଅର୍ବାନ ହେଲଥ ମିଶନ ଅଧୀନରେ ଥିବା ପବ୍ଲିକ ହେଲଥ ମ୍ୟାନେଜର ନିଶିଥ ରଞ୍ଜନ ସାହୁ। ଏ ନେଇ କଟକ ସଦର ଥାନା ପୋଲିସ ୨ଟି ମାମଲା (ନଂ. ୬୦୦ ଓ ୬୦୧/୨୫) ରୁଜୁ କରି ନିଶିଥଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନିଶିଥ କର୍ମକ୍ଷେତ୍ରରେ ଉଭୟ ମହିଳା କର୍ମଚାରୀଙ୍କୁ ବାରମ୍ବାର ଫୋନ କରି ହଇରାଣ କରିବା ସହିତ କର୍ମକ୍ଷେତ୍ରରେ ଅସଦାଚରଣ କରିଥିଲେ। ବୁଧବାର ଏ ନେଇ ଉଭୟ ସଦର ଥାନାରେ ଅଭିଯୋଗ କରିଥିଲେ।

### ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷକଙ୍କ ବିୟୋଗ

ଫୁଲନଖରା,୬।୮ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଗଙ୍ଗେଶ୍ୱର ମୌଜାର ଧର୍ମପ୍ରାଣ ତଥା କୁରାଙ୍ଗଶାସନ ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଯୁଧିଷ୍ଠିର ପାତ୍ରଙ୍କ ବୁଧବାର ପ୍ରତ୍ୟୁଷରେ ପରଲୋକ ଘଟିଛି।



ଯୁଧିଷ୍ଠିର ପାତ୍ର

ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଶିକ୍ଷକତା ପରେ ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରିଥିଲେ। ଏଥିପାଇଁ ସେ ୨୦୧୨ରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତିନି ଝିଅ, ତିନି ବୋହୂ, ଜ୍ୱାଇଁ ଓ ଆତ୍ମୀୟ ସଜନ ଉପସ୍ଥିତ ଥିଲେ। ଖବର ପାଇ ଆଇନଜୀବୀ ଅଭିରାମ ପାତ୍ର, ସୁନ୍ଦରପ୍ରଭାତ ଦାସ, ଶ୍ରୀସନ୍ନ୍ୟାସୀ ଜୀ, ଖବରଦାତା ସୁରେନ୍ଦ୍ର ମହାପାତ୍ର, ଅଜୟ କୁମାର ଦାଶ, ସତ୍ୟରଞ୍ଜନ ଦାସମହାପାତ୍ର, ସୁବୋଧ କୁମାର ପାତ୍ର, କୈଳାସଚନ୍ଦ୍ର ସାହୁ, ପ୍ରଫେସର ଡଃ. କୁମାର ଦେବଦତ୍ତ, ପ୍ରଦୀପଚନ୍ଦ୍ର ପଣ୍ଡା, ବିଶରଞ୍ଜନ ଦାସ, ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଗଙ୍ଗେଶର ଚିନ୍ତାମଣି ଫାର୍ମସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ତଥା ଖବରଦାତା ପ୍ରତାପ କେଶରୀ ପାତ୍ର ମୁଖାଗ୍ନି ଦେଇଥିଲେ।

# ନିରାମୟ କାଉଣ୍ଟର ବନ୍ଦ, ଔଷଧ ପାଇଁ ହଟହଟା ରୋଗୀ

## ଜିଲା ମୁଖ୍ୟ ଚିକିତ୍ସାଳୟ ନିରାମୟ କେନ୍ଦ୍ରରେ ଅବ୍ୟବସ୍ଥା

### ଖରାପ ହୋଇପଡ଼ିଛି ଓପିଡି ଟିକେଟ ପ୍ରିଣ୍ଟିଂ ମେଶିନ

କଟକ,୬।୮(ଶିଳ୍ପା ପ୍ରିୟଦର୍ଶିନୀ)





ଓପିଡି ଟିକେଟ ପ୍ରିଣ୍ଟିଂ ମେଶିନ ଅଚଳ।





ବନ୍ଦ ହୋଇ ପଡ଼ିଥିବା ନିରାମୟ କେନ୍ଦ୍ର।

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ(ସିଟି ହସ୍ପିଟାଲ)ର ନିରାମୟ କେନ୍ଦ୍ରରେ ଔଷଧ ପାଇଁ ହଟହଟା ହେଉଛନ୍ତି ରୋଗୀ। ବ୍ୟବସ୍ଥିତ ଢଙ୍ଗରେ ଏଠାରେ କାମ କରାଯାଉ ନ ଥିବାରୁ ରୋଗୀ ଔଷଧ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି। ସେହିପରି ହସ୍ପିଟାଲର ତଳ ମହଲାରେ ଥିବା ଓପିଡି ଟିକେଟ ପ୍ରିଣ୍ଟିଂ ମେଶିନ ଖରାପ ହୋଇଯାଇଛି। ଫଳରେ ରୋଗୀ ଅନ୍‌ଲାଇନ ଓପିଡି ଟିକେଟ କରିବା ସତ୍ତ୍ୱେ ମଧ୍ୟ ହସ୍ପିଟାଲରେ ମେଶିନ ଖରାପ ଯୋଗୁ ପ୍ରିଣ୍ଟିଂ ନ ବାହାରିବାରୁ ବାଧ୍ୟ ହୋଇ ପୁଣି ଟିକେଟ କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲା ସମେତ ଅନ୍ୟାନ୍ୟ ରୋଗୀ ନିର୍ଭର ରହୁଥିବାବେଳେ ଏଭଳି ଅବ୍ୟବସ୍ଥା ହେବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ସିଟି ହସ୍ପିଟାଲରେ ଗୋଟିଏ ନିରାମୟ କେନ୍ଦ୍ର କାର୍ଯ୍ୟ କରୁଛି। ଏହି ଗୋଟିଏ କେନ୍ଦ୍ରକୁ ୫ଟି କାଉଣ୍ଟରରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ମୁଖ୍ୟତଃ ୩ ନଂ. କାଉଣ୍ଟରଟି ସ୍ତ୍ରୀ ଓ ପ୍ରସୂତି ରୋଗୀ ଓ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ। ସେହିପରି ୧, ୨, ୩, ଓ ୪ ନଂ. କାଉଣ୍ଟର କେବଳ ଓପିଡି ସମୟରେ ଚାଲୁ ରହିବ ଏବଂ ୫ ନଂ. କାଉଣ୍ଟର ୨୪ ଘଣ୍ଟିଆ ଚାଲୁ ରହିବା ନିୟମ ରହିଛି। ହେଲେ ହସ୍ପିଟାଲରେ ବୁଧବାର ଅପରାହ୍ନ ସମୟରେ ଏହି ୫ଟି କାଉଣ୍ଟର ମଧ୍ୟରୁ କେବଳ ୫ ଓ ୪ ନଂ. କାଉଣ୍ଟର ଖୋଲାଥିବା ଦେଖିବାକୁ ମିଳିଛି। ଏପରିକି ନିୟମର ଓଲଟା ଭାବେ ଏଠାରେ ନିରାମୟ କେନ୍ଦ୍ରର କାଉଣ୍ଟରଗୁଡିକ ଚାଲିଛି। ଅନ୍ୟପଟେ କାଉଣ୍ଟର ବନ୍ଦ ଯୋଗୁ ଅନ୍ୟ ଦୁଇଟି କାଉଣ୍ଟର ସମ୍ମୁଖରେ ରୋଗୀ ଓ ସମ୍ପର୍କୀୟଙ୍କ ଲମ୍ବା ଧାଡି ଜମୁଥିବା ନଜରକୁ ଆସିଛି। ସେହିପରି ହସ୍ପିଟାଲର ୱେବ୍‌ସାଇଟରୁ ଅନ୍‌ଲାଇନ ଭାବେ ବର୍ହିବିଭାଗ ଟିକେଟ ବୁକିଂ କରିବାର ବ୍ୟବସ୍ଥା କରାଯାଇଛି। ଏହି ଟିକେଟ ଅନ୍‌ଲାଇନ ଭାବେ ବୁକ୍ କରିବା ପରେ ରୋଗୀ ନିଜ ଟିକେଟର ତଥ୍ୟ ହସ୍ପିଟାଲରେ ଥିବା ଓପିଡି ଟିକେଟ ପ୍ରିଣ୍ଟିଂ ମେଶିନରେ ଦେବାମାତ୍ରେ ଟିକେଟ ପ୍ରିଣ୍ଟିଂ ହୋଇ ବାହାରିଥାଏ। ହେଲେ ମେଶିନ ଏବେ ଖରାପ ହୋଇଥିବାରୁ ଅନ୍‌ଲାଇନ ଟିକେଟ କରିଥିବା ରୋଗୀ ପୁନର୍ବାର ହସ୍ପିଟାଲରେ ଟିକେଟ କରି ଡାକ୍ତରଙ୍କୁ ଦେଖାଉଛନ୍ତି। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି ଅଧ୍ୟକ୍ଷ

କଟକ,୬।୮(କାର୍ତ୍ତିକ ସାହୁ)



ଜଷ୍ଟିସ୍ ସଙ୍ଗମ କୁମାର ସାହୁ।

ଓଡ଼ିଶା ଉଚ୍ଚନ୍ୟାୟାଳୟ ଆଇନ ସେବା କମିଟି ଅଧ୍ୟକ୍ଷ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ସଙ୍ଗମ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଟପୋଷକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଉଚ୍ଚନ୍ୟାୟାଳୟ ଆଇନ ସେବା କମିଟି ଅଧ୍ୟକ୍ଷ ସଙ୍ଗମ କୁମାର ସାହୁଙ୍କୁ ମନୋନୀତ କରିଥିବା ପ୍ରାଧିକରଣ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଯୌନ ଶୋଷଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୬।୮(ସଚ୍ଚିଦାନନ୍ଦ ପଣ୍ଡା)

କାର୍ଯ୍ୟ କ୍ଷେତ୍ରରେ କର୍ମଜୀବୀ ମହିଳାଙ୍କ ଉପରେ ହେଉଥିବା ଯୌନ ଶୋଷଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ବୁଧବାର ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ବାବୁଜୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଆଭ୍ୟନ୍ତରୀଣ କମିଟି ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଶଶୀଭୂଷଣ ମିଶ୍ର ପୌରହିତ୍ୟ କରିଥିଲେ। ଚୌଦ୍ୱାର ମହବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପିକା ଡ. ମମତା ସାହୁ ପୋକ୍‌ସୋ ଆଇନ ଉପରେ ତଥ୍ୟ ଉପସ୍ଥାପନା କରିଥିଲେ। ପୂର୍ବତନ ସମିତି ସଭ୍ୟ ବିପିନ ବିହାରୀ ପ୍ରଧାନ, ସାମାଜିକ କର୍ମୀ ନୃସିଂହ ଚରଣ ସାହୁ, ଖବରଦାତା ଶ୍ୱେତକାନ୍ତ ବେହେରା, ସତ୍ୟପ୍ରକାଶ ରଥ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଦସ୍ୟ ଯଶୋବନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। କଲେଜ ଇତିହାସ ବିଭାଗ ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି ଯୌନ ଶୋଷଣ ଲୋପ କରିବା ପାଇଁ ସମସ୍ତଙ୍କୁ ଶପଥ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅମିତ ରଞ୍ଜନ ମିଶ୍ର, କୁନ୍ତଳା ବେଉରାୟ, ଅଧ୍ୟାପକ ଜିତେନ୍ଦ୍ର ପ୍ରଧାନ, ନିରଞ୍ଜନ ପତ୍ରି, ଡ. ସାଗରିକା ରାଉତ, ଓ ସଞ୍ଜୟ କୁମାର ନାୟକ ସହଯୋଗ କରିଥିଲେ।

# ସେଣ୍ଟ ଜାଭିୟର୍ସ ବାସ୍କେଟ ବଲ୍ ମହାକୁମ୍ଭ ଉଦ୍‌ଘାଟିତ





ସିବିଏସ୍‌ଇ ବାସ୍କେଟ ବଲ୍ ଟୁର୍ନାମେଣ୍ଟ କ୍ଲଷ୍ଟର-୨ ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ଯୋଗଦେଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର।

କଟକ,୬।୮(କାର୍ତ୍ତିକ ସାହୁ)

ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିବିଏସ୍‌ଇ ବାସ୍କେଟ ବଲ୍ ଟୁର୍ନାମେଣ୍ଟ କ୍ଲଷ୍ଟର-୨ ପ୍ରତିଯୋଗିତା ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମଠାରେ ବୁଧବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ପରେ ୩ଟି କୋର୍ଟରେ ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକ ଖେଳା ଯାଇଥିଲା। ଜାମସେଦପୁର ବିବେକ ବିଦ୍ୟାଳୟର ସିବିଏସସି ନିରୀକ୍ଷକ ମନୀଷ କୁମାର ମାହାତୋ ଓ ସିବିଏସସି ଟେକନିସିଆନ ଜାମସେଦପୁର ଆରଏମ୍‌ଏସ୍ ସ୍କୁଲର ରାହୁଲ ଗୁପ୍ତାଙ୍କ ସମେତ ସମସ୍ତ ଦଳର ଖେଳାଳି ଓ ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ୍‌ଗୁଡ଼ିକ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ଏଥିରେ ୧୯ ବର୍ଷରୁ କମ୍ ବର୍ଗର ବାଳକ ଦଳରେ ରାଇପୁରର ହୋଲିକ୍ରସ୍ ବନାମ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ୧୭ ବର୍ଷରୁ କମ୍ ବର୍ଗର ବାଳକ ଦଳରେ ପଶ୍ଚିମବଙ୍ଗର ସାଉଥ୍ ପଏଣ୍ଟ ସ୍କୁଲ ବନାମ କଟକର ଦିଲ୍ଲୀ ପବ୍ଲିକ୍ ସ୍କୁଲ ଏବଂ ୧୭ ବର୍ଷରୁ କମ୍ ବର୍ଗର ବାଳିକା ଦଳରେ ଭୁବନେଶ୍ୱରର ଓଡିଏମ୍ ଗ୍ଲୋବାଲ ସ୍କୁଲ ବନାମ ରାଇପୁର ହୋଲି ହାର୍ଟସ୍କୁଲ ମଧ୍ୟରେ ମ୍ୟାଚ୍‌ଗୁଡିକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ କ୍ରୀଡ଼ା ସେକ୍ରେଟାରି ଶୁଭଙ୍କର ଦଳାଇ ୧୪ବର୍ଷ, ୧୭ବର୍ଷ, ୧୯ବର୍ଷ ବର୍ଗର ସମସ୍ତ ଖେଳାଳିଙ୍କୁ ଶପଥ ପାଠ କରାଇଥିଲେ। ଏଥିସହ ମୁଖ୍ୟ ଅତିଥି ବିଧିବଦ୍ଧ ଭାବେ ବାସ୍କେଟ ବଲ ମହାକୁମ୍ଭ ଆରମ୍ଭ ହେଲା ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଡିସିପି ଖିଲାରୀ ରିଷିକେଶ ଦ୍ୟାନ୍‌ଦେଓ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ଜି. ଏସ୍. ପଟ୍ଟନାୟକ, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆୟୋଜକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସିବିଏସ୍‌ସି ଓ ସହୋଦୟ ବିଦ୍ୟାଳୟଗୁଡ଼ିକ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣୀ ସମିତି ବୈଠକ

### ବ୍ଲକ ଅଧ୍ୟକ୍ଷାଙ୍କୁ ଅଣଦେଖା ଅଭିଯୋଗ

କଟକ ସଦର,୬।୮
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣୀ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବୈଠକରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ କରିଥିଲେ। ବୈଠକ ସମ୍ପର୍କରେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ବୈଠକ ସମ୍ପର୍କରେ ରାଉତଙ୍କୁ ଦିନ ସାଢ଼େ ୧୦ଟା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପ୍ରଶାନ୍ତ କୁମାର ସାମଲ ଅବଗତ କରିଥିଲେ। ତେଣୁ ଗୃହ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅଧ୍ୟକ୍ଷା ଆସି ପାରି ନ ଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ହଇରାଣ ହେବ, କେଉଁଠାରେ ନାମ ପଞ୍ଜୀକରଣ, ରୋଗୀ ଚିକିତ୍ସା ପ୍ରକୋଷ୍ଠ, ଔଷଧ ବିତରଣ ଗୃହ, ରକ୍ତ, ମଳମୂତ୍ର ପରୀକ୍ଷା ଗୃହର ସୂଚନା ଲେଖାଥିବା ବୋର୍ଡ ଲଗାଯାଇ ନାହିଁ। ରାତିରେ ରହୁଥିବା ରୋଗୀଙ୍କୁ ଖାଦ୍ୟ ପରିବେଷଣ ସମ୍ପର୍କରେ ମଧ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କୁ ପଚାରି ବୁଝିଥାନ୍ତେ। ମାତ୍ର ତାହା ହୋଇପାରିଲା ନାହିଁ ବୋଲି ରାଉତ କହିଛନ୍ତି। ଅଭିଯୋଗ ସମ୍ପର୍କରେ ଅଧୀକ୍ଷକ ସାମଲଙ୍କୁ ପଚାରିବାରୁ ଆଜି ଫୋନ ଯୋଗେ ବ୍ଲକ ଅଧ୍ୟକ୍ଷାଙ୍କୁ ଜଣାଇଥିଲେ ବୋଲି ସ୍ୱୀକାର କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଦାୟ, ସ୍ୱାଗତ ପର୍ବ

ଚୌଦ୍ୱାର,୬।୮(ଆଶୁତୋଷ ଦାସ)

ଚୌଦ୍ୱାର କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଦାୟ ଓ ସ୍ୱାଗତର ମହାପର୍ବ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ବୀଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପ୍ରଫୁଲ କୁମାର ସାହୁଙ୍କ ପୌରହିତ୍ୟରେ କଲେଜ ଗୋପବନ୍ଧୁ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମୀ ରାଉତାରାୟ, ଗିତୀକାର ମୋହିତ ଚକ୍ରବର୍ତ୍ତୀ, କବି ନିଖିଳେଶ ମହାନ୍ତି, ଭକ୍ତି ଓ ପ୍ରର୍ଥନା ଚ୍ୟାନେଲର ପାଲା ସମିକ୍ଷକ ଡ. ନିରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଓଡିଆ ଭାଷାର ଐତିହ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜ ପାସଆଉଟ ଓ ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅଧ୍ୟାପକ ଡ. ଦୀପକ କୁମାର ବେହେରା, ଅଧ୍ୟାପିକା ବନିତା ସ୍ୱାଇଁ, ସଂଘମିତ୍ରା ଦାସ, ରିଙ୍କୁ ସୋରେନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅଶୋକ ଦାସ, ରତିକାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ବୁଧବାର ଅନୁଷ୍ଠିତ ଝୁଲଣଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

# ଥାନାରେ ଯୁବକଙ୍କ ମାଡ଼ ମାରିବା ଘଟଣା: ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ରବୀନ୍ଦ୍ର

କଟକ,୬।୮(ଶିଳ୍ପା ପ୍ରିୟଦର୍ଶିନୀ)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ମହିପୁର ଗ୍ରାମର ରବୀନ୍ଦ୍ର ମଲ୍ଲିକ ବୁଧବାର ଡିସଚାର୍ଜ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଣକା ପଞ୍ଚାୟତ ମହିପୁର ଗାଁର ରବୀନ୍ଦ୍ରଙ୍କୁ ପୋଲିସ ଥାନାରେ ଅଟକ ରଖିବା ସହ ଥାନା ହାଜତ ଭିତରେ ଉଲଗ୍ନ ହେବାକୁ ବାଧ କରିବା ସହିତ ଅତ୍ୟାଚାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଯୋଗୁ ରବୀନ୍ଦ୍ର ଥାନାରେ ବିଷ ପିଇଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଗତ ୩ ତାରିଖରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଆଣି ଏସସିବିରେ ଭର୍ତ୍ତି କରିଥିଲା।

# କଟକ ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା



କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହଙ୍କୁ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ ସଦର,୬।୮(ସୁଶାନ୍ତ କୁମାର ଜେନା)

କଟକ ଜିଲା ବିଜେଡି ସଭାପତି ଭାବେ ପରମହଂସର ପ୍ରଫୁଲ୍ଲ ସିଂହ ମନୋନୀତ ହୋଇଛନ୍ତି। ନୂତନ ଜିଲା ସଭାପତିଙ୍କୁ ବୁଧବାର କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏସଭାରେ ବିଜେଡି କର୍ମୀମାନେ ସିଂହଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜିଲାରେ ଦଳ ନୂତନ ନେତୃତ୍ୱ ଦ୍ୱାରା ଅଧିକ ଶକ୍ତିଶାଳୀ ହେବ ଆଶା ବ୍ୟକ୍ତ କରିଥିଲେ। କଟକ ସଦର ବିକାଶ ମଞ୍ଚର ସୁବୋଧ ବେହେରା, ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ରାକେଶ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଳାସ ମଲ୍ଲିକ, ଯାଦବ ସଂଘ ସଭାପତି ସମର ବେହେରା, ରଜନୀ କାନ୍ତ ସାହୁ, ଅନିରୁଦ୍ଧ ରାଉଳ, ସୁମନ୍ତ ପଣ୍ଡା, ଅକ୍ଷୟ ପରିଡ଼ା, ଚିତ୍ତରଞ୍ଜନ ମହାପାତ୍ର, କିଶୋର ହରି ଓ ଡାକ୍ତର ଦେବଦତ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସିଂହଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ତୋରତର କାମନା କରିଥିଲେ।

# ଭଗତପୁର 'ଓଡ଼ିଶା କଟନ ମିଲ୍' ପୁନରୁଦ୍ଧାର ଆଶା ସଞ୍ଚାର

- କେନ୍ଦ୍ର ବୟନ ଶିଳ୍ପମନ୍ତ୍ରୀଙ୍କୁ ଭେଟିଲେ କଟକ ଏମ୍‌ପି
- ୨୦୦୯ରୁ କମ୍ପାନୀ ଗେଟ୍‌ରେ ଝୁଲୁଛି ତାଲା

ମଙ୍ଗୁଳି-ଜଗତପୁର,୬।୮ (ମାନସ ସାମଲ)



ଏମ୍‌ପି ଭର୍ତ୍ତୃହରି ମହତାବ କେନ୍ଦ୍ର ବୟନ ଶିଳ୍ପମନ୍ତ୍ରୀ ଗିରିରାଜ ସିଂହଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଗତପୁରସ୍ଥିତ ଦୀର୍ଘ ବର୍ଷ ଧରି ବନ୍ଦ ପଡ଼ିଥିବା 'ଓଡ଼ିଶା କଟନ ମିଲ' (ଓସିଏମ)ର ପୁନରୁଦ୍ଧାର ହେବା ଆଶା ସଞ୍ଚାର ହୋଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଦିଲ୍ଲୀରେ କେନ୍ଦ୍ର ବୟନ ଶିଳ୍ପମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଏ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଜୁନ ୧୮ରେ ଲୋକସଭା ଭବନଠାରେ ଅନୁଷ୍ଠିତ ଓସିଏମ୍‌ର ସ୍ଥିତି ଯାଞ୍ଚ ସହ ଏହାର ପୁନରୁଦ୍ଧାର ଲାଗି କ'ଣ କରାଯାଇପାରେ ସେ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ ଲାଗି କଟକ ଏମ୍‌ପିଙ୍କ ଉପସ୍ଥିତିରେ ଶିଳ୍ପ ବିଭାଗ ସଚିବଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଖବର ଜଣାପଡ଼ିବା ପରେ ସରକାରଙ୍କ ନିଷ୍ପତ୍ତି ଓ କଟକ ଏମ୍‌ପିଙ୍କ ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ବେଶ ଉତ୍ସାହିତ ହୋଇପଡ଼ିଛନ୍ତି।

ପ୍ରକାଶ ଥାଉକି, ଜାତୀୟ ବୟନ ଶିଳ୍ପ ନିଗମ ଅଧୀନ ତଥା ଜାତୀୟସ୍ତରରେ ପୁରସ୍କୃତ ଲାଭ କରିଥିବା ଓଡ଼ିଶାର ଏକମାତ୍ର ସୂତାକଳ ଓଡ଼ିଶା କଟନ ମିଲ୍ (ଓସିଏମ୍) ୧୯୪୬ରେ ଶୁଭାରମ୍ଭ ହୋଇଥିଲା। ସେ ସମୟରେ କମ୍ପାନୀରେ ୯୦୦ ଶ୍ରମିକ କାମ କରୁଥିଲେ। ଓସିଏମ୍‌ରେ ତିଆରି ଉନ୍ନତମାନର ସୂତା ଓଡ଼ିଶାର ପ୍ରାୟ ସମସ୍ତ ଜିଲାର ବୁଣାକାରମାନଙ୍କୁ ଯୋଗାଇ ଦିଆଯାଉଥିଲା। ଏଥିସହ ରାଜ୍ୟ ବାହାରକୁ ମଧ ପଠାଯାଉଥିଲା। ମାତ୍ର ପରିଚାଳନାଗତ ତ୍ରୁଟି ଫଳରେ କାରଖାନା କ୍ଷତିରେ ଚାଲିବାରୁ ୧୯୯୪ରୁ ସ୍ୱେଚ୍ଛାକୃତ ଅବସର ଯୋଜନା ଭି.ଆର.ଏସ କାର୍ଯ୍ୟକାରୀ ହୋଇଥିଲା। ଶେଷରେ ୨୦୦୯ରୁ କାରଖାନା ବନ୍ଦ ହୋଇଯାଇଥିଲା। ପରେ ଆଧୁନିକୀକରଣ ନାରେ କମ୍ପାନୀର ୬୨ ଏକର ଜମିକୁ ମାତ୍ର ୧.୧୫ କୋଟି ଟଙ୍କାରେ ବିକ୍ରି କରି ଦିଆଯାଇଥିଲା। କିନ୍ତୁ ବିଆଇଏଫଆର୍ ଚୁକ୍ତି ମୁତାବକ କାରଖାନାର କୌଣସି ଉନ୍ନତିକରଣ କରା ନ ଯାଇ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିଲା। ଗତ ଜୁନ ୨୩ରେ ଶ୍ରମିକ ନେତା ଦୀପକ ବାରିକଙ୍କ ଆବାହନରେ କମ୍ପାନୀ ସମ୍ମୁଖରେ ଏକ ଜରୁରକାଳୀନ ବୈଠକ ବସି କମ୍ପାନୀ ଖୋଲିବା ଦିଗରେ ଆଲୋଚନା କରି ସମସ୍ତେ ଏକଜୁଟ ରହିବା ପାଇଁ ଅନୁରୋଧ କରିଥିଲେ।

# ୨ ଗାଁ ସୀମା ବିବାଦକୁ ନେଇ ଉତ୍ତେଜନା

## ଆକ୍ରମଣରେ ଜଣେ ଆହତ, ଦୋକାନବଜାର ବନ୍ଦ

ବାଘମାରୀ,୬।୮ (ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡିହ ପଞ୍ଚାୟତର ଓସ୍ତପୁର ଏବଂ କୋଟପଲ୍ଲା ଗ୍ରାମ ମଧ୍ୟରେ ସୀମାବିବାଦ ଓ ନାମଫଳକ ପୋତିବାକୁ ନେଇ ବୁଧବାର ବିବାଦ ସୃଷ୍ଟି ହେବା ସହ ଉତ୍ତେଜନା ଦେଖାଦେଇଛି। ଆକ୍ରମଣରେ ଜଣେ ଆହତ ହୋଇଥିବାବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ସମେତ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ଦୋକାନବଜାର ବନ୍ଦ ରହିଛି।

ଗାଁର ସୀମାକୁ ନେଇ ଦୀର୍ଘଦିନ ଧରି ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗିରହିଛି। ବୁଧବାର ନାମଫଳକ ପୋତିବାକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଥିଲା। କୋଟପଲ୍ଲା ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦେଶ ସ୍ୱାଧୀନତା ପରେ ଡାକବ୍ୟବସ୍ଥା ପ୍ରଚଳନ ଏବଂ ଏହାକୁ ନେଇ କୋଟପଲ୍ଲା ବଜାରର ନାମକରଣ ହୋଇଥିଲା। ଏଥିସହ ବସ୍ ପରମିଟ୍‌ରେ ମଧ୍ୟ କୋଟପଲ୍ଲା ନାମ ରହିଛି। ଏହି କୋଟପଲ୍ଲା ବଜାର ନାମକରଣ ଜେଜେ, ଗୋସିବାପା ଅମଳରୁ ରହିଆସିଛି। ତେବେ କେତେଜଣ ବ୍ୟକ୍ତି ଓସ୍ତପୁର ଗ୍ରାମବାସୀଙ୍କୁ ବିଭ୍ରାନ୍ତ କରି ଓସ୍ତପୁର ନାମରେ ବଜାରର ନାମକରଣ କରିବାକୁ ପ୍ରବର୍ତ୍ତାଉଛନ୍ତି। ଫଳରେ ଦୁଇ ଗାଁ ମଧ୍ୟରେ ଅଶାନ୍ତି ଲାଗିରହିଛି। ଅନ୍ୟପଟେ ଓସ୍ତପୁର ଗ୍ରାମବାସୀ କହିଛନ୍ତି, ବଜାର ଯେଉଁଠି ଗଢ଼ିଉଠିଛି ଏବଂ ପୂର୍ତ୍ତ ବିଭାଗର ରାସ୍ତା ଯାଇଛି, ତାହା ସଂପୂର୍ଣ୍ଣ ଭାବେ ଓସ୍ତପୁର ମୌଜାରେ ରହିଛି। କୋଟପଲ୍ଲାର କେତେଜଣ ବ୍ୟକ୍ତି ସବୁବେଳେ ଆମ ବଜାର କହି ଗାଳିମନ୍ଦ ଓ ମାର୍‌ପିଟ୍ କରୁଛନ୍ତି। ଆମ ଓସ୍ତପୁର ମୌଜାରେ ବଜାର ହୋଇଥିବାରୁ ଆମ ଗାଁ ନାମରେ ବଜାର ନାଁ ନାମିତ କରାଯାଉ ବୋଲି ଓସ୍ତପୁର ବାସିନ୍ଦା ଦାବି କରିଛନ୍ତି। ଏଭଳି ଆକ୍ଷେପ ପ୍ରତିଆକ୍ଷେପକୁ ନେଇ ଦୀର୍ଘବର୍ଷ ଧରି ଉଭୟ ଗାଁ ମଧ୍ୟରେ ମନାନ୍ତର ରହିଆସିଛି। ଏ ନେଇ ଗତ କିଛିଦିନ ତଳେ ଓସ୍ତପୁର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପୂର୍ବରୁ ଲାଗିଥିବା ଓସ୍ତପୁର ନାମଫଳକକୁ କୋଟପଲ୍ଲାର କେତେଜଣ ବ୍ୟକ୍ତି ଲିଭାଇ ଦେଇଥିବା ସେମାନେ ଅଭିଯୋଗ ଆଣିବା ସହ ପୁନର୍ବାର ଓସ୍ତପୁର ନାମଫଳକ ଲଗାଇବାକୁ ଦାବି କରିଥିଲେ। ଖୋର୍ଦ୍ଧା ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବୁଧବାର ବେଗୁନିଆ ତହସିଲଦାର ତାପସ ବିଶିଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ ପକ୍ଷରୁ ଓସ୍ତପୁର ଓ କୋଟପଲ୍ଲା ନାମରେ ଦୁଇଟି ନାମଫଳକ ପୋତିବା ପାଇଁ ଉଦ୍ୟମ ହେଉଥିବା ବେଳେ ଉଭୟ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଥିଲେ। ଘଟଣାସ୍ଥଳରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ଆକ୍ରମଣରେ କୋଟପଲା ଗ୍ରାମର ଜଣେ ଯୁବକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ଉଭୟ ଗ୍ରାମ ପାଇଁ ଆସିଥିବା ନାମଫଳକ ପୋତା କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଏଭଳି ପରିସ୍ଥିତିକୁ ଦେଖି ବ୍ୟବସାୟୀମାନେ ଦୋକାନବଜାର ବନ୍ଦ କରିଦେଇଥିଲେ।



ଉତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ସଂକ୍ଷେପରେ

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



କୃଷ୍ଣପ୍ରସାଦ, ୬।୮ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତ ନୂଆଗାଁ ଗ୍ରାମର ବାନାମ୍ବର ସାହୁଙ୍କ ପୁତ୍ର ରତ୍ନାକର ସାହୁ ଭାରତୀୟ ସେନାରେ କାର୍ଯ୍ୟ କରି ନିକଟରେ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ଅନେକ ଘାତ ପ୍ରତିଘାତର ସାମନା କରି ଦେଶ ମାତୃକାର ସେବାରେ ନିୟୋଜିତ ଥିଲେ। ଯୁଦ୍ଧ କ୍ଷେତ୍ରରେ ଶତ୍ରୁତା ଏବଂ ଅନେକ ଥର ସନ୍ତ୍ରାସବାଦୀଙ୍କ ମୁକାବିଲା କରି ଦେଶବାସୀଙ୍କୁ ସୁରକ୍ଷା ଯୋଗାଇଛନ୍ତି। ଅବସର ନେବା ପରେ ସେ ନିଜ ଗ୍ରାମକୁ ଫେରିଆସିଛନ୍ତି। ସମାଜସେବୀ ତଥା ସାହୁଙ୍କ ଘନିଷ୍ଠ ବନ୍ଧୁ ଅଧ୍ୟାପକ ଗାନ୍ଧୀ କୁମାର ସାହୁଙ୍କ ସଂଯୋଜନାରେ ଯବାନ ସାହୁଙ୍କୁ ବ୍ରହ୍ମପୁର ଷ୍ଟେଶନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାଜା ବାଣ ଫୁଟାଇ ଗ୍ରାମରେ ମିଷ୍ଟାନ୍ନ ବଣ୍ଟନ କରି ଏକ ଶୋଭାଯାତ୍ରାରେ ଯବାନ ସାହୁଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ମହନ୍ତ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ବିପ୍ରବର ବାରିକ, ପ୍ରଦୀପ କୁମାର ବେହେରା, ପ୍ରକାଶ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ସାହୁଙ୍କ ସମେତ ସପରିବାର ଉପସ୍ଥିତ ଥିଲେ। ଏଭଳି ନିଆରା ପ୍ରୟାସ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସହିତ ନୂତନ ଯୁବପୀଢ଼ିଙ୍କୁ ଦେଶ ସେବାରେ ସମର୍ପିତ ହେବା ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ବରିଷ୍ଠ ଭାଜପା ନେତା ରୋହିତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ସାମାଜିକ କର୍ମୀ ନିମେଇ ଶ୍ରୀଚନ୍ଦନଙ୍କ ପରଲୋକ

ଖୋର୍ଦ୍ଧା,୬।୮ (ପ୍ରଭାତ ପାଣିଗ୍ରାହୀ)



ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପଦେଷ୍ଟା, କଳିଙ୍ଗ ପାଇକ ସଙ୍ଗଠନର କାର୍ଯ୍ୟକାରିଣୀ ସଦସ୍ୟ ତଥା ନିଜିଗଡ଼ ତାପଙ୍ଗ ପଞ୍ଚାୟତର ସାମାଜିକ କର୍ମୀ ନିମେଇ ଶ୍ରୀଚନ୍ଦନଙ୍କ ୮୧ ବର୍ଷ ବୟସରେ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ବିଭିନ୍ନ ଜନହିତକର କାର୍ଯ୍ୟ ତଥା ସମାଜସେବାରେ ସମ୍ପୃକ୍ତ ଥିଲେ। କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୁଖ୍ୟ ସଞ୍ଚାଳକ ଇଂ. ଶିଶିର କୁମାର ନାୟକ, ଐତିହାସିକ ସତ୍ୟବାଦୀ ବଲିୟାରସିଂ, ତାପଙ୍ଗ ଦଳବେହେରା, ସ୍ମୃତି ପରିଷଦର ରମଜାନ୍ ଖାଁ, ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବ, ଛତିପୁରର ସାମାଜିକ କର୍ମୀ ଭାଗୀରଥି ମଙ୍ଗରାଜ, ପୂର୍ବତନ ସରପଞ୍ଚ ବିଜୟ କୁମାର ଜେନା, ପୂର୍ବତନ ସମିତିସଭ୍ୟ ଆମୋଦ କୁମାର ହରିଚନ୍ଦନ, ସାମାଜିକ କର୍ମୀ ଗୋଦାବରୀ ଛୋଟରାୟ, ଗୋଦାବରୀଶ ବଳିୟାରସିଂ, ସୁଧାକର ସାମନ୍ତରାୟ, ହେମନ୍ତ ଶ୍ରୀଚନ୍ଦନ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ଜ୍ୟେଷ୍ଠପୁତ୍ର ଅଜୟ ଶ୍ରୀଚନ୍ଦନ ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ।

# ପୂର୍ଣ୍ଣ ଅନୁଦାନ ଦାବିରେ ୧୬ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

## ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘର ଚେତାବନୀ




ଖବରଦାତା ସମ୍ମିଳନୀରେ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଖୋର୍ଦ୍ଧା,୬।୮ (ପ୍ରଭାତ ପାଣିଗ୍ରାହୀ)

ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ ଦାବି କରିଛି ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ। ସରକାରଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ରାଜ୍ୟ ସଂଘ ଆହ୍ୱାନକ୍ରମେ ଅଗଷ୍ଟ ୧୬ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବୁଧବାର ଗୀତା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି।

ସଂଘ ଅଭିଯୋଗ କରିଛି ଯେ, ଦାବି ପୂରଣ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗତବର୍ଷ ଗୁରୁ ଦିବସରେ କଳାବ୍ୟାଜ୍ ପରିଧାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୧୧ଥର ଅଭିଯୋଗ କରାଯାଇଛି। ରାଜ୍ୟର ୫ଟି ଶିକ୍ଷା ନିର୍ଦ୍ଦେଶାଳୟ ଜରିଆରେ ଦାବିପତ୍ର ପ୍ରଦାନ ସହ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ବିକ୍ଷୋଭ କରାଯାଇଛି। ଏହାସତ୍ତ୍ୱେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ୧୬ ତାରିଖ ପୂର୍ବରୁ ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ସହ ଧାରଣା ଜାରି ରହିବ ବୋଲି ଜିଲା ସଂଯୋଜକ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବନମାଳୀ ଦାସ, ବୋଲଗଡ଼ ଖଣ୍ଡ ସଂଯୋଜକ ଡ. ରଞ୍ଜନ କୁମାର ଦାସ, ଖୋର୍ଦ୍ଧା ଖଣ୍ଡ ସଂଯୋଜକ ପ୍ରମୋଦ କୁମାର ବିଶ୍ୱାଳ ଏବଂ ଦିବ୍ୟସ୍ମିତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିଭିନ୍ନ ବେସରକାରୀ କଲେଜର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଛାତ୍ରୀ, ମହିଳାଙ୍କ ସୁରକ୍ଷା ଦାବି




ଏସ୍‌ପି ଅଫିସ ସମ୍ମୁଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଏସ୍‌ପି ଅଫିସ୍ ଘେରିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ଖୋର୍ଦ୍ଧା, ୬।୮ (ପ୍ରଭାତ ପାଣିଗ୍ରାହୀ)

ଗାଁରୁ ସହର, ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍ ସବୁଠି ଛାତ୍ରୀ ଓ ମହିଳା ଅସୁରକ୍ଷିତ। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ମହିଳା ଓ ଛାତ୍ରୀଙ୍କ ଉପରେ ନିର୍ଯାତନା ବଢ଼ିଚାଲିଥିବାବେଳେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ବାଲେଶ୍ୱର ଓ ବଲଙ୍ଗା ପୀଡ଼ିତାଙ୍କ ଘଟଣାର ନିରପେକ୍ଷ ତଥା ତ୍ୱରିତ ତଦନ୍ତ, ପୀଡ଼ିତାଙ୍କୁ ନ୍ୟାୟ, ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯିବା, କ୍ରିୟାଶୀଳ ଓ ପ୍ରଭାବଶାଳୀ ମେକାନିଜମ୍ ଗଠନ ଆଦି ଦାବିରେ ବୁଧବାର ଖୋର୍ଦ୍ଧା ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରାଣନାଥ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ବାଇକ୍ ଶୋଭାଯାତ୍ରାରେ ବାହାରି ସରକାରଙ୍କ ବିରୋଧରେ ନାରାବାଜି କରି ସହର ପରିକ୍ରମା କରିଥିଲେ। ପରେ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ପୋଲିସ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳର ଖୋର୍ଦ୍ଧା ଜିଲା ସଭାପତି ସ୍ୱାଧୀନ ପଣ୍ଡା, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଅମିୟ କୁମାର ମହାନ୍ତି, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ବିରଞ୍ଚି ଜେନାଙ୍କ ସଂଯୋଜନାରେ ଶତାଧିକ ଯୁବ ଓ ଛାତ୍ରୀଛାତ୍ର ଯୋଗଦେଇ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା, କ୍ୟାମ୍ପସ୍‌ରେ ଅଣଛାତ୍ରଙ୍କ ପ୍ରବେଶ ଉପରେ କଟକଣା ଦାବି କରିଥିଲେ। କ୍ୟାମ୍ପସରେ ଛାତ୍ରୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରାଯାଇଥିଲା।

# ନିଖୋଜ ଯୁବକଙ୍କ ମୃତଦେହ ଜବତ

## ପୁରୀ ମୁଖ୍ୟ କେନାଲରେ ବୁଡ଼ିଯାଇଥିଲେ

ବାରଙ୍ଗ, ୬।୮ (ଲିଙ୍ଗରାଜ ରାଉତ)

ଗୋଡିସାହି ଫାଣ୍ଡି ଅନ୍ତର୍ଗତ ରତାଗଡ ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲରେ ନିଖୋଜ ଯୁବକଙ୍କ ମୃତଦେହ ବୁଧବାର ଜବତ ହୋଇଛି। ସେ ହେଲେ ସ୍ଥାନୀୟ ଷଣ୍ଢପୁର ଗ୍ରାମର ପ୍ରଶାନ୍ତ କୁମାର ବେହେରା (୪୦) ଓରଫ ଟୁଲୁ। ଦମକଳ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ଦଳ ନୂଆସାହି ଡଙ୍ଗାତୁଠ ନିକଟରୁ ମୃତଦେହକୁ ଜବତ କରିଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରେ ରତାଗଡ ଗ୍ରାମ ନିକଟରେ ରହିଥିବା ପୁରୀ ମୁଖ୍ୟ କେନାଲକୁ ଟୁଲୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ପାଣି ସ୍ରୋତରେ ସେ ଭାସିଯାଇଥିଲେ। ଏହି ସମୟରେ କେନାଲ ଉପରେ ଥିବା ଜଣେ ଯୁବକ ଏହାଦେଖି ପାଟି କରିଥିଲେ। ସ୍ଥାନୀୟ ଯୁବକମାନେ ଏକାଠି ହୋଇ ଟୁଲୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ଟୁଲୁଙ୍କ ପତ୍ତା ମିଳିପାରି ନଥିଲା। ବୁଧବାର ସକାଳୁ ବାରଙ୍ଗ ଅଗ୍ନିଶମ ବାହିନୀ ଓ ମୁଣ୍ଡଳି ଏନ୍‌ଡିଆର୍‌ଏଫ୍ ଦଳ ସାହାଯ୍ୟରେ ଟୁଲୁଙ୍କ ମୃତଦେହ ଜବତ ହୋଇଥିଲା। ପରେ ମୃତଦେହକୁ ବାରଙ୍ଗ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଭାଜପାର ସାଙ୍ଗଠନିକ ବୈଠକ



ଭାଜପାର ସାଙ୍ଗଠନିକ ବୈଠକରେ ନେତୃବୃନ୍ଦ ଏବଂ କର୍ମୀ।

ବୋଲଗଡ଼,୬।୮ (ଦେବବ୍ରତ ହୋତା)

ସାମାଜିକ କର୍ମୀ ଜଗନ ନାୟକଙ୍କ ଆବାହକତ୍ୱରେ ବୋଲଗଡ଼ ଡାକବଙ୍ଗଳାରେ ବୁଧବାର ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ବୋଲଗଡ଼ ବ୍ଲକର ୧୯ଟି ପଞ୍ଚାୟତର ଛାମୁଆଁ ନେତାମାନଙ୍କୁ ଡାକି ବୈଠକ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ କର୍ମୀଙ୍କୁ ଭାଜପାରେ ସାମିଲ କରି ସଂଗଠନକୁ ମଜଭୁତ କରିବା ପାଇଁ ସେ ବରିଷ୍ଠ ନେତୃବୃନ୍ଦଙ୍କୁ କହିଥିଲେ। ଏହି ଅବସରରେ ପ୍ରତି ପଞ୍ଚାୟତର ଏକ ପାଞ୍ଚଜଣିଆ ଟିମ ଗଠନ କରାଯାଇଛି। କମିଟି ସଦସ୍ୟମାନେ ଲୋକଙ୍କ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ଦିଗରେ କାର୍ଯ୍ୟ କରି ପ୍ରିୟଭାଜନ ହୋଇପାରିଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସଫଳତା ପାଇବେ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ବୋଲଗଡ଼ରେ ଜେଏମ୍‌ଏଫସି କୋର୍ଟ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସ୍ଥାୟୀ ଷ୍ଟେଶନ, ସିମେଣ୍ଟ କଂକ୍ରିଟ ରାସ୍ତା ଓ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ଷଡ଼ଙ୍ଗୀ, ଅର୍ଜୁନ ପଟ୍ଟନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ, ଚଇ ପଟ୍ଟନାୟକ, କିଶୋର ଚନ୍ଦ୍ର ହୋତା, କର୍ପୁର ସାହୁ, ଶରତ କୁମାର ବାରିକ, ବାଙ୍କୋଇ ସରପଞ୍ଚ ରଶ୍ମିତା ରାଉତରାୟ, ଉପେନ୍ଦ୍ର କୁମାର ସୁବୁଦ୍ଧି, ନୀଳକଣ୍ଠ ପ୍ରଧାନ, ପୁରୁଷୋତ୍ତମ ସୁବୁଦ୍ଧି, କେଶବ ଚନ୍ଦ୍ର ସାହୁ, ସହଦେବ ସୁବୁଦ୍ଧି, ସୁମନ୍ତ ପ୍ରଧାନ, ପ୍ରକାଶ ବେହେରା, ସଞ୍ଜୟ ବେହେରା, ଦୀପନ ବିଶ୍ୱାଳ ଏବଂ ରଶ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ତଳକୁ ଖସି ଗଛରେ ପିଟିହେଲା ବାଇକ୍

## ଯୁବତୀ ମୃତ, ଯୁବକ ଗୁରୁତର

ଟାଙ୍ଗୀ,୬।୮ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଚାନ୍ଦପୁର-ରଣପୁର ରାସ୍ତାର ରାଇପଡ଼ା ଛକଠାରେ ବୁଧବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦ୍ରୁତଗାମୀ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାର ୩୦ ଫୁଟ ତଳକୁ ଖସିବା ପରେ ଏକ ବଡ଼ ଶାଗୁଆନ ଗଛରେ ପିଟିହୋଇଯାଇଛି। ଫଳରେ ଏଥିରେ ବସିଥିବା ଜଣେ ଯୁବତୀଙ୍କ ମୃତ୍ୟୁ ଘଟିବା ସହ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସମ୍ପୃକ୍ତ ଯୁବକ ରଣପୁର ମଣିନାଗ ସାହିର ଚନ୍ଦନ ସ୍ୱାଇଁଙ୍କୁ ଉଦ୍ଧାର ପରେ ଚାନ୍ଦପୁରସ୍ଥିତ ବସନ୍ତମଞ୍ଜରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୁବତୀ ଜଣକ ନିକଟସ୍ଥ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ସେହିପରି ଚନ୍ଦନ ଚାନ୍ଦପୁରର ଏକ ହୋଟେଲରେ ରୋଷେୟା ରହିଥିଲେ। ଦୁହେଁ ଏକ ବାଇକ୍‌ରେ ଚାନ୍ଦପୁରରୁ ରଣପୁର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ବାଇକ୍‌ଟି ନୂଆ କିଣାଯାଇଥିବାରୁ ନମ୍ବରପ୍ଲେଟ୍ ଲଗାଯାଇ ନ ଥିବା ଜଣାପଡ଼ିଛି।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

ଖୋର୍ଦ୍ଧା,୬।୮ (ପ୍ରଭାତ ପାଣିଗ୍ରାହୀ)

ଜଳବାୟୁ ପରିବର୍ତ୍ତନ ଆଜିର ଏକ ବଡ଼ ଆହ୍ୱାନ। ସାରା ବିଶ୍ୱ ଏହି ସମସ୍ୟା ଦେଇ ଗତି କରୁଛି। ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ ବୋଲି ବୁଧବାର ଖୋର୍ଦ୍ଧା ଜିଲା ପ୍ରେସ୍ କ୍ଲବ ଏବଂ ଜାନକୀ ବଲ୍ଲଭ ସ୍ମୃତି କମିଟି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନରେ ଆୟୋଜିତ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମତତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି, ବିଜେଡି ନେତା କ୍ୟାପଟେନ ମନ୍ମଥ ରାଉତରାୟ, ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ରାଉତରାୟ, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ଗୁରୁ ପ୍ରସାଦ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର, ଖବରଦାତା ତପନ କୁମାର ନାୟକ, ପ୍ରସନ୍ନ ପାଇକରାୟ, ପ୍ରକାଶ ହାତୀ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଜାନକୀବଲ୍ଲଭ ସ୍ମୃତି କମିଟି ଟ୍ରଷ୍ଟ ସମ୍ପାଦକ ସଞ୍ଜୟ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ପ୍ଲାବନ ପଟ୍ଟନାୟକ, ବିଶ୍ୱରଞ୍ଜନ ଛୋଟରାୟ, ଲଳିତ ମୋହନ ମହାପାତ୍ରଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ୍ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଉଦ୍ୟାନ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯିବା ସହ ରାକ୍ଷୀ ବନ୍ଧାଯାଇ ସେଗୁଡ଼ିକର ସୁରକ୍ଷା ପାଇଁ ସଂକଳ୍ପ ନିଆଯାଇଥିଲା।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଜିଲାପାଳଙ୍କ ଅଫିସ୍ ଘେରିଲା ୬୬୨ ବର୍ଗ କଲେଜ ସଂଘ




ଚାକିରି ସର୍ତ୍ତାବଳୀ ଓ ପେନସନ୍ ଦାବିରେ ୬୬୨ ବର୍ଗ କଲେଜ ସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## ଚାକିରି ସର୍ତ୍ତାବଳୀ ଓ ପେନସନ୍ ଦାବି

ଖୋର୍ଦ୍ଧା,୬।୮ (ପ୍ରଭାତ ପାଣିଗ୍ରାହୀ)

୬୬୨ ବର୍ଗ କଲେଜ ସଂଘ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଚାକିରି ସର୍ତ୍ତାବଳୀ ଓ ପେନସନ୍ ଦାବିରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବା ସହ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଛି। ପୂର୍ବାହ୍ନ ୧୧ଟାରେ ଶତାଧିକ ଅଧ୍ୟାପିକା, ଅଧ୍ୟାପକ ସ୍ଥାନୀୟ ଗୀତାଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସରକାରଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିବାବେଳେ ସରକାର ଏ ସଂକ୍ରାନ୍ତରେ କୌଣସି ଆଲୋଚନା କଲେନାହିଁ। ୨୦୨୭ ସୁଦ୍ଧା ଏହି ବର୍ଗର କଲେଜରୁ ପ୍ରାୟ ୯୦ ପ୍ରତିଶତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅବସର ଗ୍ରହଣ କରିବେ। ତେଣୁ ତୁରନ୍ତ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ ଘୋଷଣା ପାଇଁ ସଂଘ ଦାବି କରିଛି। ଏ ସଂକ୍ରାନ୍ତ କେସ୍‌ର ବିଚାରକରି ଉଚ୍ଚ ନ୍ୟାୟାଳୟ ପେନସନ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାର ଏହି ମାମଲାକୁ ଯୁଗ୍ମ ବେଞ୍ଚକୁ ପଠାଇ ଅଣଦେଖା କରୁଛନ୍ତି। ସଂଘର ଶୋଭାଯାତ୍ରା ଓ ବିକ୍ଷୋଭରେ ଜିଲା ସଭାପତି ଡ. ତପନ କୁମାର ଜେନା, ରାଜ୍ୟ ସାଧାରଣ ସମ୍ପାଦକ ସତାପ ଉଦ୍ଦିନ ଅହମ୍ମଦ, ରାଜ୍ୟ କୋଷାଧ୍ୟକ୍ଷ ରଞ୍ଜନ ପ୍ରଧାନ, ଜିଲା ସମ୍ପାଦକ ଅକ୍ଷୟ କୁମାର ଶତପଥୀ, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ଦାସ, ବିକାଶ ସ୍ୱାଇଁ, କଲ୍ୟାଣ ପଣ୍ଡା, ସୁଧୀର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ପୁରୀ,୬।୮(ଅଜିତ୍ କୁମାର ମହାନ୍ତି): ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ବାଲିସାହି ହରିଜନ ବସ୍ତିର ପ୍ରତୀକ୍ ନାୟକ(୧୮)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଖଣ୍ଡା ଜବତ କରିଛି। ଏନେଇ ସମୁଦ୍ରକୂଳ ଥାନା ପୋଲିସ କେସ୍ ନଂ. ୨୧୨/୨୫ରେ ଏକ ମାମଲା ରୁଜୁ କରିଛି। ହରିଜନ ବସ୍ତିର ଦୀପା ନାୟକ ଥାନାରେ ଅଭିଯୋଗ କରିଛନ୍ତି, ଅଭିଯୁକ୍ତ ପ୍ରତୀକ ତାଙ୍କ ସ୍ୱାମୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସହ କୋର୍ଟଚାଲାଣ କରିଛି।

### ଚିଲିକାରୁ ୩୩୦ ଏକର ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୬।୮ (କୈଳାଶ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବୁଧବାର ସାହାବାଜପୁର, ବୁଦ୍ଧିବର, ଓଆଁଳୁଦା, ଡାଳଦଳା ବାହାର ଅଞ୍ଚଳରୁ ୩୩୦ ଏକର ଚିଲିକାରେ ହୋଇଥିବା ମାଟିବନ୍ଧ ଓ ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି। ଘେରି ଉଚ୍ଛେଦରେ ବ୍ୟବହୃତ ସାମଗ୍ରୀ ଜାଲ, କିଲା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି। କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ଉଚ୍ଛେଦରେ ଜେସିବି ସହିତ ୩୦ ଜଣ ଶ୍ରମିକ ସାମିଲ ଥିଲେ। ଶାନ୍ତିଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଫେସର ରାଜସ୍ୱ ନିରୀକ୍ଷକ ପ୍ରତୀକ ପଣ୍ଡା, କୃଷ୍ଣପ୍ରସାଦ ଥାନା ଏଏସଆଇ କୃତ୍ତିବାସ ବେହେରା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜିପିଏସ୍ ଅପରେଟର ତଥା ଫିସେରି ଏକ୍ସପୋଟର ଶୈବାଳ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରାଯିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ସେଠୀ ପ୍ରକାଶ କରିଛନ୍ତି।

# ଆଜିର ଦିନରେ ଶାନ୍ତି ଏକମାତ୍ର ବିକଳ୍ପ ହେଉ

## ହିରୋସିମା ଦିବସ ପାଳିତ

ପୁରୀ,୬।୮(ଅଜିତ୍ କୁମାର ମହାନ୍ତି)




ହିରୋସିମା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନୁଷ୍ଠାନର କର୍ମକର୍ତ୍ତାମାନେ।

ଇଣ୍ଟରନ୍ୟାସନାଲ ଆସୋସିଏଶନ ଫର୍ ଦି ଫିୟୁଚର ଅଫ ହ୍ୟୁମାନିଟି ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବୁଦ୍ଧମନ୍ଦିର ଠାରେ ହିରୋସିମା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଡ. ସଦାନନ୍ଦ ମିଶ୍ରଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଡ. ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଅଳକାନନ୍ଦା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିନାକ ମିଶ୍ର ଯୋଗଦେଇ ସମଗ୍ର ପୃଥିବୀରେ ବର୍ତ୍ତମାନ ଦେଖାଯାଉଥିବା ଅଶାନ୍ତ ପରିବେଶ ଉପରେ ଦୁଃଖ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ସଦାଶିବ ସଂସ୍କୃତ ସଂସ୍ଥାନର ନିର୍ଦ୍ଦେଶକ ପ୍ରଭାତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲେସ୍ ସାକ୍ରାମେଣ୍ଟ ସ୍କୁଲର ଛାତ୍ର ଅଂଶୁମାନ ପାଇକରାୟ ଓ ଛାତ୍ରୀ ଅଙ୍କିତା ଷଡ଼ଙ୍ଗୀ କିପରି ଆଣବିକ ବୋମା ଦ୍ୱାରା ବିଶ୍ୱ ଶାନ୍ତି ସମ୍ଭବ ନୁହେଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ରାଜେଶ ମିଶ୍ର ପରମାଣୁ ବୋମାର ବ୍ୟବହାର ଦ୍ୱାରା ପରବର୍ତ୍ତୀ ସମୟରେ ତାର ଭୟାବହତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି ଡା. ଅତୁଳ ନନ୍ଦ ଏବଂ ପୂର୍ବତନ ଅଧକ୍ଷ ସୌଭାଗ୍ୟ ସାହୁ ଆଜିର ଦିନରେ ଶାନ୍ତି ଏକମାତ୍ର ଜୀବନର ବିକଳ୍ପ ହେଉ ଓ ମନୁଷ୍ୟ ବିଶ୍ୱଭ୍ରାତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜାପାନର ୮ଜଣ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଦର୍ ବାପଟିଷ୍ଟ ଦିପୁଜା, ସାମାଜିକ କର୍ମୀ ଉଦୟନାଥ ପ୍ରତିହାରୀ, ବୋଷ୍ଟିପ୍ରିୟ ରବି ସାହୁ, ଅଶୋକ ପାତ୍ର, ଧବଳେଶ ମହାପାତ୍ର, ବିଶିଷ୍ଟ କଳାକାର ସଂଗଠକ ଶିବସୁନ୍ଦର ମିଶ୍ର, ବଳରାମ ଦାସ, ଡା. ନରହରି ମିଶ୍ର, ବ୍ୟୋମକେଶ ପ୍ରସାଦ ଆଦି ଯୋଗଦାନ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ତଥା ସାମାଜିକ କର୍ମୀ ହେମନ୍ତ ମିଶ୍ର ହିରୋସିମାରେ ପଡ଼ିଥିବା ପରମାଣୁ ବୋମାରେ କିପରି ୧୦ ସେକେଣ୍ଡ ମଧ୍ୟରେ କିପରି ୭୦ ହଜାର ଲୋକ ବାଷ୍ପ ହୋଇଗଲେ ଓ ତା'ର ଘଣ୍ଟାଏ ମଧ୍ୟରେ କଳା ବର୍ଷା ଯୋଗୁଁ ଆହୁରି ୧ଲକ୍ଷ ଏବଂ ପର ସମୟରେ ଆଉ ୨ଲକ୍ଷ ନିରୀହଙ୍କ ଜୀବନ ଯିବା ସମ୍ପର୍କରେ ସୂଚନା ଦେଇଥିଲେ।

# ଘରେ ୭ ଘଣ୍ଟା ପଡ଼ିରହିଲା ବୃଦ୍ଧଙ୍କ ମୃତଦେହ

## ଶ୍ମଶାନକୁ ନେବା ବେଳେ ଜବତ କଲା ପୋଲିସ

ଡେଲାଙ୍ଗ,୬।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅରିସଲ ପଞ୍ଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମରେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବଳଭଦ୍ର ବେହେରା (୭୫)। ଦୀର୍ଘ ୭ଘଣ୍ଟା ଧରି ମୃତଦେହ ଘରେ ପଡ଼ିରହିଥିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗାଁ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ। ଶ୍ମଶାନକୁ ମୃତଦେହ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଡେଲାଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଅନୁଯାୟୀ, ବୁଧବାର ବଳଭଦ୍ର ଡାକ୍ତରଖାନାରୁ ଘରକୁ ଫେରିବା ପରେ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଦୀର୍ଘ ସମୟ ଧରି ମୃତଦେହ ଘରେ ପଡ଼ିରହିବାରୁ ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା। ଅନ୍ୟପଟେ ବଳଭଦ୍ରଙ୍କ ପୁଅ ବାହାରେ ରହି କାମ କରୁଛନ୍ତି। ଘରେ ତାଙ୍କ ବୋହୂ, ନାତୁଣି ଓ ନାତୁଣି ଥାଇଁ ରହୁଛନ୍ତି। ଗତ କିଛିଦିନ ହେବ ଟଙ୍କା ପଇସାକୁ ନେଇ ତାଙ୍କ ପରିବାର ମଧ୍ୟରେ କଳହ ଲାଗିରହିଥିଲା, ଯାହାକୁ ନେଇ ଗତ ୨ଦିନ ତଳେ ସେମାନଙ୍କ ମଧ୍ୟରେ ମାରପିଟ ହୋଇଥିବା ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳୁଛି। ଫଳରେ ସେ ଅସୁସ୍ଥ ହୋଇପଡ଼ିବାରୁ ବୁଧବାର ସକାଳୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱରକୁ ପଠାଇଥିଲେ। ହେଲେ ପୂର୍ବାହ୍ନ ୧୧ଟା ସମୟରେ ପରିବାର ଲୋକେ ତାଙ୍କୁ ଗୋଟିଏ ଅଟୋରେ ଘରକୁ ନେଇ ଆସିଥିଲେ। ଘରେ ତାଙ୍କର ମୃତ୍ୟୁ ହୋଇଥିବା ଶୁଣିବାକୁ ମିଳୁଛି। ସନ୍ଦିହାନ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ତ୍ରୁଟିପୂର୍ଣ୍ଣ ସତ୍ୟପାଠ ନେଇ ଅଡ଼ୁଆରେ ପଞ୍ଚାୟତ ସମିତି ଅଧ୍ୟକ୍ଷା

ଅସ୍ତରଙ୍ଗ,୬।୮ (ମମତା ଜେନା)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅସ୍ତରଙ୍ଗ ପଞ୍ଚାୟତ ସମିତିଭ୍ୟା ଆରତି ନାୟକ ପ୍ରାର୍ଥୀପତ୍ର ଦାଖଲ ସମୟରେ ଦେଇଥିବା ତ୍ରୁଟିପୂର୍ଣ୍ଣ ସତ୍ୟପାଠକୁ ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ ହୋଇଛି। ଆରତି ନାୟକ ବର୍ତ୍ତମାନ ଅସ୍ତରଙ୍ଗ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଛନ୍ତି। ଜନସୂଚନା ଆଇନ ଆଧାରରେ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଆରତି ନାୟକ ତାଙ୍କ ନାମ ଓ ଉପନାମ ନେଇ ଏକାଧିକ ଦସ୍ତାବିଜ୍‌ରେ ଅସାମଞ୍ଜସ୍ୟ ତଥ୍ୟ ଦେଇଛନ୍ତି। କେଉଁଠି ତାଙ୍କ ନାମ 'ଆରତି ନାଏକ', କେଉଁଠି 'ଆରତି ନାୟକ' ଏବଂ ଓଡ଼ିଆରେ ମଧ୍ୟ କେଉଁଠି 'ଆରତା' ଲେଖିଥିବା ପ୍ରମାଣ ମିଳିଛି। ଏହି ଅସଙ୍ଗତି ତାଙ୍କ ପରିଚୟ ଉପରେ ଗଭୀର ପ୍ରଶ୍ନ ଉଠାଉଛି। ୨୩ ଜୁଲାଇ ୨୦୨୫ରେ ଏହି ଅଭିଯୋଗ ଅଧ୍ୟାପକ ଡ. ଲକ୍ଷ୍ମୀଧର ବିଶ୍ୱାଳ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିଛନ୍ତି। ସମିତିଭ୍ୟା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କର ସମାନ୍ତରାଳ ବିଷୟରେ ରାୟ ଓ ପଞ୍ଚାୟତ ନିର୍ବାଚନ ଆଇନ ଏବଂ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଓ ନାମାଙ୍କନକୁ ନେଇ ଆରତି ନାୟକଙ୍କ ପ୍ରାର୍ଥୀପତ୍ର ଦାଖଲ ସହିତ ତାଙ୍କ ସମିତିଭ୍ୟା ପଦକୁ ରଦ୍ଦ କରି ଏବଂ ତଦନ୍ତ ଶେଷ ଓ ଫଳାଫଳ ଆସିବା ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୂପେ ଦୈନନ୍ଦିନ ବ୍ୟାପାରରୁ ତାଙ୍କୁ ନିଲମ୍ବନ କରିବା ପାଇଁ ଦାବି କରିଛନ୍ତି। ୩୦ ଜୁଲାଇ ୨୦୨୫ରେ ଓଡ଼ିଶା ନିର୍ବାଚନ ଆୟୋଗ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ ଦୁର୍ବୃତ୍ତ

ନିମାପଡ଼ା,୬।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ କିଆଁଳିଆ ଗ୍ରାମ ରାସ୍ତାରେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନାଚେନ୍ ଲୁଟି ନେଇଥିବା ଜଣାପଡ଼ିଛି। କିଆଁଳିଆ ଗ୍ରାମର ସୌଦାମିନୀ ପ୍ରଧାନ (୬୦) ମଙ୍ଗଳବାର ସକାଳେ ଦାଣ୍ଡଦୁଆରେ ବସି ନାତିକୁ ଖେଳାଉଥିବାବେଳେ ୨ ଲୁଟେରା ଏକ ବାଇକ୍‌ରେ ଆସି ମହିଳାଙ୍କ ପାଖରେ ପହଞ୍ଚି ତାଙ୍କ ସହ କଥାହେବା ବେଳେ ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇ ପଳାଇଥିଲେ। ଏନେଇ ସୌଦାମିନୀଙ୍କ ସ୍ୱାମୀ ରାଜକିଶୋର ପ୍ରଧାନ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କ ରାଜକିଶୋରଙ୍କ ସିସିଟିଭି ଫୁଟେଜ୍‌କୁ ଆଧାରକରି ଘଟଣାର ତଦନ୍ତ ଚଳାଇଛନ୍ତି। ଲୁଟ୍ ସୁନାଚେନ୍‌ଟି ୨ ଭରି ଓଜନର ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।



**RAVENSHAW UNIVERSITY**
**CUTTACK-753003, ODISHA**

No.CAD-1410

**ADVERTISEMENT FOR ENGAGEMENT OF RETIRED PROFESSORS/RETIRED ASSOCIATE PROFESSORS/ ADJUNCT PROFESSOR/ PROFESSOR OF EMERITUS/PROFESSOR OF PRACTICE/ DISTINGUISHED FACULTIES/ GUEST FACULTIES (ASST. PROFESSORS)**

Applications are invited from the eligible candidates to fill up the vacancies against the approved posts as per Order No.4477/HE dated 01.02.2024 and additional faculty positions as per Order No.4478/ HE dated 01.02.2024. Interested candidates are required to apply in the prescribed format along with relevant documents. The application in a sealed envelope must reach the Office of the Registrar on or before 18.08.2025 by 05.00 P.M. For details please visit website: www.ravenshawuniversity.ac.in. Addendum/ Corrigendum if any, shall be published only on the University website.

No.3101/ Date:04.08.2025

Registrar

OIPR-11008/11/0035/2526

**ROGI KALYAN SAMITI, CHC KANAS, PURI- 752017**

**DIET TENDER NOTICE**

No.E-294: Rogi Kalyan Samiti, CHC Kanas, Puri invites tender from the eligible registered diet preparation and catering firm/ agency/SHGs to the indoor patients admitting at CHC Kanas, Puri on annual contract basis. Details of tender paper and term of reference will be available online in https://puri.odisha.gov.in and official website of CHC Kanas https://chckanaspuri.in.The sealed tender should be reached before **2.00 PM on dated 18/08/2025** at the address of **"Superintendent, CHC Kanas, Puri -752017"** by speed post/ regd. Post/by hand. The Tender will be opened before the Diet Committee on 18/08/2025 at 3.00 PM.

**Sd./- Superintendent-cum-Member Secretary**
**Rogi Kalyan Samiti, CHC Kanas, Puri**

OIPR-10272/11/0001/2526

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-1394

**No.-CHEP/TW-132 (Vol.-II)/3016 Date: 06.08.2025**

**TENDER CALL NOTICE NO.-CHEP-25/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Agencies meeting Eligibility Criteria only for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Photocopying of official documents of various sizes of CHEP, Chiplima | Rs.4,720/- (Rs.4,000/- + GST @18%) | Rs.5,13,840.00 / EMD = Rs.5,150.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.08.08.2025 up to 12:30 PM of dtd.19.08.2025.**

OIPR-04006/11/0097/2526

Sd/- C & P Head, CHEP, Chiplima

**NATIONAL HEALTH MISSION**
**ZILLA SWASTHYA SAMITI, DEOGARH**

Advt. No.1943 Dt.06.08.2025

